

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

ଯା ଦେବୀ ସର୍ବଭୂତେଷୁ...

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୦୩ ଜୁଲାଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 03 July 2026

Vol.No. 36 ■ No.173 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON- 2026

SAI SADHANA SCIENCE COLLEGE

+2 Sc. & +2 Arts

SAI SADHANA COLLEGE OF BASIC SCIENCE (+3)

(HONS- PHYSICS, CHEMISTERY, MATHEMATICS, BOTANY, COMPUTER SCIENCE, ZOOLOGH, GEOLOGY, MICROBIOLOGY)

Dibyasingpur, UDALA

100% first class result-2026

Contact No: 9437294587, 9437443950, 9937557158


# ନ୍ୟାୟ ପ୍ରକ୍ରିୟାରେ ଏଆଇ ବ୍ୟବହାରକୁ ନେଇ ସୁପ୍ରିମ୍‌କୋର୍ଟଙ୍କ କଡ଼ା ସତର୍କବାଣୀ



ନୂଆଦିଲ୍ଲୀ,୨/୭ : ନ୍ୟାୟ ପ୍ରକ୍ରିୟାରେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ)ର ଅନିୟନ୍ତ୍ରିତ ବ୍ୟବହାରକୁ ନେଇ ସୁପ୍ରିମ୍‌କୋର୍ଟ ଗୁରୁତର ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏକ ଗୁରୁତ୍ୱପୂର୍ଣ୍ଣ ରାୟରେ ଅଦାଲତ କହିଛନ୍ତି ଯେ, ଏଆଇ ଦ୍ୱାରା ସୃଷ୍ଟ ମିଥ୍ୟା, ଅସ୍ତିତ୍ୱହୀନ କିମ୍ବା 'ହାଲୁସିନେସନ୍' ଆଧାରିତ ଆଇନଗତ ତଥ୍ୟକୁ ନ୍ୟାୟିକ ନିଷ୍ପତ୍ତିର ଆଧାର କରିବା ଅତ୍ୟନ୍ତ ବିପଜ୍ଜନକ। ଏଭଳି ପ୍ରବୃତ୍ତି ନ୍ୟାୟ ବ୍ୟବସ୍ଥାର ବିଶ୍ୱସନୀୟତା ଓ ନିଷ୍ପକ୍ଷତାକୁ ଗଭୀର ଭାବେ କ୍ଷତିଗ୍ରସ୍ତ କରିପାରେ। ନ୍ୟାୟମୂର୍ତ୍ତି ପିଏସ୍ ନରସିଂହ ଓ ଆଲୋକ ଆରାଧେଙ୍କ ଖଣ୍ଡପୀଠ ଏହି ମତ ପ୍ରକାଶ କରିବା ସହ ନ୍ୟାସନାଲ କମ୍ପାନି ଲ' ଟ୍ରିବ୍ୟୁନାଲ୍ (ଏନ୍‌ସିଏଲ୍‌ଟି) ଓ ନ୍ୟାସନାଲ କମ୍ପାନି ଲ' ଆପେଲେଟ୍ ଟ୍ରିବ୍ୟୁନାଲ୍ (ଏନ୍‌ସିଏଲ୍‌ଏଟି)ଙ୍କ ଏକ ରାୟକୁ ବାତିଲ କରିଛନ୍ତି। ଅଦାଲତଙ୍କ ନଜରକୁ ଆସିଥିଲା ଯେ, ଏସେଲ୍ ଇନ୍‌ଫ୍ରାପ୍ରୋଜେକ୍ଟସ୍‌ର ଦେବାଳିଆ ପ୍ରକ୍ରିୟା ସମ୍ପର୍କିତ ମାମଲାରେ ଏନ୍‌ସିଏଲ୍‌ଟି ଏଆଇ ଦ୍ୱାରା ସୃଷ୍ଟ କେତେକ ନକଲି ଓ ଅସ୍ତିତ୍ୱହୀନ ପୂର୍ବ ରାୟକୁ ଆଧାର କରି ନିଷ୍ପତ୍ତି ଦେଇଥିଲେ। ସୁପ୍ରିମ୍‌କୋର୍ଟ କହିଛନ୍ତି, ଏପରି ତଥ୍ୟ ଉପରେ ଭରସା କରି ଦିଆଯାଇଥିବା ରାୟ ନ୍ୟାୟ ପ୍ରକ୍ରିୟାର ସ୍ୱଚ୍ଛତା ଓ ଅଖଣ୍ଡତାକୁ କ୍ଷୁଣ୍ଣ କରେ। ଖଣ୍ଡପୀଠ ଏଆଇ ଦ୍ୱାରା ସୃଷ୍ଟ ଭୁଲ ତଥ୍ୟକୁ ଆଇନ କ୍ଷେତ୍ରରେ 'ଅଦୃଶ୍ୟ, କୁଟିଳ ଓ ବିଧ୍ୱଂସକାରୀ' ବୋଲି ବର୍ଣ୍ଣନା କରିଛନ୍ତି। ଅଦାଲତ କହିଛନ୍ତି, ଏହାର ପ୍ରଭାବ ଆରମ୍ଭରେ ଧରାପଡ଼ିନପାରେ, କିନ୍ତୁ ପରେ ଏହା ନ୍ୟାୟ ବ୍ୟବସ୍ଥାର ମୂଳ ଭିତ୍ତିକୁ ଦୁର୍ବଳ କରିପାରେ। ଏଆଇ ଆଧୁନିକ କାର୍ଯ୍ୟପ୍ରଣାଳୀକୁ ଦ୍ରୁତ ଓ ସହଜ କରିପାରେ, କିନ୍ତୁ ଏହା ମଣିଷର ଚିନ୍ତା, ବିଚାରଶକ୍ତି ଓ ନିଷ୍ପତ୍ତି ନେବାର କ୍ଷମତାର ବିକଳ୍ପ ହୋଇପାରିବ ନାହିଁ। ସୁପ୍ରିମ୍‌କୋର୍ଟ କହିଛନ୍ତି, ଅଦାଲତରେ ଏଆଇକୁ କେବଳ ସହାୟକ ଉପକରଣ ଭାବେ ବ୍ୟବହାର କରାଯାଇପାରିବ। କିନ୍ତୁ ନ୍ୟାୟିକ ବିଚାର, ଆଇନର ବ୍ୟାଖ୍ୟା ଓ ଅନ୍ତିମ ନିଷ୍ପତ୍ତି ଉପରେ ମଣିଷର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରହିବା ଅନିବାର୍ଯ୍ୟ। ବିଚାରପତି ଓ ଆଇନଜୀବୀମାନେ ଏଆଇରୁ ମିଳୁଥିବା ସମସ୍ତ ତଥ୍ୟକୁ ସ୍ୱାଧୀନ ଭାବେ ଯାଞ୍ଚ କରିବା ପରେ ବ୍ୟବହାର କରିବା ଉଚିତ। ନକଲି କିମ୍ବା ଯାଞ୍ଚ ହୋଇ ନ ଥିବା ଏଆଇ-ସୃଷ୍ଟ ରାୟକୁ ଅଦାଲତରେ ଦାଖଲ କିମ୍ବା ଉଦ୍ଧୃତ କରିବା ପ୍ରତି 'ଶୂନ୍ୟ ସହନଶୀଳତା' ନୀତି ଗ୍ରହଣ କରିବାକୁ ଅଦାଲତ ମତ ଦେଇଛନ୍ତି। ଏହା ସହ ଏଆଇର ବ୍ୟବହାର ସମ୍ପର୍କରେ ବିସ୍ତୃତ ନୀତି ପ୍ରସ୍ତୁତ କରିବା ଓ ଏ ବିଷୟରେ ସୁପାରିସ ଦେବା ପାଇଁ ବାର୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆକୁ ଏକ ବିଶେଷ କମିଟି ଗଠନ କରିବାକୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

## ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର: ପ୍ରଭାବରେ ରାଜ୍ୟରେ ପାଞ୍ଚ ଦିନ ଧରି ହୋଇପାରେ ପ୍ରବଳ ବର୍ଷା



ଭୁବନେଶ୍ୱର, ୦୨/୭ (ନି.ପ୍ର): ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉତ୍ତର ଓଡିଶା ଉପରେ ସୃଷ୍ଟି ହେଇଛି ଲଘୁଚାପ କ୍ଷେତ୍ର । ଆସନ୍ତାକାଲି ସକାଳ ଯାଏଁ ବଲାଙ୍ଗୀର, ବରଗଡ଼, ସୋନପୁର, କନ୍ଧମାଳ, ନୂଆପଡା, ନବରଙ୍ଗପୁର, ମାଲକାନଗିରି, କୋରାପୁଟ, ବୌଦ୍ଧକୁ ଦୁଇ ଶହ ମିଲିମିଟର ପ୍ରଯ୍ୟନ୍ତ ଅତିପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ଏହା ବାଦ ଅନ୍ୟ ସମସ୍ତ ଜିଲ୍ଲାରେ ବି ବର୍ଷା ଲାଗିରହିବ । ଲଘୁଚାପ ପ୍ରଭାବରେ ଲଗାତାର ଭାବେ ଦକ୍ଷିଣ ଓଡିଶାକୁ ବର୍ଷା ଆଲର୍ଟ ଦିଆଯାଇଛି । ସେହିପରି ଆସନ୍ତାକାଲିଠୁ ବର୍ଷାର ପରିମାଣ ବଢ଼ିବା ସହ ୨ ଜିଲ୍ଲା ମାଲକାନଗିରି ଓ କୋରାପୁଟକୁ ଅତ୍ୟନ୍ତ ପ୍ରବଳ ବର୍ଷା ନେଇ ରେଡ୍ ଆଲର୍ଟ ଜାରି ହୋଇଛି । ସେହିପରି ୪ ଜିଲ୍ଲାକୁ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ଆଲର୍ଟ ଓ ୧୨ ଜିଲ୍ଲାକୁ ପ୍ରବଳ ବର୍ଷା ନେଇ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ ବିଭାଗ । ମୌସୁମୀ ଜନିତ ଟ୍ରଫ୍ ଲାଇନ, ପଶ୍ଚିମ ରାଜସ୍ଥାନରେ ସୃଷ୍ଟି ହୋଇଥିବା ଋତୁକାଳୀନ ଲଘୁଚାପ କ୍ଷେତ୍ର ମଧ୍ୟ ଦେଇ ମଧ୍ୟପ୍ରଦେଶ, ଓଡ଼ିଶା ଏବଂ ଏହାପରେ ଉତ୍ତର ବଙ୍ଗୋପସାଗର ପର୍ଯ୍ୟନ୍ତ ଲମ୍ବିଛି । ◆◆ପୃଷ୍ଠା ୭

## ଡାକ୍ତରଙ୍କୁ ସରକାରଙ୍କ ଅନୁରୋଧ: ଆନ୍ଦୋଳନ ଛାଡ଼ି ଆଲୋଚନା କର

ଭୁବନେଶ୍ୱର, ୦୨/୭ (ନି.ପ୍ର): ଆନ୍ଦୋଳନରତ ଡାକ୍ତରମାନଙ୍କୁ ତୁରନ୍ତ ଆନ୍ଦୋଳନ ପ୍ରତ୍ୟାହାର କରି କାର୍ଯ୍ୟରେ ଯୋଗଦେବା ସହ ଆଲୋଚନାରେ ଯୋଗ ଦେବାକୁ ସରକାର ଅନୁରୋଧ କରିଛନ୍ତି। ଯଦି ରୋଗୀସେବା ବ୍ୟାହତ ହୁଏ ତେବେ ଆଇନାନୁସାରେ ପଦକ୍ଷେପ ନେବେ ବୋଲି ସରକାର ଚେତାଇ ମଧ ଦେଇଛନ୍ତି। ସ୍ୱାସ୍ଥ୍ୟ ବିଭାଗର ପକ୍ଷରୁ ଜାରି ପ୍ରେସ୍ ସୂଚନାରେ ଦର୍ଶାଯାଇଛି, ଡାକ୍ତରଙ୍କ ଧର୍ମଘଟ ଆରମ୍ଭ ହେବା ପୂର୍ବରୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ବିଭାଗୀୟ କମିଶନର ତଥା ଶାସନ ସଚିବ ଏବଂ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ପ୍ରମୁଖ ଓଡ଼ିଶା ମେଡିକାଲ ସର୍ଭିସେସ୍ ଆସୋସିଏସନ (ଓଏମ୍‌ସା) ପ୍ରତିନିଧିମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ। ବିଭାଗ ତରଫରୁ ମଧ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା ଜାରି ରହିଥିଲା। ଡାକ୍ତରଙ୍କ ଉଚ୍ଚଶିକ୍ଷା ପାଇଁ ସରକାର ଅନେକ ସୁବିଧା କରିଛନ୍ତି । ରାଜ୍ୟ ସରକାର ସର୍ବଦା ଡାକ୍ତରମାନଙ୍କ ଯୁକ୍ତିସଙ୍ଗତ ଦାବି ପ୍ରତି ସମ୍ବେଦନଶୀଳ ରହିଛନ୍ତି। କିନ୍ତୁ ରୋଗୀଙ୍କ ସ୍ୱାର୍ଥ ଓ ନିରବଚ୍ଛିନ୍ନ ସ୍ୱାସ୍ଥ୍ୟ ସେବାକୁ ସର୍ବାଧିକ ପ୍ରାଥମିକତା ଦିଆଯାଉଛି। ସେଥିପାଇଁ ଆନ୍ଦୋଳନରତ ଡାକ୍ତରମାନଙ୍କୁ ତୁରନ୍ତ କାର୍ଯ୍ୟରେ ଯୋଗଦେବାକୁ ଜଣାଇ ଦିଆଯାଇଛି। ସେମାନେ କାର୍ଯ୍ୟରେ ଯୋଗଦେବା ପରେ ସେମାନଙ୍କ ଦାବିଗୁଡ଼ିକ ଉପରେ ଗଠନମୂଳକ ଆଲୋଚନା କରିବାକୁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛନ୍ତି। 'ସେବା ହିଁ ପରମ ଧର୍ମ' ଏହାକୁ ପାଥେୟ କରି ଆନ୍ଦୋଳନରତ ଡାକ୍ତରମାନଙ୍କୁ ଅନୁରୋଧ ,ସେମାନେ ଆନ୍ଦୋଳନ ପ୍ରତ୍ୟାହାର କରି ପୂର୍ବଭଳି ରୋଗୀସେବା ଜାରି ରଖନ୍ତୁ । ଯଦି ରୋଗୀଙ୍କ ସ୍ୱାର୍ଥ ଓ ସ୍ୱାସ୍ଥ୍ୟ ସେବା ବ୍ୟାଘାତ ହୁଏ ତା ହେଲେ ସରକାର ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ପାଇଁ ବାଧ୍ୟ ହେବେ।

## ୨୭ ବର୍ଷ ପରେ ଏକାଠି ହେବେ କଂଗ୍ରେସ ଏବଂ ଶରଦ ପାୱାର



ନୂଆଦିଲ୍ଲୀ,୨/୭ :ଖୁବ୍‌ଶୀଘ୍ର ମହାରାଷ୍ଟ୍ର ରାଜନୀତିରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିବ। ରିପୋର୍ଟ ଅନୁଯାୟୀ ବରିଷ୍ଠ ନେତା ଶରଦ ପାୱାରଙ୍କ ଏନ୍‌ସିପି (ଏସ୍‌ପି) ଏବଂ କଂଗ୍ରେସ ଏବେ ଏକାଠି ହେବାପାଇଁ ପ୍ରସ୍ତୁତ ହେଉଛନ୍ତି। କିନ୍ତୁ କୌଣସି ବି ଦଳ ଏନେଇ ଔପଚାରିକ ଭାବେ କିଛି ଘୋଷଣା କରିନାହାନ୍ତି। ଏନେଇ ଏକ ନିଷ୍କର୍ସରେ ପହଞ୍ଚିବାପାଇଁ ଆଲୋଚନା ଏବଂ ବିଚାରବିମର୍ଶ ଜାରି ରହିଥିବା ଜଣାପଡ଼ିଛି। ତେବେ ଏହା କେବଳ ମହାରାଷ୍ଟ୍ର ଶାଖାରେ ସୀମିତ ରହିଛି। ରାଜ୍ୟ ସ୍ତରରେ ବୁଝାମଣା ଚୂଡ଼ାନ୍ତ ହେବାପରେ ଦିଲ୍ଲୀରେ ହାଇ କମାଣ୍ଡ ଏନେଇ ଖୋଲାଖୋଲି ଭାବେ ଘୋଷଣା କରିବେ ବୋଲି କୁହାଯାଉଛି। କିନ୍ତୁ କୌଣସି ଦଳ ଏହି ଘଟଣା ସଂକ୍ରାନ୍ତରେ ଖୋଲାଖୋଲି ଭାବେ କିଛି ସ୍ପଷ୍ଟ କରିନାହାନ୍ତି। ତେବେ ଶରଦ ପାୱାର ଏବଂ କଂଗ୍ରେସ ୨୭ ବର୍ଷ ପରେ ଏକାଠି ହେବାକୁ ଯାଉଛନ୍ତି। ୧୯୯୯ରେ ପାୱାର ଅବିଭାଜିତ ନ୍ୟାସନାଲିଷ୍ଟ ◆◆ପୃଷ୍ଠା ୭

## ବିଜେଡିର ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ହାଇକୋର୍ଟ ଝଟକା

ଭୁବନେଶ୍ୱର, ୦୨/୭ (ନି.ପ୍ର): ବିଜେଡିର ପୂର୍ବତନ ବିଧାୟକ ତଥା ଏବେ ବିଜେଡିର ବିଦ୍ରୋହୀ ନେତା ପ୍ରଭାତ ବିଶ୍ୱାଳଙ୍କୁ ଓଡ଼ିଶା ହାଇକୋର୍ଟରୁ ବଡ଼ ଝଟକା ମିଳିଛି । ଚିଟଫଣ୍ଡ ମାମଲାରେ ସିବିଆଇ କୋର୍ଟରେ ଚାଲିଥିବା କେସ ଖାରଜ କରିବା ନେଇ ପ୍ରଭାତ ବିଶ୍ୱାଳ ହାଇକୋର୍ଟରେ ଆବେଦନ କରିଥିଲେ । କୋର୍ଟ ଆଜି ତାଙ୍କର ଏହି ଆବେଦନକୁ ଖାରଜ କରିବା ସହ ୬ ମାସ ମଧ୍ୟରେ ଏହି ମାମଲା ଶେଷ କରିବାକୁ ସିବିଆଇକୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଥାଉ କି, ସି ସୋର ଚିଟଫଣ୍ଡ କମ୍ପାନି ସହ ଅର୍ଥ ହେରଫେର ନେଇ ପ୍ରଭାତ ବିଶ୍ୱାଳ ଓ ତାଙ୍କ ପତ୍ନୀ ◆◆ପୃଷ୍ଠା ୭

## ଓଡ଼ିଶାରେ ହେବ ମେଗା ଆଲୁମିନିୟମ୍ ପ୍ଲାଣ୍ଟ: ନିବେଶ ହେବ ୧ ଲକ୍ଷ ୧ ହଜାର କୋଟି



ଭୁବନେଶ୍ୱର, ୦୨/୭ (ନି.ପ୍ର): ଓଡ଼ିଶା ଶିଳ୍ପ ଇତିହାସର ସ୍ୱର୍ଣ୍ଣିମ ଅଧ୍ୟାୟ ଆରମ୍ଭ ହୋଇଛି । ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିବେଶକମାନଙ୍କ ଓଡିଶା ପ୍ରତି ଆକର୍ଷଣ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ୟୁଏଇର ଆଇଏଚସି ଗ୍ରୁପ୍ ସହ ୧.୧୦ ଲକ୍ଷ କୋଟି ଟଙ୍କାର ମେଗା ଆଲୁମିନିୟମ୍ ପ୍ରକଳ୍ପ ପାଇଁ ଗକ୍ସଟ ସ୍ୱାକ୍ଷରିତ ହୋଇଛି । ଯାହା ଓଡିଶାର ଯୁବବର୍ଗଙ୍କ ପାଇଁ ବଡ଼ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ । 'ସମୃଦ୍ଧ ଓଡ଼ିଶା ୨୦୩୬' ସଂକଳ୍ପ ଦିଗରେ ବଡ଼ ପଦକ୍ଷେପ ନେଇଛନ୍ତି ରାଜ୍ୟ ସରକାର । ଓଡ଼ିଶାରେ ହେବ ଦେଶର ବୃହତ ବିଦେଶୀ ପୁଞ୍ଜି ନିବେଶ । ଆଜି ଲୋକସେବା ଭବନରେ ୟୁଏଇର ପ୍ରତିଷ୍ଠିତ ବ୍ୟବସାୟିକ ପ୍ରତିଷ୍ଠାନ ଇଣ୍ଟରନ୍ୟାସନାଲ୍ ହୋଲ୍ଡିଂ କମ୍ପାନୀ ଓ ଓଡ଼ିଶା ସରକାର ମଧ୍ୟରେ ଏକ ମେଗା ଆଲୁମିନିୟମ୍ ପ୍ରକଳ୍ପ ପାଇଁ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି । ସୁନ୍ଦରଗଡ଼ ଏବଂ ରାୟଗଡ଼ାରେ ଆଲୁମିନିୟମ ପ୍ଲାଣ୍ଟ ପାଇଁ କମ୍ପାନି ନିବେଶ କରିବ ୧ ଲକ୍ଷ ୧ ହଜାର କୋଟି । ଏହି ମେଗା ପ୍ରକଳ୍ପ ଦ୍ୱାରା ୫୩,୫୦୦ରୁ ଊର୍ଦ୍ଧ୍ୱ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଆଦାନୀ ଏଣ୍ଟର ପ୍ରାଇଜେସ ଲିମିଟେଡ୍ ଏବଂ ଏହାର ଅନ୍ତରାଷ୍ଟ୍ରୀୟ ସହଯୋଗୀ କମ୍ପାନୀ ଆଇଏଚି ମିଳିମିଶି ଓଡ଼ିଶାରେ ଏହି ନିବେଶ କରିବେ । ଏହି ପ୍ରକଳ୍ପ ମାଧ୍ୟମରେ ଓଡ଼ିଶାରେ ବକ୍ସାଇଟ୍ ଖଣି କାର୍ଯ୍ୟ, ଆଲୁମିନା ରିଫାଇନିଂ, ଆଲୁମିନିୟମ୍ ସ୍ମେଲଟିଙ୍ଗ, କ୍ୟାପ୍ଟିଭ୍ ପାୱାର୍ ପ୍ଲାଣ୍ଟ ସମେତ ଡାଉନ୍‌ଷ୍ଟ୍ରିମ୍ ଆଲୁମିନିୟମ୍ ଉତ୍ପାଦନ ଓ ଭିତ୍ତିଭୂମିର ବିକାଶ କରାଯିବ । ◆◆ପୃଷ୍ଠା ୭

## କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ ପାଇଁ ବ୍ୟାପକ ପ୍ରସ୍ତୁତି



ନୂଆଦିଲ୍ଲୀ,୨/୭ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମନ୍ତ୍ରିମଣ୍ଡଳରେ ଏକ ବଡ଼ ଧରଣର ପୁନର୍ଗଠନ ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଚଳିତ ଜୁଲାଇ ତୃତୀୟ ସପ୍ତାହ ସୁଦ୍ଧା ଏହି ମେଗା ଅଦଳବଦଳ ହେବା ନେଇ ଜୋରଦାର ପ୍ରସ୍ତୁତି ଚାଲିଛି। ଜୁଲାଇ ୨୧ରେ ଆରମ୍ଭ ହେବାକୁ ଥିବା ସଂସଦର ଆଗାମୀ ମୌସୁମୀ ଅଧିବେଶନ ପୂର୍ବରୁ କିମ୍ବା ଏହାର ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀମାନଙ୍କ କାର୍ଯ୍ୟଦକ୍ଷତା ସମୀକ୍ଷା କରାଯାଇଥିବା ବେଳେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଶେଷ ହୋଇଛି। ବିଜେପି ଜାତୀୟ ସଭାପତି ନିତିନ ନବୀନଙ୍କ ନୂତନ ଦଳୀୟ ସଂଗଠନ ସହ ସମନ୍ୱୟ ରକ୍ଷା କରି ସରକାରରେ ଏହି ବଡ଼ ପରିବର୍ତ୍ତନ କରାଯାଉଛି। ବିଜେପିର ସାଂଗଠନିକ ନୀତି ଅନୁଯାୟୀ କେନ୍ଦ୍ର ମନ୍ତ୍ରୀ ପଙ୍କଜ ଚୌଧୁରୀଙ୍କୁ ଉତ୍ତର ପ୍ରଦେଶ ଏବଂ ହର୍ଷ ମାଲହୋତ୍ରାଙ୍କୁ ଦିଲ୍ଲୀ ବିଜେପିର ସଭାପତି ଦାୟିତ୍ୱ ମିଳିଥିବାରୁ 'ଜଣେ ବ୍ୟକ୍ତି, ଗୋଟିଏ ପଦ' ନୀତି ଆଧାରରେ ସେମାନଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦେବା ପ୍ରକ୍ରିୟା ଆରମ୍ଭ ହୋଇଛି। ଅନ୍ୟପଟେ, ଜୁନ୍ ୨୧ରେ ରାଜ୍ୟସଭା କାର୍ଯ୍ୟକାଳ ଶେଷ ହୋଇଥିଲେ ମଧ ପଞ୍ଜାବ ବିଧାନସଭା ନିର୍ବାଚନ ରଣନୀତିକୁ ଦୃଷ୍ଟିରେ ରଖି ◆◆ପୃଷ୍ଠା ୭

## ପ୍ରକାଶ ପାଇଲା ପିଜି ପ୍ରବେଶିକା ପରୀକ୍ଷା ଫଳ

ଭୁବନେଶ୍ୱର, ୦୨/୭ (ନି.ପ୍ର): ପିଜି ପ୍ରବେଶିକା ପରୀକ୍ଷା (କମନ୍ ପିଜି ଏଂଟ୍ରାନ୍ସ ଟେଷ୍ଟ-୨୦୨୬) ରେଜଲ୍ଟ ପ୍ରକାଶିତ ହୋଇଛି। ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ନିଜର ପରୀକ୍ଷାଫଳ ଦେଖିପାରିବେ, ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସ୍ନାତକୋତର ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ କମନ୍ ◆◆ପୃଷ୍ଠା ୭


B.I.T. POLYTECHNIC, BALASORE

(A Sister Concern of Samalpur ITI, Balasore)

DIPLOMA ENGG COURSES

- Mechanical Engineering
- Electrical Engineering
- Civil Engineering
- E. & T. C. Engineering
- Comp. Sc. & Engineering

ITI TRADE

● Electrician ● Fitter ● Welder ● R & AC

Walk-In-Interview on Dated : 08-06-2026 (Monday)

| FACULTY RECRUITMENT | Lecture in all above Branches | Lab Technician in all above Branches | Clerk & Hostel Superintendent |
|---|---|---|---|

Place of Interview : IET Samalpur, Balasore

Contact : 9861947995, 8270317712

E-mail : bit_balasore@rediffmail.com

# ଆସନ୍ତା ଖରିଫ-୨୦୨୬ ପାଇଁ ଝାରସୁଗୁଡା ଜିଲ୍ଲା କୃଷି ରଣନୀତି ବୈଠକ ଅନୁଷ୍ଠିତ

ଝାରସୁଗୁଡ଼ା, ୦୨/୦୭ (ନି.ପ୍ର): ଝାରସୁଗୁଡା ଜିଲ୍ଲାରେ ଆସନ୍ତା ଖରିଫ-୨୦୨୬ ଋତୁ ପାଇଁ ଜିଲ୍ଲା କୃଷି ରଣନୀତି ବୈଠକ ଜିଲ୍ଲାପାଳ, ଝାରସୁଗୁଡା କୁଣକ୍ଷଲ ମୋତିରାମ ଚତ୍ୱାଣଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ ଝାରସୁଗୁଡା ଚଳିତ ଖରିଫ ଋତୁ ପାଇଁ ଜିଲ୍ଲାର କୃଷି ରଣନୀତି ସମ୍ପର୍କରେ ସବିଶେଷ ବିବରଣୀ ଉପସ୍ଥାପନ ପ୍ରଦାନ କରିଥିଲେ। ଏହି ବୈଠକରେ ସମବାୟ ବିଭାଗର ଉପ-ନିବନ୍ଧକ, କୃଷି ବିଜ୍ଞାନ କେନ୍ଦ୍ର (କଠକ)ର ବୈଜ୍ଞାନିକ, ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ, ଜଳସେଚନ ବିଭାଗର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ଉପସ୍ଥାପନା ସମୟରେ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ସମ୍ଭାବ୍ୟ ଏଲ୍-ନିନୋ ପ୍ରଭାବ ଏବଂ ସ୍ୱଳ୍ପ ବର୍ଷା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାର ପ୍ରସ୍ତୁତି ଯୋଜନା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ। ଏଥିରେ ବିହନ ସଂରକ୍ଷଣ ନୀତି, କମ୍ୟୁନିଟି ନର୍ସରୀ ସ୍ଥାପନ, ବିରି ଓ ମୁଗ ଭଳି ଅଣଧାନ ଫସଲର ବିହନ ମହଜୁଦ ଏବଂ ଗ୍ରାମ ପଂଚାୟତ ସ୍ତରରେ କୃଷକ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ଭଳି ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଉପସ୍ଥାପନା ପରେ ଜିଲ୍ଲାପାଳ ଶ୍ରୀ ଚତ୍ୱାଣ ସମ୍ଭାବ୍ୟ ଏଲ୍-ନିନୋ ଜନିତ ସ୍ୱଳ୍ପ ବର୍ଷା ପରିସ୍ଥିତିକୁ ସଫଳତାର ସହ ସାମ୍ନା କରିବା ପାଇଁ କୃଷି ବିଭାଗ ଓ ଜଳସେଚନ ବିଭାଗ ମଧ୍ୟରେ ଘନିଷ୍ଠ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ସେ ଚାଷୀମାନଙ୍କ ସ୍ୱାର୍ଥକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମସ୍ତ ସମ୍ପୃକ୍ତ ବିଭାଗ ମିଳିତ ଭାବେ କାର୍ଯ୍ୟକରି ସମସ୍ତ ପ୍ରସ୍ତୁତି ଯୋଜନାକୁ ସମଯୋପଯୋଗୀ ଭାବେ କାର୍ଯ୍ୟକାରୀ କରିବାକୁ ଆହ୍ୱାନ ଜଣାଇଥିଲେ। ବୈଠକରେ ଖରିଫ-୨୦୨୬ ଋତୁ ପାଇଁ କୃଷକମାନଙ୍କୁ ଆବଶ୍ୟକୀୟ କୃଷି ଆଦାନ ସମୟରେ ଯୋଗାଣ, ବୈଜ୍ଞାନିକ ଚାଷ ପଦ୍ଧତିର ପ୍ରସାର, ବିକଳ୍ପ ଫସଲ ଚାଷକୁ ପ୍ରୋତ୍ସାହନ ଏବଂ ସମ୍ଭାବ୍ୟ ପ୍ରତିକୂଳ ପାଣିପାଗ ପରିସ୍ଥିତିର ମୁକାବିଲା ପାଇଁ ସମନ୍ୱିତ କାର୍ଯ୍ୟଯୋଜନା ଅନୁଯାୟୀ ପଦକ୍ଷେପ ଗ୍ରହଣ ଉପରେ ମଧ ଆଲୋଚନା କରାଯାଇଥିଲା ।

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବଲାଙ୍ଗୀର, ୦୨/୦୭ (ନି.ପ୍ର): ବଲାଙ୍ଗୀରର ପ୍ରାକ୍ଟିସିଙ୍ଗ ବିଦ୍ୟାଳୟ ପରିସରରେ ଉର୍ଦ୍ଦୁ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ସୁପ୍ରଭା ତ୍ରିପାଠୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରାଧାରାଣୀପଡ଼ା କ୍ଲଷ୍ଟର ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଆର୍‌ସିସି ଗିରିଶ ରାମ ବେହେରା ଅଧକ୍ଷତା କରିଥିଲେ। ଦୀର୍ଘ ବର୍ଷର ନିଷ୍ଠାପୂର୍ଣ୍ଣ ଶିକ୍ଷାସେବା ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ବିକାଶରେ ତାଙ୍କର ଅବଦାନକୁ ସ୍ମରଣ କରି ଶ୍ରୀମତୀ ତ୍ରିପାଠୀଙ୍କୁ ପୁଷ୍ପଗୁଚ୍ଛ, ଉତରୀୟ ଓ ସ୍ମାରକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଶିକ୍ଷୟିତ୍ରୀ ସରସ୍ୱତୀ ଷଡ଼ଙ୍ଗୀ, ମୀନା ପ୍ରଧାନ, ସୁଷମା ଡନସେନା, ଯମୁନାବାଳା ମଲ୍ଲିକ, ମମତା ରଥ, ସନ୍ଧ୍ୟାରାଣୀ ସାହୁ, ଲଳିତା ଦାସ, ସଞ୍ଜୁଲତା ମଣ୍ଡଳ ଓ ସୁଜାତା ପଧାନଙ୍କ ସହ ବହୁ ଶିକ୍ଷକ-ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ସ୍ୱର୍ଗତ ତ୍ରିନାଥ ଗୁଆଲଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ

ଝାରସୁଗୁଡ଼ା, ୦୨/୦୭ (ନି.ପ୍ର): ଅନୁସୂଚିତ ଜାତି ଓ ଜନଜାତି ମିଳିତ କ୍ରିୟାନୁଷ୍ଠାନ କମିଟି, ଝାରସୁଗୁଡ଼ା ପକ୍ଷରୁ ବିଶିଷ୍ଟ ସମାଜସେବୀ, ସମାଜ ସଂଗଠକ ତଥା ସମସ୍ତଙ୍କର ପ୍ରିୟ ସ୍ୱର୍ଗତ ତ୍ରିନାଥ ଗୁଆଲଙ୍କ ସ୍ମୃତିରେ ଝାରସୁଗୁଡ଼ା ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଏକ ଭାବଗମ୍ଭୀର ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ସଂଗଠନର ପଦାଧିକାରୀ, ସଦସ୍ୟ, ବିଭିନ୍ନ ସାମାଜିକ ସଂଗଠନର ପ୍ରତିନିଧି, ବୁଦ୍ଧିଜୀବୀ, ଶୁଭେଚ୍ଛୁ ଓ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ଯୋଗଦେଇ ସ୍ୱର୍ଗତ ଗୁଆଲଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ସ୍ୱର୍ଗତ ତ୍ରିନାଥ ଗୁଆଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ବକ୍ତାମାନେ ତାଙ୍କ ଜୀବନ ସଂଘର୍ଷ, ସମାଜ ପ୍ରତି ଅବଦାନ, ନିଷ୍ଠାପୂର୍ଣ୍ଣ ସେବାଭାବ ଏବଂ ସରଳ, ନମ୍ର ଓ ଆଦର୍ଶପୂର୍ଣ୍ଣ ବ୍ୟକ୍ତିତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ସେମାନେ କହିଥିଲେ ଯେ, ସ୍ୱର୍ଗତ ଗୁଆଲ ସାମାଜିକ ଐକ୍ୟ, ଭ୍ରାତୃଭାବ ଓ ଜନସେବାକୁ ସର୍ବଦା ଗୁରୁତ୍ୱ ଦେଇଆସୁଥିଲେ। ସମାଜର ଅସହାୟ, ଅବହେଳିତ ଓ ଦୁର୍ବଳ ବର୍ଗର ଲୋକଙ୍କ ସହାୟତା ପାଇଁ ସେ ସଦା ଆଗଭର ରହୁଥିଲେ। ତାଙ୍କର ଜୀବନାଦର୍ଶ ଓ କର୍ମମୟ ଜୀବନ ସମସ୍ତଙ୍କ ପାଇଁ ଅନୁକରଣୀୟ ବୋଲି ବକ୍ତାମାନେ ମତପ୍ରକାଶ କରିଥିଲେ। ବକ୍ତାମାନେ ଆହୁରି କହିଥିଲେ ଯେ, ସ୍ୱର୍ଗତ ତ୍ରିନାଥ ଗୁଆଲଙ୍କ ବିୟୋଗ କେବଳ ତାଙ୍କ ପରିବାର ପାଇଁ ନୁହେଁ, ବରଂ ସମଗ୍ର ଝାରସୁଗୁଡ଼ା ଜିଲ୍ଲା ଏବଂ ସାମାଜିକ କ୍ଷେତ୍ର ପାଇଁ ଏକ ଅପୂରଣୀୟ କ୍ଷତି। ତାଙ୍କର ତ୍ୟାଗ, ନିଷ୍ଠା, ମାନବିକତା ଓ ସମାଜ ପ୍ରତି ଥିବା ସମର୍ପଣ ଚିରଦିନ ପାଇଁ ସ୍ମରଣୀୟ ହୋଇ ରହିବ ଏବଂ ଆଗାମୀ ପିଢ଼ିକୁ ସମାଜସେବା ପାଇଁ ପ୍ରେରଣା ଯୋଗାଇବ। ଶେଷରେ ସଂଗଠନ ପକ୍ଷରୁ ସ୍ୱର୍ଗତ ତ୍ରିନାଥ ଗୁଆଲଙ୍କ ଅମର ଆତ୍ମାର ସଦ୍ଗତି କାମନା କରାଯିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ଗଭୀର ସମବେଦନା ଜ୍ଞାପନ କରାଯାଇଥିଲା।

# ସୂଚନା ଫଳକ ଅଛି, କାମ ନାହିଁ : ମନରେଗା ଅର୍ଥ ହଡ଼ପ ଅଭିଯୋଗ

ଚମ୍ପୁଆ, ୦୨/୦୭ (ନି.ପ୍ର): ସରକାରୀ ଯୋଜନାରେ ବ୍ୟାପକ ଅନିୟମିତତା। କାଗଜପତ୍ର ଓ ସୂଚନା ଫଳକରେ କାମ ଶେଷ, ହେଲେ ଧରାପୃଷ୍ଠରେ କାମର ନାମଗନ୍ଧ ନାହିଁ। ଏଭଳି ଏକ ସମ୍ବେଦନଶୀଳ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଜାମୁଦଳକ ପଂଚାୟତ ଅନ୍ତର୍ଗତ ଜଡ଼ିପଦା ଗ୍ରାମରେ। ଠିକାଦାର ଏବଂ ସରକାରୀ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଜାତୀୟ ଗ୍ରାମୀଣ କର୍ମ ନିଯୁକ୍ତି ଯୋଜନାର ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ହରିଲୁଟ୍ ହୋଇଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହେଉଛି। ସୂଚନା ଅନୁସାରେ, ଜଡ଼ିପଦା ଗ୍ରାମର 'ନୂଆବନ୍ଧ ଠାରୁ ନାଳ ପର୍ଯ୍ୟନ୍ତ' କେନାଲ ନିର୍ମାଣ କାର୍ଯ୍ୟ ପାଇଁ ଜାତୀୟ ଗ୍ରାମୀଣ କର୍ମନିଯୁକ୍ତି ଯୋଜନାରୁ ଆର୍ଥିକ ବର୍ଷ ୨୦୨୫-୨୬ରେ ୩ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିଲା। ଏହି କାର୍ଯ୍ୟର କୋଡ୍ ନମ୍ବର ହେଉଛି ୨୪୦୩୦୧୧୦୦୮/ଆଇସି/୧୦୬୪୨୭୬୨। ସୂଚନା ଫଳକ ଅନୁଯାୟୀ, କାର୍ଯ୍ୟ ଆରମ୍ଭ ତାରିଖ ୮-୧-୨୦୨୬ ଲେଖାଯାଇଥିବା ବେଳେ କାର୍ଯ୍ୟ ଶେଷ ହେବାର କୌଣସି ସୂଚନା ଦିଆଯାଇ ନାହିଁ। ଆଶ୍ଚର୍ଯ୍ୟର କଥା ହେଉଛି, ସେଠାରେ ଏକ ଚକ୍‌ଚକ୍ କରୁଥିବା ସୂଚନା ଫଳକ ଠିଆ ହୋଇଛି, କିନ୍ତୁ ବାସ୍ତବରେ ମୂଳରୁ କୌଣସି କାର୍ଯ୍ୟ କରାଯାଇ ନାହିଁ। ଗ୍ରାମବାସୀଙ୍କ କହିବା ଅନୁସାରେ, କୌଣସି କାମ ନକରି କେବଳ ସରକାରୀ ଆଖିରେ ଧୂଳି ଦେବା ପାଇଁ ଏହି ଫଳକ ମରାଯାଇଛି ଏବଂ ଅର୍ଥ ହଡ଼ପ କରାଯାଇଛି। ତେଣୁ ଏହାର ଏକ ଉଚ୍ଚସ୍ତରୀୟ ବିଧିବଦ୍ଧ ତଦନ୍ତ ପାଇଁ ଦାବି ହେଉଛି। ଏହି କାର୍ଯ୍ୟ ସମ୍ପର୍କରେ ଯେତେବେଳେ ସ୍ଥାନୀୟ ଏଡିଓ ତିଳତମା ପାତ୍ରଙ୍କୁ ପଚରା ଯାଇଥିଲା, ସେ ଅତ୍ୟନ୍ତ ବେପରୁଆ ଢଙ୍ଗରେ କହିଥିଲେ, 'ସେଠାରେ ଆମର କେହି ମେଟ୍ ନାହାନ୍ତି, ତେଣୁ ସେ କାମ ଆମର କରିବାର ନାହିଁ। ଅନ୍ୟପଟେ ଚମ୍ପୁଆ ବିଡ଼ିଓ ସ୍ମୃତି ରଞ୍ଜନ ସାହୁଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, 'ବିଭିଜି ରାମଜୀ ଯୋଜନାରେ ସାମିଲ ହେବା ଯୋଗୁଁ ଏମ୍.ଆର୍. ବାହାରି ନାହିଁ, ଫଳରେ କାମ ହୋଇପାରି ନାହିଁ। ଅଧିକାରୀଙ୍କ ଏଭଳି ପରସ୍ପର ବିରୋଧୀ ବୟାନ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଯଦି ଗ୍ରାମରେ ମେଟ୍ ନାହାନ୍ତି ଏବଂ କାମ କରିବାର ନଥିଲା, ତେବେ ସରକାରୀ ଅର୍ଥ ଖର୍ଚ୍ଚ କରି ସେଠାରେ ସୂଚନା ଫଳକ କାହିଁକି ନିର୍ମାଣ କରାଗଲା ? କାମ ଆରମ୍ଭ ନହୋଇ ସୂଚନା ଫଳକରେ ତାରିଖ କେଉଁ ଆଧାରରେ ଲେଖାଗଲା ? ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଯୋଜନାରେ ବ୍ୟାପକ ସ୍ତରରେ ଦୁର୍ନୀତି ହୋଇଛି। ତେଣୁ ଜିଲ୍ଲା ପ୍ରଶାସନ ଓ ଉଚ୍ଚ କର୍ତ୍ତୃପକ୍ଷ ଏହା ଉପରେ ତୁରନ୍ତ ଦୃଷ୍ଟି ଦେଇ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଅଂଚଳରେ ତୀବ୍ର ଦାବି ହେଉଛି।

# ପାରାଦୀପ ବନ୍ଦରରେ ଲାଗିଲା ଇରାନ ଜାହାଜ




ପାରାଦୀପ, ୦୨/୦୭ (ନି.ପ୍ର): ଆଜି ଏମଟି ସାନମାର ହେରାଲ୍ଡ ନାମକ ଏକ ଜାହାଜ ନିରାପଦରେ ପାରାଦ୍ୱୀପ ବନ୍ଦରରେ ପହଞ୍ଚିଛି । ୧ ଜୁଲାଇ ୨୦୨୬, ୧୧.୩୦ ସମୟରେ ଏସପିଏମ-ଆଇ ବର୍ଥ ରେ ଲଙ୍ଗର ପକାଇଛି, ଯାହା ସାମ୍ପ୍ରତିକ ଇତିହାସର ସବୁଠାରୁ ଆହ୍ୱାନପୂର୍ଣ୍ଣ ଭୂ-ରାଜନୈତିକ ପରିସ୍ଥିତି ମଧ ଦେଇ ଏକ ଅସାଧାରଣ ଯାତ୍ରାର ସଫଳ ସମାପ୍ତିକୁ ଚିହ୍ନିତ କରୁଛି। ଇରାକରେ ବସରା ମିଡିୟମ୍ ଏବଂ ବସରା ହେଭି ଅଶୋଧିତ ତୈଳ ଲୋଡ୍ କରିବା ପରେ, ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଆରମ୍ଭ ହେବାରୁ ଜାହାଜଟି ସମସ୍ୟାର ସମ୍ମୁଖୀନ ହୋଇଥିଲା। ଭାରତୀୟ ନୌସେନା ସହିତ ନିରନ୍ତର ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ସମୟରେ, ଜାହାଜଟି ଦୀର୍ଘ ବିଳମ୍ବ ସହିଥିଲା, ହରମୁଜ୍ ପ୍ରଣାଳୀ ଅତିକ୍ରମ କରିବାକୁ ପ୍ରୟାସ କରିଥିଲା ଏବଂ ଏପରିକି ଏକ ଶତ୍ରୁତାପୂର୍ଣ୍ଣ ଆକ୍ରମଣ ସମୟରେ ଏହାର ବ୍ରିଜ୍ ରେ ବିସ୍ଫୋରକର ଖଣ୍ଡ ବାଜି କ୍ଷତିଗ୍ରସ୍ତ ହୋଇଥିଲା। ଏହି ସମ୍ପୂର୍ଣ୍ଣ କଠିନ ସମୟରେ, ମାଷ୍ଟର ଏବଂ କ୍ରୁ ସଦସ୍ୟମାନେ ଅସାଧାରଣ ବୃତ୍ତିଗତ ଦକ୍ଷତା, ଦୃଢ଼ତା ଏବଂ ସୁରକ୍ଷା ପ୍ରତି ପ୍ରତିବଦ୍ଧତା ପ୍ରଦର୍ଶନ କରିଥିଲେ। ହରମୁଜ୍ ପ୍ରଣାଳୀ ପୁନର୍ବାର ଖୋଲିବା ସହିତ, ଜାହାଜଟି ସଫଳତାର ସହ ନିଜର ଯାତ୍ରା ପୁନର୍ବାର ଆରମ୍ଭ କଲା ଏବଂ ନିରାପଦରେ ପାରାଦ୍ୱୀପରେ ପହଞ୍ଚିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହି ମିଶନରେ ସମସ୍ତ ଅଧିକାରୀ ଏବଂ କ୍ରୁ ସଦସ୍ୟ ସୁରକ୍ଷିତ ଥିଲେ। ପହଞ୍ଚିବା ପରେ, ପାରାଦ୍ୱୀପ ବନ୍ଦର କର୍ତ୍ତୃପକ୍ଷ ଏବଂ ସିଆରପିଏଲ୍ ର ପ୍ରତିନିଧିମାନେ, ହାର୍ବର ମାଷ୍ଟର ଙ୍କ ସମେତ, ମାଷ୍ଟର ଏବଂ କ୍ରୁ ସଦସ୍ୟମାନଙ୍କୁ ସେମାନଙ୍କର ସାହସ ଏବଂ ନିଷ୍ଠାର ସ୍ୱୀକୃତି ସ୍ୱରୂପ ପୁଷ୍ପଗୁଚ୍ଛ ଏବଂ ସ୍ମୃତିଚିହ୍ନ ପ୍ରଦାନ କରି ଉଷ୍ମ ସ୍ୱାଗତ କରିଥିଲେ। ପାରାଦ୍ୱୀପ ବନ୍ଦର ନାବିକମାନଙ୍କର ଅଦମ୍ୟ ଆତ୍ମାକୁ ସଲାମ କରୁଛି, ଯେଉଁମାନଙ୍କର ନିଷ୍ଠା ସବୁଠାରୁ ଆହ୍ୱାନପୂର୍ଣ୍ଣ ପରିସ୍ଥିତିରେ ମଧ ବିଶ୍ୱ ବାଣିଜ୍ୟକୁ ଗତିଶୀଳ ରଖେ।

# ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ-୨୦୨୬ ଉପଲକ୍ଷେ ପ୍ରତିଯୋଗିତା ଆୟୋଜିତ

ମାଲକାନଗିରି , ୦୨/୦୭ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟର ସଭା ଗୃହରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ-୨୦୨୬ ଅବସରରେ ବକ୍ତୃତା ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ଚିତ୍ତରଞ୍ଜନ ବାରିକ ଅଧକ୍ଷତା କରିଥିବା ବେଳେ, ନିରାକାର ରାଉତ, ଅଧୀକ୍ଷଣ ଯନ୍ତ୍ରୀ ତଥା ଉପ ବିଦ୍ୟୁତ ନିରୀକ୍ଷକ କୋରାପୁଟ ଏବଂ ମାଲକାନଗିରିଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଅତିଥି ଭାବରେ ଅମ୍ରିତ ମହାପାତ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ତଥା ସହକାରୀ ବିଦ୍ୟୁତ ନିରୀକ୍ଷକ, କୋରାପୁଟ ଯୋଗଦାନ କରିଥିବା ବେଳେ, ସମ୍ମାନିତ ଅତିଥି ଭାବରେ ସ୍ମୃତି ରଞ୍ଜନ ସାମନ୍ତ, ଇଲେକଟ୍ରିସିଆନ ଗ୍ରେଡ୍-୨ ଯୋଗଦାନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ୧୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପସ୍ଥିତ ରହି ବିଦ୍ୟୁତ ସୁରକ୍ଷା ଉପରେ ବିଶେଷଜ୍ଞମାନଙ୍କ ଠାରୁ ଶିକ୍ଷା ଗ୍ରହଣ କରିଥିଲେ । ବକ୍ତୃତା ପ୍ରତିଯୋଗିତାର ବିଷୟ ଥିଲା 'ଆଜିର ସଚେତନତା, ଆସନ୍ତାକାଲିର ସୁରକ୍ଷା' । ଏହି ପ୍ରତିଯୋଗିତାରେ ମିନି ସାରଙ୍ଗିଆ, ଚନ୍ଦ୍ରମା ଖରା ଓ ମନୋରମା ପଡାଲ, ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ ଆରମ୍ଭରେ ସ୍ୱାମୀ ବିବେକାନନ୍ଦଙ୍କର ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା । ସେଣ୍ଟର ଫର ଏନଭର୍ଣ୍ଣମେଣ୍ଟାଲ ଷ୍ଟଡିଜ (ସି.ଇ.ଏସ) ତରଫରୁ ଆର୍ଥିକ ସହାୟତା ପ୍ରଦାନ କରିଥିବା ବେଳେ ସବୁଜ ବାହିନୀ ଆୟୋଜନ କରିଥିଲେ । କାର୍ଯ୍ୟକ୍ରମରେ ଏକ ର୍‌ୟାଲି ଅନୁଷ୍ଠିତ ହୋଇଥିଲା ଏବଂ ଶପଥ ପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ରହିଥିବା ବେଳେ ଅଧ୍ୟାପକ ସୁଶାନ୍ତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ହୋଟେଲରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଗଞ୍ଜାମ, ୦୨/୦୭ (ନି.ପ୍ର): ପୁରୁଷୋତ୍ତମ ପୁର ଥାନାତାରାତାରିଣୀ ମନ୍ଦିର ନିକଟରେ ଥିବା ଏକ ହୋଟଲରୁ ପୁଲିସ ଆଜି ସକାଳେ ଜଣେ ଯୁବକ ପୁରୀ ଜିଲ୍ଲାର ମନୋଜ ସ୍ୱାଇଁଙ୍କ ମୃତଦେହ ଜବତ କରିଛି। ଯୁବକଙ୍କ ମୁଣ୍ଡରେ ଗଭୀର ଆଘାତ ଥିବାରୁ,ଏହା ହତ୍ୟାକାଣ୍ଡ ବୋଲି ଅନୁମାନ କରାଯାଉଛି। ମନୋଜ ଗତ ୨୮ତାରିଖରୁ ରୋପୱେ ମରାମତି କରିବାକୁ ଆସି ହୋଟେଲରେ ରହୁଥିଲେ। ପୁରୁଷୋତ୍ତମ ପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଘଟଣାର ତଦନ୍ତ କରୁଛି।

# କାଲିମେଲା ଥାନା ପକ୍ଷରୁ ନିଶା ମୁକ୍ତି ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି , ୦୨/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଚିତ୍ରାଙ୍ଗପାଲ୍ଲୀ ପଞ୍ଚାୟତ ପରିସରରେ ଆଜି କାଲିମେଲା ଥାନା ପକ୍ଷରୁ ଆମ ପୋଲିସ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଥାନା ଅଧିକାରି ପ୍ରଭୁଦତ୍ତ ବିଶ୍ୱାଳ, ସରପଞ୍ଚ କୌଶଲ୍ୟା କବାସୀ,ପିଏଚଓ ପ୍ରତିମା ପରିଡା ଓ ପୋଟରୁ ଫାଣ୍ଡି ଏସ୍.ଆଇପ୍ରମୋଦ ଖିଲ ଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଏବଂ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଜନପ୍ରତିନିଧି ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବୈଠକରେ ବିଶେଷ ଭାବେ 'ନିଶାମୁକ୍ତ ଓଡ଼ିଶା' ଅଭିଯାନକୁ ସଫଳ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ନିଶାଦ୍ରବ୍ୟର କୁପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି, ଯୁବପିଢ଼ିଙ୍କୁ ନିଶା କବଳରୁ ଦୂରେଇ ରଖିବା, ଆଇନଶୃଙ୍ଖଳା ବଜାୟ ରଖିବା ଏବଂ ପୋଲିସ-ଜନସାଧାରଣଙ୍କ ମଧ୍ୟରେ ସମନ୍ୱୟ ବୃଦ୍ଧି ଉପରେ ମଧ ଗୁରୁତ୍ୱ ଦିଆଯାଇଥିଲା।

# ମୁରିବାହାଲ ପୋଲିସ ପକ୍ଷରୁ ନିଶାମୁକ୍ତ ଓଡ଼ିଶା ଅଭିଯାନ

ବଲାଙ୍ଗୀର, ୦୨/୦୭ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ଥାନା ଆଜି ନିଶାସେବନ ଯୁବ ସମାଜକୁ କବଳିତ କରିଛି। ନିଶାଖୋରମାନେ ସମାଜରେ ନାନାଦି ବିଶୃଙ୍ଖଳା ସୃଷ୍ଟି କରିବା ସହ ଏଥିରେ ଅନେକ ଧନଜୀବନ ନଷ୍ଟ ହେଉଛି। ଏହି ପରିପ୍ରେକ୍ଷୀରେ ମୁରିବାହାଲକୁ ଏକ ସୁସ୍ଥ, ସୁନ୍ଦର ଓ ନିଶାମୁକ୍ତ ସମାଜ ଭାବେ ଗଢ଼ି ତୋଳିବାର ଲକ୍ଷ୍ୟ ନେଇ ମୁରିବାହାଲ ପୋଲିସର ଉଦ୍ୟମରେ ମୁରିବାହାଲର ବୁଦ୍ଧିଜୀବୀ, ସଚେତନ ନାଗରିକ ଓ ବିଭିନ୍ନ ସାମାଜିକ ସଂଗଠନମାନଙ୍କୁ ନେଇ ନିଶା ମୁକ୍ତ ଓଡ଼ିଶା ଅଭିଯାନର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ମୁରିବାହାଲ ଥାନା ପରିସରରେ ଅନୁଷ୍ଠିତ ଏହି ସଚେତନତା ବୈଠକରେ ନିଶାସେବନ ଯୋଗୁଁ ବିପଥଗାମୀ ହେଉଥିବା ସମାଜକୁ କିପରି ଏହାଠାରୁ ଦୂରେଇ ରଖାଯାଇ ପାରିବ, ସେ ବିଷୟରେ ଆଲୋଚନା ହୋଇଥିଲା। ନିଶା ସେବନକୁ ବନ୍ଦ କରିବା ସହ ମୁରିବାହାଲକୁ ନିଶାମୁକ୍ତ ବ୍ଲକ ଭାବରେ ଗଢ଼ି ତୋଳିବା ନେଇ ସମସ୍ତେ ଏକ ଶପଥ ପାଠ କରିଥିଲେ। ସମାଜରେ ଘଟୁଥିବା ଅଧିକାଂଶ ଅସାମାଜିକ କାର୍ଯ୍ୟକଳାପ ପଛରେ ଏହି ନିଶା କାରବାରକୁ ହିଁ ଦାୟୀ କରାଯାଇ ପାରିବ। ମୁରିବାହାଲ ଥାନା ଇନିସ୍ପେକ୍ଟର ବୁଲୁ ମୁଣ୍ଡା, ଏସ୍‌ଆଇ ଶୁଶିଲ ମହାପାତ୍ର, ଏସ୍‌ଆଇ ପ୍ରମୋଦ ପଧାନ ଏବଂ ଏସ୍‌ଆଇ ପଙ୍କଜିନୀ ବାଗ ପ୍ରମୁଖ ସମାଜ ଉପରେ ନିଶା ସେବନର ନିଶା ନିବାରଣ ଉପରେ ସଚେତନ କରିବା ପାଇଁ ବୁଦ୍ଧିଜୀବୀ ଓ ସଚେତନ ନାଗରିକଙ୍କ ସହଯୋଗ ଲୋଡ଼ିଲା ମୁରିବାହାଲ ପୋଲିସ କୁପ୍ରଭାବ ସମ୍ପକରେ ବୁଝାଇବା ସହ ଏହାକୁ ରୋକିବା ଦିଗରେ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ବୈଠକରେ ମୁରିବାହାଲ ଗ୍ରାମ ପଂଚାୟତ ସରପଂଚ ବିଶ୍ୱବିହାରୀ ଯୋଶୀ, ଆଦିବାସୀ ନେତା ରାଜିବ କୁଅଁର,ବିଜେପି ନେତା ରାଜିବ କୁମାର ମହାନ୍ତି, ପ୍ରମୁଖ ଯୋଗଦେଇ ପୋଲିସର ନିଶାମୁକ୍ତ ଓଡ଼ିଶା ଅଭିଯାନକୁ ପ୍ରଶଂସା କରିବା ସହ ମୁରିବାହାଲକୁ ଏକ ନିଶାମୁକ୍ତ ବ୍ଲକ ଭାବରେ ଗଢ଼ିବା ପାଇଁ ଅନୁରୋଧ କରିଥିଲେ।

# ସରକାରୀ ବାଳିକା ଓ ପୃଥ୍ୱୀରାଜ ହାଇସ୍କୁଲ ପରିଦର୍ଶନ କଲେ ନରସିଂହ ଶୃଙ୍ଖଳା

ବଲାଙ୍ଗୀର, ୦୧ ଜୁଲାଇ(ହି.ସ.) – ୨୦୧୪ ପରବର୍ତି ସମୟରେ ସେ ନିଜେ ବିଧାୟକ ଥିଲା ବେଳେ ପ୍ରଥମ ପଦକ୍ଷେପ ସ୍ୱରୂପ ସହରର ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଆଖି ଦୃଶିଆ ଭିତିଭୂମିର ବିକାଶ କରାଯାଇଥିଲା। ଏହି କ୍ରମରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଉଭୟ ବ୍ଲକ ଓ ପୃଥ୍ୱୀରାଜ ହାଇସ୍କୁଲର ସମସ୍ତ ପ୍ରକାର ଅଭାବ ପୂରଣ କରାଯାଇଥିଲା। ଏହାଭିତରେ ୧୦ ବର୍ଷ ହୋଇଗଲାଣି ସମୟ ଅନୁସାରେ ବର୍ତମାନ ଆହୁରି କିଛି ବିକାଶ ଦରକାର ହେଉଛି। ଯଦିଓ ଶିକ୍ଷକ କର୍ମଚାରୀଙ୍କ ସ୍ଥିତି ଠିକ୍ ଅଛି ବୋଲି ଧରାଯିବ କିନ୍ତୁ ଉଭୟ ଉଚ୍ଚ ବିଦ୍ୟାଳୟରେ ଅଣ ଶିକ୍ଷକ କର୍ମଚାରୀଙ୍କ ଘୋର ଅଭାବ ଅଛି। ତେଣୁ ଏହି ପଦବୀ ପୂରଣ ଲାଗି ବିଭାଗୀୟ ଅଧିକାରୀ ଓ ସରକାରଙ୍କ ସହିତ ଆଲୋଚନା କରି ଏହି ପଦବୀ ପୂରଣ ପାଇଁ ନିଶ୍ଚିତ ଭାବେ ସେ ପଦକ୍ଷେପ ନେବେ ବୋଲି ଉଭୟ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ ପିଏମ୍‌ଶ୍ରୀ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟ ପରିଦର୍ଶନରେ ଯାଇ ସେଠାକାର ଶିକ୍ଷକ କର୍ମଚାରୀଙ୍କ ସହ ଆଲୋଚନା ପରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ନିଜ ପ୍ରତିକ୍ରିୟାରେ କହିଛନ୍ତି। ଶ୍ରୀ ମିଶ୍ର ଆହୁରି ମଧ କହିଛନ୍ତି ଯେ ବାଳିକା ଉଚ୍ଚ ବିଦ୍ୟାଳୟରେ ଆଲୋଚନା ବେଳେ ଜଣାପଡିଲା ଯେ ଛାତ୍ରୀମାନଙ୍କର ପ୍ରାର୍ଥନା ସଭା ପାଇଁ ଏକ ସେଡ୍(ଛାଉଣି) ନିଶ୍ଚିତ ଭାବେ ଦରକାର କାରଣ ବଲାଙ୍ଗୀରରେ ଗ୍ରୀଷ୍ମ ଛୁଟିପରେ ପ୍ରାର୍ଥନା ସଭାରେ ଅସହ୍ୟ ଗରମ, ଗୁଳୁଗୁଳି ଯୋଗୁଁ ଅନେକ ଛାତ୍ରୀ ଅଚେତ ହୋଇଯିବାର ଖବର ଆସୁଛି। ତେଣୁ ଏ ବାବଦରେ ସ୍କୁଲର ରକ୍ଷଣାବେକ୍ଷଣ ଦାୟିତ୍ୱରେ ଥିବା ପୂର୍ତ ବିଭାଗ ସହ ସେ ଆଲୋଚନା କରିବେ ବୋଲି କହିଛନ୍ତି। ତା'ସହ ବାଳିକା ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପାଇଁ ଏକ ଭଲ ରନ୍ଧାଘର ତଥା ଏକ କନଫରନ୍ସ ହଲ ଏବଂ ଯେହେତୁ ଧିରେ ଧିରେ ଏହି ସ୍କୁଲରେ ଛାତ୍ରି ସଂଖ୍ୟା ବଢୁଛି ତେଣୁ ଅଧିକ ଶ୍ରେଣୀ ଗୃହର ମଧ ଆବଶ୍ୟକତା ଅଛି। ଏ ଦିଗରେ ମଧ ପଦକ୍ଷେପ ନିଆଯିବବୋଲି ଶ୍ରୀ ମିଶ୍ର କହିଥିଲେ। ଯେହେତୁ ବାଳିକା ଉଚ୍ଚ ବିଦ୍ୟାଳୟ ଦୁଇଟି ବ୍ଲକର ଦୂରତା ପାଖାପାଖି ଗୋଟିଏ କିଲୋମିଟର ହେବ ତେଣୁ ସ୍କୁଲ ପରିଚାଳନା ନିମନ୍ତେ ବେଳେ ବେଳେ ଅସୁବିଧା ହୁଏ। ଭବିଷ୍ୟତରେ ଗୋଟିଏ ଯାଗାରେ ଉଭୟ ବ୍ଲକର ପାଠପଢା ହେଲେ ସମସ୍ତଙ୍କ ପାଇଁ ଏହା ସୁବିଧା ହେବ ବୋଲି ଶିକ୍ଷକ କର୍ମଚାରୀମାନେ କହିଥିଲେ। ପୃଥ୍ୱୀରାଜ ହାଇସ୍କୁଲ ଆଲୋଚନା ବେଳେ ମଧ ଅଣ ଶିକ୍ଷକ କର୍ମଚାରୀଙ୍କ ଅଭାବ ଅଛି ବୋଲି ଜଣାଯାଇଥିଲା। ସ୍କୁଲର ଟିଚର କମନ ରୁମ୍‌ର ମୁଖ୍ୟ ପ୍ଲାଟିନିୟମ ଜୁବୁଲି ଗେଟ ପଟରେ କିଛି ସୌନ୍ଦର୍ଯ୍ୟକରଣ କାମ ପାଇଁ ଆଲୋଚନା ହୋଇଥିଲା। ଉଭୟ ହାଇସ୍କୁଲରେ ଶୃଙ୍ଖଳା, ଉପସ୍ଥାନ ତଥା ପରୀକ୍ଷା ଫଳକୁ ନେଇ ଶ୍ରୀ ମିଶ୍ର ସନ୍ତୁଷ୍ଟି ପ୍ରକାଶ କରିଥିଲେ। ପିଆର ହାଇସ୍କୁଲରେ କିଛି ବିପଦ ଶୃଙ୍ଖଳା କୋଠା ଥିବାରୁ ସେ ସବୁକୁ ଶିଘ୍ର ଭଙ୍ଗାଯାଇ ସେଠାରେ କିଛି ନୂତନ ଭିତିଭୂମି ନିର୍ମାଣ ପାଇଁ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ମିଶ୍ର କହିଥିଲେ। ପିଆର ହାଇସ୍କୁଲ ଖେଳ ପଡିଆ ର ଉନ୍ନତିକରଣ, ସେଠାରେ ଟୟଲେଟ ନିର୍ମାଣ ପାଇଁ ବିଭାଗୀୟ କର୍ତୃପକ୍ଷ ଙ୍କ ଚିଠି ଲେଖିବେ ବୋଲି ଶ୍ରୀ ମିଶ୍ର କହିଥିଲେ। ଏହି ପରିଦର୍ଶନ ସମୟରେ ପୃଥ୍ୱୀରାଜ ହାଇସ୍କୁଲର ପ୍ରଧାନ ଶିକ୍ଷୟତ୍ରି ସନ୍ତୋଷିନୀ ସେଠି, ଶିକ୍ଷକ ବିକାଶ ସାହୁ, କ୍ରିଡା ଶିକ୍ଷକ ସୌରଭ ପ୍ରଧାନ ଓ ବାଳିକା ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ ସ୍ୱରୁପା ସାମନ୍ତରା, ଶିକ୍ଷୟତ୍ରୀ ନୂତନ ନାୟକଙ୍କ ସମେତ ଉଭୟ ସ୍କୁଲର ସମସ୍ତ ଶିକ୍ଷକ କର୍ମଚାରୀ ଉପସ୍ଥିତ ଥିଲେ।

# କୋଲାବିରା ଗସ୍ତରେ ପୂର୍ବତନ ବିଧାୟିକା ଦୀପାଳି ଦାସ : ଚାଷୀଙ୍କ ସାର ସଙ୍କଟ ଓ ଭଉା ସମସ୍ୟା ନେଇ ପ୍ରଶାସନ ସହ ଆଲୋଚନା

ଝାରସୁଗୁଡ଼ା, ୦୨/୦୭ (ନି.ପ୍ର): ଝାରସୁଗୁଡାର ପୂର୍ବତନ ବିଧାୟିକା ଦୀପାଳି ଦାସ କୋଲାବିରା ବ୍ଲକ ଗସ୍ତ କରି ଚାଷୀଙ୍କ ସମସ୍ୟା ଶୁଣିବା ସହ ବିଭିନ୍ନ ଜନକଲ୍ୟାଣମୂଳକ ପ୍ରସଙ୍ଗରେ ସ୍ଥାନୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଗସ୍ତ ଅବସରରେ ସେ ପ୍ରଥମେ ସମାସିଂହା ସେବା ସମବାୟ ସମିତି (ପେକ୍ସ) ଏବଂ ପରେ କୋଲାବିରା ପେକ୍ସ ପରିଦର୍ଶନ କରି ଖରିଫ ଚାଷ ପାଇଁ ରସାୟନିକ ସାରର ଉପଲବ୍ଧତା ସମ୍ପର୍କରେ ଅବଗତ ହୋଇଥିଲେ। ଉପସ୍ଥିତ ଚାଷୀମାନଙ୍କ ସହ ଆଲୋଚନା ବେଳେ ଚଳିତ ବର୍ଷ ସାର ଅଭାବ ଯୋଗୁଁ ସେମାନେ ସମ୍ମୁଖୀନ ହେଉଥିବା ସମସ୍ୟା ଉପସ୍ଥାପନ କରିଥିଲେ। ଚାଷୀମାନେ ଅଭିଯୋଗ କରିଥିଲେ ଯେ, ସରକାରୀ ନିର୍ଦ୍ଦେଶାବଳୀ ଅନୁଯାୟୀ ଏକର ପ୍ରତି ସୀମିତ ପରିମାଣର ସାର ବଣ୍ଟନ ହେଉଥିବାରୁ ଆବଶ୍ୟକତା ପୂରଣ ହେଉନାହିଁ। ସେହିପରି ଡିଏପି ଓ ଟିଏସପି ସାରର ଅଭାବ ଯୋଗୁଁ ୧୬-୧୬-୧୬ ସାର କିଣିବାକୁ ବାଧ ହେଉଥିବା ବେଳେ ଏହାର ବଜାର ଦର ଅଧିକ ଥିବାରୁ ଚାଷୀମାନେ ଆର୍ଥିକ ଚାପରେ ପଡୁଛନ୍ତି। ଏହି ସମସ୍ୟା ନେଇ ଦୀପାଳି ଦାସ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବା ସହ ସରକାରଙ୍କ ଦୃଷ୍ଟିକୁ ବିଷୟଟି ଆଣିବେ ବୋଲି ଚାଷୀମାନଙ୍କୁ ଆଶ୍ୱାସନ ଦେଇଥିଲେ। ପରେ ସେ ହୃଦଘାତରୁ ସୁସ୍ଥ ହେଉଥିବା ବିଜେଡି ବ୍ଲକ ଯୁବ ସଭାପତି ପ୍ରବୀଣ ସାହୁ ଏବଂ ଦୁର୍ଘଟଣାରେ ଆହତ ହୋଇ ଘରେ ଚିକିତ୍ସାଧୀନ ଥିବା କୋଲାବିରା ସରପଞ୍ଚ ଚେତାନନ୍ଦ ନଈଙ୍କ ଘରକୁ ଯାଇ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ଶୀଘ୍ର ଆରୋଗ୍ୟ କାମନା କରିଥିଲେ।

**AFFIDAVIT**

By virtue of an affidavit before the executive Magistrate Khaira, Balasore, I, Hemanta Behera aged about 48 years S/o-Damodar Behera of village-Nuagaonbad, Po- R.R.pur, Ps- Khaira, Dist- Balasore declare that in my old Aadhaar Card, Voter identity card and Pan card my name has been mentioned Hemanta Behera S/o-Damodar Behera of village Nuagaonbad.But in my new Aadhaar card my name has been mentioned Hemanta Kumar Behera S/o-Damodhar Behera. Both the name Hemanta Behera and Hemanta Kumar Behera is one and same person. Henceforth I will be known as Hemanta Kumar Behera in all purpose.

**Hemanta Kumar Behera**

**AFFIDAVIT**

By virtue of an affidavit before the executive Magistrate Tahasidar, Baliapal I,Subal jena aged about 66 years,S/O:Hari jena, resident of village: parulia, P. O:Asti, Via: baliapal, P. S: baliapal, District : Baleshwar, Odisha, PIN :756026 do hereby declare that the name subal jena (as printed in my jami pata)and Tika jena (as printed in my matriculation certificat ) belong to one, which is me. I, Rajendra jena, aged about 67years S/O: Hara prasad jena, resident of village: sanamaisadi, Dalua 1, P. O: baliapal, P. S baliapal, District : baleshwar Odisha, PIN : 756026 do here by declare that the name Rajendra jena (as printed in my jami pata )and Bastima jena (as printed in my mateiculation certificate) belong to one and the same person, which is me

**Subal jena**
**Rajendra jena**




ପ୍ରାୟତଃ ଅନେକ ଲୋକଙ୍କୁ ଚିକେନ୍ ବିରିୟାନୀ ଖାଇବା ଭାରି ପସନ୍ଦ । ଆମିଷ ବାର ପଡ଼ିଗଲେ ଖାଇବାଟା ଜମିଲା । ନନଭେଜ୍ , ଭେଜ୍ ବିରିୟାନୀ ଏମିତି ଅଲଗା ଭେରାଇଟିର ବିରିୟାନୀ ଖାଇବା ପରେ ଅନେକ ଲୋକ ହଜମ କରିବା ପାଇଁ କାର୍ବୋନେଟେଡ୍ ସଫ୍ଟ ଡ୍ରିଙ୍କ୍ ପିଇବାକୁ ପସନ୍ଦ କରିଥା'ନ୍ତି । ଅନେକ ସମୟରୁ ଆମ ମନରେ ଏହି ଧାରଣା ରହିଆସିଛି ଯେ ଖାଇବା ପରେ ମୃଦୁପାନୀୟ ସେବନ କଲେ ଖାଦ୍ୟ ସହଜରେ ହଜମ ହୋଇଯାଏ । କିନ୍ତୁ ବିଶେଷଜ୍ଞ ଏହାର ଓଲଟା କୁହନ୍ତି ଅର୍ଥାତ ଖାଇବା ପରେ କୋଲ୍ଡ ଡ୍ରିଙ୍କ୍ସ ଆଦୌ ପିଇବା ଉଚିତ ନୁହେଁ । ଏମିତିକି ଖାଇବାର ତୁରନ୍ତ ପରେ ପାଣି ମଧ ପିଇବା ଠିକ୍ ନୁହେଁ ବୋଲି କୁହନ୍ତି ବିଶେଷଜ୍ଞ । ଯଦି ପେଟ ଭାରି ଭାରି ଲାଗୁଛି ତା'ହେଲେ ଖାଇବାର କିଛି ସମୟ ବ୍ୟବଧାନରେ ପାଣି ପିଇପାରିବେ । କୋଲ୍ଡ ଡ୍ରିଙ୍କ୍ସରେ ଅଧିକ ପରିମାଣର କାର୍ବନ ଡାଇଅକ୍ସାଇଡ୍ ଏବଂ ଚିନି ଥାଏ । ଅଳେଇଚ, ଲବଙ୍ଗ ଏବଂ ଡାଲଚିନି ପରି ମସଲା ହେତୁ ବିରିୟାନୀ ମଧ ଅମ୍ଳୀୟ ହୋଇଥାଏ । କୌଣସି ନିର୍ଦ୍ଦିଷ୍ଟ ବ୍ୟବଧାନ ବିନା ଏହି ଦୁଇଟିକୁ ସେବନ କରିବା ଦ୍ୱାରା ଶରୀରରେ ଅମ୍ଳୀୟତା ସ୍ତର ବଢ଼ିପାରେ । ବିଶେଷଜ୍ଞମାନେ ଅଧିକ ଚିନି ଥିବା ଭାରୀ ଖାଦ୍ୟ ସେବନ କରିବା ସମୟରେ କୋଲ୍ଡ ଡ୍ରିଙ୍କ୍ସରୁ ଦୂରେଇ ରହିବାକୁ ପରାମର୍ଶ ଦିଅନ୍ତି । କାର୍ବୋନେଟେଡ୍ ପାନୀୟଗୁଡ଼ିକ ପେଟ ଫୁଲିବା ଏବଂ ହଜମ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି କରିପାରନ୍ତି । ଏହା ପରିବର୍ତ୍ତେ ବିରିୟାନୀ ଖାଇବାର ଏକ ଘଣ୍ଟା ପରେ ଅଣ-କାର୍ବୋନେଟେଡ୍ ପାନୀୟ ସେବନ କରିବାକୁ ପରାମର୍ଶ ଦିଆଯାଏ । ତେବେ ବିରିୟାନୀ ଖାଇବା ପରେ କେଉଁ ପାନୀୟ ପିଇବା ଦେହ ପାଇଁ ଭଲ ଆସନ୍ତୁ ଜାଣିବା । ସ୍ୱାଦିଷ୍ଟ ବିରିୟାନୀ ଖାଇବା ପରେ ଆପଣ ଦହିଘୋଳ ପିଇ ପାରିବେ । ଲହୁଣୀ,ପାଣି, ଅଦା, କଞ୍ଚା ଲଙ୍କା ଏବଂ ଭୃସୁଙ୍ଗା ପତ୍ରର ମିଶ୍ରଣରେ ପ୍ରସ୍ତୁତ ହୋଇଥିବା ଚହ୍ଲା ପିଇପାରିବେ । ଭାରତରେ ଏହି ପାରମ୍ପରିକ ପାନୀୟର ପ୍ରଚଳନ ଅନେକ ବର୍ଷରୁ ହୋଇଆସୁଛି । ଚହ୍ଲା ଖାଦ୍ୟକୁ ତୁରନ୍ତ ହଜମ କରାଇଥାଏ । ଠିକ୍ ସେହିପରି ଆପଣ ପୁଦିନା ଲେମ୍ବୁ ପାଣି ମଧ ବିରିୟାନୀ ଖାଇବା ପରେ ପିଇପାରିବେ । ଲେମ୍ବୁ, ପୁଦିନା ପତ୍ର, ଚିନି ଏବଂ ପାଣି ମିଶାଇ ତିଆରି ହୋଇଥିବା ଏହି ପାନୀୟ ସତେଜ ଏବଂ ପୁଦିନା ପରି ସ୍ୱାଦିଷ୍ଟ ହୋଇଥାଏ ଯାହା ପେଟ ସଫା କରିବାରେ ସାହାଯ୍ୟ କରେ । ଖାସ୍ କରି ଗ୍ରୀଷ୍ମ ଋତୁରେ ଏହି ପାନୀୟର ଅଧିକ ଚାହିଦା ଥାଏ । ଘରୁ ଆରମ୍ଭ କରି ରେଷ୍ଟୁରାଣ୍ଟ୍ ପର୍ଯ୍ୟନ୍ତ ପୁଦିନା ଲେମ୍ବୁ ପାଣି ସବୁଠାରେ ସହଜରେ ମିଳିଯାଏ । ବିରିୟାନୀ ଖାଇବା ପରେ କୋଲ୍ଡ୍ରିଙ୍କ୍ ବଦଳରେ ଆପଣ ଫଳରସ ପିଇପାରିବେ । ଆମ୍ବ, ପିଜୁଳି ଏବଂ ଡାଳିମ୍ବ ପରି ସତେଜ ଫଳର ଜୁସ୍ ସହଜରେ ହଜମ ହେବା ସହ ଦେହ ପାଇଁ ମଧ ସ୍ୱାସ୍ଥ୍ୟକର ବୋଲି କୁହାଯାଏ । ଏହି ଫଳରସ ଭିଟାମିନ୍, ଖଣିଜ ଏବଂ ଆଣ୍ଟିଅକ୍ସିଡାଣ୍ଟର ଏକ ସତେଜ ଡୋଜ୍ ପ୍ରଦାନ କରେ । ସତେଜ ଫଳ ରସ ଜୁସ୍ ଦୋକାନ, କାଫେ ଏବଂ ରେଷ୍ଟୁରାଣ୍ଟରେ ସହଜରେ ମିଳିଥାଏ ।

## ସବୁକଥା ବନ୍ଧୁଙ୍କୁ କହିବେନି



ସବୁବେଳେ ନିଜ ସମ୍ପର୍କକୁ ସିମ୍ପଲ ରଖିବା ଭଲ ହେବ। ସମ୍ପର୍କରେ ସମସ୍ତ ସୁଖଦ ମୁହୂର୍ତ୍ତକୁ ବନ୍ଧୁମାନଙ୍କ ସହ ସେୟାର କରିବା ଦ୍ୱାରା ବେଳେବେଳେ ସେମାନେ ଈର୍ଷା କରିପାରନ୍ତି ଆଉ ସମ୍ପର୍କରେ ଥିବା ସମସ୍ୟା ବିଷୟରେ ସେୟାର କଲେ ସେମାନେ କୌଣସି ବିଷୟବସ୍ତୁକୁ ନେଇ ହସି ପାରନ୍ତି। ସାଥୀଙ୍କ ସହ ଆପଣଙ୍କ ଜୀବନ କେତେ ଭଲ କେତେ ଖରାପ ତାହା ବନ୍ଧୁଙ୍କ ସହ ଆଲୋଚନା କରିବାରେ କମିଛି ମାନେ ନାହିଁ। ସାଥୀଙ୍କ ସହ ଝଗଡ଼ା ହେବା ପରେ ଆପଣ ଆପଣଙ୍କ ଦୁଃଖକୁ କାହା ସହ ନିଶ୍ଚିତ ସେୟାର କରିବାକୁ ଭାବୁଥିବେ। କିନ୍ତୁ ଏହା ସତଯେ, ଆପଣ ସାଥୀଙ୍କ ସହ କ'ଣ ଝଗଡ଼ା ହେଉଛି ସେ ବିଷୟରେ ବନ୍ଧୁଙ୍କ ସହ ଆଲୋଚନା କରିବା କିଛି ମାନେ ନାହିଁ। ଯଦି ସାଥୀଙ୍କ ଆର୍ଥିକ ସ୍ଥିତି ଭଲ ନାହିଁ ତ ଭଲ ହେବ, କିନ୍ତୁ ଏ ବିଷୟରେ ଆପଣ ପ୍ରଥମେ ତାଙ୍କ ସହ ହିଁ ଆଲୋଚନା କରନ୍ତୁ। କିନ୍ତୁ ଅନ୍ୟ କାହାଦ୍ୱାରା ଆଲୋଚନା କରିବା ଦ୍ୱାରା ସମ୍ପର୍କ ଆଦୌ ଭଲ ରହିବ ନାହିଁ। ସାଥୀଙ୍କ ସହ କୌଣସି ସମସ୍ୟାକୁ ଆପଣଙ୍କ ବାପା ମା' କିମ୍ବା ଭଉଣୀଙ୍କ ସହ ସେୟାର କରିପାରିବେ, କିନ୍ତୁ ବନ୍ଧୁଙ୍କୁ ଏହା ଭିତରକୁ ନଆଣିବା ଠିକ୍ ହେବ।

ଅଧିକାଂଶ ଲୋକ ଉଷୁମ ପାଣି ପିଇବାକୁ ପସନ୍ଦ କରନ୍ତି । ଏଥିପାଇଁ ଅନେକ ଲୋକ ଗ୍ୟାସ୍ ଉପରେ ପାଣି ସିଝାଇ ପିଅନ୍ତି ତ ଆଉ କେତେ ବୈଦ୍ୟୁତିକ କେଟଲିର ବ୍ୟବହାର କରନ୍ତି । ପାଣି ବ୍ୟତୀତ ଏହି କେଟଲିରେ ଚା'ମଧ ତିଆରି କରାଯାଏ । ଖାଲି ପାଣି ଓ ଚା' କାହିଁକି ଏଥିରେ କ୍ଷୀର ମଧ ଗରମ କରାଯାଏ । କିନ୍ତୁ ଯଦି ଭୁଲ୍ ଭାବରେ ଏହାକୁ ବ୍ୟବହାର କରାଯାଏ ତେବେ ସର୍ଟ ସର୍କିଟ୍ , ଅତ୍ୟଧିକ ଗରମ ଏବଂ କରେଣ୍ଟ୍ ଲାଗିବା ଭଳି ବିପଦ ସୃଷ୍ଟି ହୋଇପାରେ । ତେଣୁ କିଛି ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ଟିପ୍ସକୁ ପାଳନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେବେ ଏହି ବୈଦ୍ୟୁତିକ କେଟଲି କିମ୍ବା ଅନ୍ୟ କୌଣସି ବୈଦ୍ୟୁତିକ ଉପକରଣ କିଣିବା ସମୟରେ ଓଝଓଆଇଏସଆଇ ଚିହ୍ନ ନିଶ୍ଚିତ ଭାବରେ ଦେଖନ୍ତୁ । ଏହି ଚିହ୍ନ ସୂଚାଇଥାଏ ଯେ ଉପକରଣଟି ସରକାରୀ ସୁରକ୍ଷା, ଗୁଣବତ୍ତା ଏବଂ କାର୍ଯ୍ୟଦକ୍ଷତା ମାନଦଣ୍ଡ ପୂରଣ କରେ । ତେବେ ଆପଣଙ୍କୁ କହିରଖୁଛୁ ଯେ **Consumer Affairs** ନିଜ ଅଫିସିଆଲ୍ ଏକ୍ସ ଆକାଉଣ୍ଟରେ ଏକ ଟ୍ୱିଟ୍ କରି ଗ୍ରାହକଙ୍କୁ ଆଇଏସଆଇ ମାର୍କ ଥିବା କେଟଲି କିଣିବା ପାଇଁ ପରାମର୍ଶ ଦେଇଛନ୍ତି । ତେବେ ଆସନ୍ତୁ ଜାଣିବା ଆଇଏସଆଇ ମାର୍କ କ'ଣ ଏବଂ ଏହି ଚିହ୍ନ ଥିବା ଉପକରଣ କିଣିବା କାହିଁକି ଲାଭଦାୟକ । ଆଇଏସଆଇଓଝଓ ଚିହ୍ନ ଭାରତରେ ଏକ ମାନକ ଗୁଣବତ୍ତାର ପ୍ରମାଣପତ୍ର । ଏହା ଆଇଏସଆଇ (ବ୍ୟୁରୋ ଅଫ୍ ଇଣ୍ଡିଆନ୍ ଷ୍ଟାଣ୍ଡାର୍ଡସ୍) ଦ୍ୱାରା ଜାରି କରାଯାଏ । ଏହା ଯେକୌଣସି ଉପକରଣ ପାଇଁ ଏକ ପ୍ରମାଣପତ୍ର ଭଳି କାମ କରେ । ଏହି ଚିହ୍ନ ବୈଦ୍ୟୁତିକ




ଉପକରଣ, ସିମେଣ୍ଟ, ଖଚଏ ସିଲିଣ୍ଡର ଏବଂ ପ୍ୟାକେଜ୍ ପାନୀୟ ଜଳ ଏବଂ କ୍ଷୀର ପାଉଡର ଭଳି ଖାଦ୍ୟ ଉତ୍ପାଦରେ ମଧ ଦେଖାଯାଏ । ବାରମ୍ବାର ଗରମ କରିବା ଯୋଗୁଁ ବୈଦ୍ୟୁତିକ କେଟଲି ପ୍ରାୟତଃ ଅତ୍ୟଧିକ ଗରମ ହେବାର ଶିକାର ହୋଇପାରେ । ତଥାପି ଯଦି କେଟଲି ଉପରେ ଆଇଏସଆଇ ମାର୍କ ଥିବ ତେବେ ଏହାର ଅର୍ଥ ହେଉଛି ଅନ୍ୟ ଉପକରଣ ଭଳି ଏହା ଖୁବଶୀଘ୍ର ଖରାପ ହେବ ନାହିଁ ।

ଅନେକ ଥର ଆପଣ ଅନୁଭବ କରିଥିବେ ଯେ କେଟଲିରେ ଗରମ ହୋଇଥିବା ପାଣିରେ ଏକପ୍ରକାର ଧାତୁ ଗନ୍ଧ ବାରି ହୁଏ । କାରଣ ଶସ୍ତା କେଟିଲରେ ଥିବା ଷ୍ଟିଲ୍ ଖାଦ୍ୟ ଗ୍ରେଡରର ହୋଇନଥାଏ । ଆଇଏସଆଇ ମାର୍କ ଥିବା କେଟଲି ଫୁଡ୍-ସେଫ୍ ମ୍ୟାଟେରିୟଲ୍ ଦ୍ୱାରା ପ୍ରସ୍ତୁତ ହୋଇଥାଏ ଯେଉଁଥିପାଇଁ ଏଥିରେ ଶୀଘ୍ର କୌଣସି ସମସ୍ୟା ଦେଖାଯାଏ ନାହିଁ । ସାଧାରଣତଃ ଇଲେକ୍ଟ୍ରି ପ୍ରଡକ୍ଟମାନଙ୍କରେ କରେଣ୍ଟ୍ ଲାଗିବାର ଡର ଥାଏ । ଖାସ୍ କରି ସେତେବେଳେ ଯେତେବେଳେ ଆପଣ ଏଥିରେ ପାଣିର ବ୍ୟବହାର କରନ୍ତି । ବିନା ଆଇଏସଆଇ ପ୍ରମାଣିତ କେଟଲିରେ ତାର ଏବଂ ଇନସୁଲେସନ ଦୁର୍ବଳ ହୋଇଥାଏ । ଆଇଏସଆଇ ପ୍ରମାଣିତ କେଟଲିରେ **Leakage Protection Gaõ Quality Insulation** ଥାଏ । ଯାହାଦ୍ୱାରା କରେଣ୍ଟ ଲାଗିବାର ସମ୍ଭାବନା ବହୁତ କମ୍ ହୋଇଥାଏ । ଆଇଏସଆଇ ମାର୍କ ଏହା ମଧ ସୁନିଶ୍ଚିତ କରେ ଯେ କେଟଲି କମ୍ ବିଦ୍ୟୁତ୍ ବ୍ୟବହାର କରେ । ଯେହେତୁ ଏହାର ବ୍ୟବହାର ଅଧିକାଂଶ ସମୟରେ ହୋଇଥାଏ ତେଣୁ କମ୍ ବିଦ୍ୟୁତରେ ଶୀଘ୍ର ଗରମ ହୋଇଯାଏ । ଏହି କାରଣରୁ ଓଝଓ ଚିହ୍ନ ଥିବା କେଟିଲ୍ କିଣିବା ଲାଭଦାୟକ ।




ବଦଳୁଥିବା ପାଣିପାଗ, ପ୍ରଦୂଷଣ ଏବଂ ମାନସିକ ଚିନ୍ତା ଯୋଗୁଁ ଆଜିକାଲି ଚେହେରାର ପ୍ରାକୃତିକ ଚମକ ବା ଗ୍ଲୋ ହଜିଯିବା ଏକ ସାଧାରଣ ସମସ୍ୟା ପାଲଟିଛି । ଏହି ଚମକକୁ ଫେରାଇ ଆଣିବା ପାଇଁ ଆମେ ପ୍ରାୟତଃ ବଜାରରେ ମିଳୁଥିବା ମହଙ୍ଗା କେମିକାଲ୍ ଯୁକ୍ତ ସିରମ୍ ଏବଂ ନାଇଟ୍ କ୍ରିମ୍ ପଛରେ ହଜାର ହଜାର ଟଙ୍କା ଖର୍ଚ୍ଚ କରିଦେଇଥାଉ । କିନ୍ତୁ ମନମୁତାବକ ଫଳ ମିଳିନଥାଏ । ଯଦି ଆପଣ ବିନା କେମିକାଲରେ ସମ୍ପୂର୍ଣ୍ଣ ପ୍ରାକୃତିକ ଚମକ ଚାହୁଛନ୍ତି ତେବେ ଆଜିର ଏହି ସ୍ପେଶାଲ୍ ରିପୋର୍ଟ କେବଳ ଆପଣଙ୍କ ପାଇଁ । କାରଣ ଏହାର ସମାଧାନ ଆପଣଙ୍କ ରୋଷେଇ ଘରେ ହିଁ ଲୁଚି ରହିଛି । ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ଅଣ୍ଡାର ହଳଦିଆ ଅଂଶ ବା କେଶର ଆମ ତ୍ୱଚା ପାଇଁ କୌଣସି ବରଦାନଠାରୁ କିଛି କମ୍ ନୁହେଁ । ଏଥିରେ ଥିବା ପ୍ରୋଟିନ୍ ଏବଂ ଫ୍ୟାଟି ଏସିଡ୍ ତ୍ୱଚାକୁ ଭିତରୁ ପୋଷଣ ଯୋଗାଇଥାଏ । ଯେତେବେଳେ ଆପଣ ଏଥିରେ ମହୁ କିମ୍ବା ଆଲୋଭେରା ଜେଲ୍ ମିଶାଇ ଚେହେରାରେ ଲଗାନ୍ତି ଏହା ମହଙ୍ଗା ଆଣ୍ଟି-ଏଜିଙ୍ଗ୍ ସିରମ୍‌କୁ ମଧ ପଛରେ ପକାଇଦିଏ । ତେବେ ଏହି ପ୍ରାକୃତିକ ଫେସ୍‌ପ୍ୟାକ୍ ପ୍ରସ୍ତୁତ କରିବା ପାଇଁ ଆପଣଙ୍କୁ ଆବଶ୍ୟକ ହେବ ଗୋଟିଏ ଅଣ୍ଡାର ହଳଦିଆ ଅଂଶ,ଗୋଟିଏ ଛୋଟ ଚାମଚ ମହୁ ଏବଂ ଆଲୋଭେରା ଜେଲ୍ କିମ୍ବା ଦହି । ଶେଷରେ ଯଦି ତ୍ୱଚା ଅଧିକ ଶୁଷ୍କ ଥାଏ ତେବେ ୨ ରୁ ୩ ଟୋପା ବାଦାମ ତେଲ । ପ୍ରଥମେ ଅଣ୍ଡାର ଧଳା ଅଂଶକୁ ଅଲଗା କରି କେବଳ ହଳଦିଆ ଅଂଶକୁ ଏକ ପାତ୍ରରେ ରଖନ୍ତୁ । ସେଥିରେ ଏକ ଚାମଚ ଶୁଦ୍ଧ ମହୁ ଏବଂ ଦାଗ-ଚିହ୍ନ ଦୂର କରିବା ପାଇଁ ଅଧ ଚାମଚ ଆଲୋଭେରା ଜେଲ୍ ମିଶାନ୍ତୁ । ଚାମଚ ସାହାଯ୍ୟରେ ଏହାକୁ ଭଲଭାବେ ଫେଣ୍ଟି ଏକ କ୍ରିମ୍ ଭଳି ପେଷ୍ଟ ପ୍ରସ୍ତୁତ କରନ୍ତୁ । ଏହି ଫେସ୍‌ପ୍ୟାକ୍ ଲଗାଇବା ପୂର୍ବରୁ ଚେହେରାକୁ କୌଣସି ମାଇଲ୍ଡ ଫେସ୍‌ୱାଶ୍ କିମ୍ବା ଗୋଲାପ ଜଳରେ ଭଲଭାବେ ସଫା କରି ଶୁଖାଇ ଦିଅନ୍ତୁ। ଏବେ ବ୍ରଶ୍ କିମ୍ବା ଆଙ୍ଗୁଠି ସାହାଯ୍ୟରେ ଏହି ପ୍ୟାକ୍‌କୁ ନିଜ ଚେହେରା ଏବଂ ବେକରେ ଉପର ଆଡ଼କୁ ଷ୍ଟ୍ରୋକ୍ ଦେଇ ସମାନ ଭାବରେ ଲଗାନ୍ତୁ । ଆଖି ଚାରିପାଖର କୋମଳ ଅଂଶକୁ ଛାଡ଼ି ଦିଅନ୍ତୁ। ଏହାକୁ ୧୫ ରୁ ୨୦ ମିନିଟ୍ ପାଇଁ ଛାଡ଼ି ଦିଅନ୍ତୁ । ଯେତେବେଳେ ତ୍ୱଚାରେ ସାମାନ୍ୟ ଟାଣଭାବ ଅନୁଭବ ହେବ ସେତେବେଳେ ପ୍ରଥମେ ହାଲୁକା ଉଷୁମ ପାଣିରେ ଚେହେରା ଧୋଇ ଦିଅନ୍ତୁ ଏବଂ ପରେ ଥଣ୍ଡା ପାଣିର ଛିଟା ମାରନ୍ତୁ ଯାହାଦ୍ୱାରା ତ୍ୱଚାର ପୋର୍ସ ବନ୍ଦ ହୋଇଯିବ। ଶେଷରେ ଆପଣ ବ୍ୟବହାର କରୁଥିବା ମଏଶ୍ଚରାଇଜର ଲଗାଇ ନିଅନ୍ତୁ। ଯଦି ଆପଣ ପ୍ରଥମ ଥର ପାଇଁ ଏହାକୁ ବ୍ୟବହାର କରୁଛନ୍ତି ତେବେ ଚେହେରାରେ ଲଗାଇବା ପୂର୍ବରୁ ବେକ କିମ୍ବା ହାତରେ ପ୍ୟାଚ୍ ଟେଷ୍ଟ ନିଶ୍ଚୟ କରନ୍ତୁ । ଯଦି ଆପଣଙ୍କୁ ଅଣ୍ଡାର ଗନ୍ଧ ପସନ୍ଦ ନୁହେଁ ତେବେ ଏହି ପ୍ୟାକ୍‌ରେ ୨ ଟୋପା ଲେମ୍ବୁ ରସ କିମ୍ବା ଲାଭେଣ୍ଡର ଏସେନସିଆଲ୍ ଅଏଲ୍ ମିଶାଇ ପାରିବେ । ଭଲ ଫଳାଫଳ ପାଇଁ ସପ୍ତାହରେ ୧ ରୁ ୨ ଥର ଏହାକୁ ବ୍ୟବହାର କରିପାରିବେ ।

## ଜାଣନ୍ତୁ ଅଣ୍ଡାକୁ କାହିଁକି ବି୧୨ର ଅଂଶ ଭାବେ ବିବେଚନା କରାଯାଏ

ଅଣ୍ଡା ପ୍ରାଚୀନ କାଳରୁ ଖାଦ୍ୟର ଏକ ଅଂଶ ହୋଇଆସିଛି । ଏହା ଶିଶୁଙ୍କ ପୁଷ୍ଟିକର ଆବଶ୍ୟକତା ପୂରଣ କରିବାରେ ଏକ ମୂଲ୍ୟବାନ ଅବଦାନ ଅଟେ। ଅଣ୍ଡାରେ ୧୭ଟି ବିଭିନ୍ନ ଭିଟାମିନ୍ ଏବଂ ଖଣିଜ ପଦାର୍ଥ ସହିତ ପୁଷ୍ଟିକର ତତ୍ତ୍ୱ ରହିଥାଏ । ଅଣ୍ଡା କେବଳ ପ୍ରାତଃଭୋଜନର ଏକ ମୁଖ୍ୟ ଖାଦ୍ୟ ନୁହେଁ , ବରଂ ପୁଷ୍ଟିକର ପଦାର୍ଥର ମଧ ଏକ ଭଣ୍ଡାର। ବଢୁଥିବା ପିଲାଙ୍କ ପାଇଁ ଯେଉଁ ପୋଷକ ତତ୍ତ୍ୱ ଆବଶ୍ୟକ ହୋଇଥାଏ ତାହା ଅଣ୍ଡାରୁ ସହଜରେ ମିଳିଥାଏ । ଏହି କାରଣରୁ ଡାକ୍ତର ଏବଂ ବିଶେଷଜ୍ଞମାନେ ସବୁବେଳେ ପିଲାମାନଙ୍କ ଖାଦ୍ୟରେ ଅଣ୍ଡାକୁ ଖାଇବାକୁ କହିଥାଆନ୍ତି । ଏଗୁଡ଼ିକ ସେମାନଙ୍କ ମସ୍ତିଷ୍କ, ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇବାରେ ସାହାଯ୍ୟ କରିଥାଏ । ଅଣ୍ଡା କୋଲାଇନ୍‌ର ସର୍ବୋତ୍ତମ ଉତ୍ସ ଅଟେ। ଏହି ପୁଷ୍ଟିକର ପୋଷକ ତତ୍ତ୍ୱ ଶରୀରକୁ ଆସିଟେଲକୋଲାଇନ୍ ତିଆରି କରିବାରେ ସାହାଯ୍ୟ କରେ। ଏହା ମସ୍ତିଷ୍କ ରାସାୟନିକ ପଦାର୍ଥ ଅଟେ। କୋଲାଇନ୍ ଶିଶୁଙ୍କ ଶରୀରରେ ନୂତନ ନ୍ୟୁରୋଟ୍ରାନ୍ସମିଟର ଗଠନ କରିବାରେ ମଧ ସାହାଯ୍ୟ କରିଥାଏ। ଯାହା ଶିଶୁଙ୍କ ବୌଦ୍ଧିକ ଶକ୍ତିକୁ ବଢାଇଥାଏ । ଲୁଟିନ୍ ଏବଂ ଜିଆକ୍ସାନ୍ଥିନ ଅଣ୍ଡାରେ ଲୁଟିନ୍ ଏବଂ ଜିଆକ୍ସାନ୍ଥିନ ରହିଥାଏ। ଯାହା ଶିଶୁଙ୍କ ଆଖିକୁ ସୁରକ୍ଷା ଦେବାସହ, କ୍ଷତିକାରକ ନୀଳ ଆଲୋକରୁ ରକ୍ଷା କରିଥାଏ। ଏକ ଗବେଷଣାରୁ ଜଣାପଡିଛି ଯେ, ଲ୍ୟୁଟିନ୍ ଏବଂ ଜିଆକ୍ସାନ୍ଥିନର ଅଧିକ ସେବନ ବୟସ୍କମାନଙ୍କ ମଧ୍ୟରେ ସ୍ମୃତି ଶକ୍ତି ସମସ୍ୟା ଦୂର କରିଥାଏ। ଏହି ପୋଷକ ତତ୍ତ୍ୱଗୁଡ଼ିକ ଯୁବବର୍ଗଙ୍କ ମସ୍ତିଷ୍କ କାର୍ଯ୍ୟଦକ୍ଷତାକୁ ମଧ ବିକଶିତ କରିଥାଏ ।

ପ୍ରୋଟିନ୍ : ଅଣ୍ଡାରେ ଥିବା ଉଚ୍ଚମାନର ପ୍ରୋଟିନ୍ ଶିଶୁଙ୍କ ମାଂସପେଶୀ ଏବଂ ହାଡ଼ ବିକାଶଠାରୁ ଆରମ୍ଭ କରି ଜ୍ଞାନାତ୍ମକ କାର୍ଯ୍ୟକୁ ବିକଶିତ କରେ। ଯେଉଁ ପିଲାମାନେ ଅଣ୍ଡା ଯୁକ୍ତ ଜଳଖିଆ ଭଳି ଅଧିକ ପ୍ରୋଟିନ୍ ଯୁକ୍ତ ଜଳଖିଆ ଖାଆନ୍ତି, ସେମାନେ ଅଧିକ ସମୟ ପାଇଁ ପେଟ ପୁରିଲା ଭଳି ଅନୁଭବ କରିପାରନ୍ତି। ଭିଟାମିନ୍ ବି୧୨: ଅଣ୍ଡାକୁ ଇ୧୨ର ଏକ ଭଲ ଉତ୍ସ ଭାବରେ ବିବେଚନା କରାଯାଏ । ଏହା ଦୈନନ୍ଦିନ ଜୀବନର



ଆବଶ୍ୟକତା ପୂରଣ କରିବାରେ ସାହାଯ୍ୟ କରିଥାଏ। ଦୁଇଟି ଅଣ୍ଡା ଶରୀରକୁ ୪୬ ପ୍ରତିଶତ ପର୍ଯ୍ୟନ୍ତ ଭିଟାମିନ୍ ଇ୧୨ ଯୋଗାଇଥାଏ।

## ପେଟ ଦରଜ ହୋଇପାରେ ଗଲ୍ ବ୍ଲାଡର୍ ଷ୍ଟୋନ ସଙ୍କେତ: ଜାଣି ରଖନ୍ତୁ ଏହାର ଲକ୍ଷଣ ଓ ଉପଚାର

ଆଜିକାଲି ଆମ ଆଖପାଖ ବା ଜଣାଶୁଣା ଲୋକଙ୍କ ଭିତରେ ଅନେକଙ୍କ ପାଖରେ ପଥୁରୀ ସମସ୍ୟା ଦେଖିବାକୁ ମିଳୁଛି । ବିଶେଷ କରି ଗଲ୍ ବ୍ଲାଡର୍ ଷ୍ଟୋନ୍ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି । ଆଉ ଏ ସମସ୍ୟା ହେଲେ ଆରମ୍ଭରୁ ହିଁ ଏହାର ଲକ୍ଷଣ ଜଣାପଡ଼ିଯାଉଛି । ସ୍ୱାସ୍ଥ୍ୟ ମନ୍ତ୍ରାଳୟର ସର୍ଭେ ଅନୁସାରେ, ପାଖାପାଖି ୮ ପ୍ରତିଶତ ଲୋକଙ୍କଠାରେ ଗଲ୍ ବ୍ଲାଡର୍ ସମସ୍ୟା ଦେଖାଯାଉଛି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ କହିବା ଅନୁସାରେ, ଭୁଲ ତରିକାରେ ଖାଇବା ପିଇବା , ମୋଟାପଣ, ଏବଂ ଅନିୟମିତ ଜୀବନଶୈଳୀ ଏହାର ମୁଖ୍ୟ କାରଣ । ସମୟରେ ନିଜ ସ୍ୱାସ୍ଥ୍ୟ ଉପରେ ଧ୍ୟାନ ନଦେବା ଆମ ପାଇଁ ଗଭୀର ସମସ୍ୟା ଆଣିପାରେ । ଏଥିପାଇଁ ଆମ ପାଖରେ ସଠିକ୍ ତଥ୍ୟ ରହିବା ଦରକାର । ଖାଦ୍ୟ ହଜମ ପାଇଁ ଆବଶ୍ୟକ ହେଉଥିବା ଏହି ଗୁରୁତ୍ୱପୂର୍ଣ୍ଣ ଅଙ୍ଗର ମୁଖ୍ୟ ସମସ୍ୟା ହେଉଛି ଏଥିରେ ଷ୍ଟୋନ୍ ହେବାର ଆଶଙ୍କା ଅଧିକ ଥାଏ , ଯାହାକୁ ଗଲ୍ ଷ୍ଟୋନ୍ ବୋଲି କୁହାଯାଏ । ଯେବେ. ଗଲ୍ ବ୍ଲାଡରରେ ତରଳ ପଦାର୍ଥର ମାତ୍ରା ଶୁଖିବାକୁ ଲାଗେ ଏଥିରେ ଥିବା ସର୍କରା ଏବଂ ଲବଣାକ୍ତ ଉପାଦାନ ଏବଂ ଅନ୍ୟ ମାଇକ୍ରୋନ୍ୟୁଟ୍ରିଏଣ୍ଟ ତତ୍ତ୍ୱ ମିଶି ଜମା ହୋଇ ଛୋଟ ଛୋଟ ପଥର ଟୁକୁଡ଼ାର ଆକାର ଧାରଣ କରେ । ଏହାକୁ ଗଲ୍ ଷ୍ଟ୍ରୋନ୍ କୁହାଯାଏ । ଗଲ୍ ବ୍ଲାଡର ଷ୍ଟୋନ୍ ଦୁଇ ପ୍ରକାରର ହୋଇଥାଏ । କୋଲେଷ୍ଟ୍ରଲ୍ ଏବଂ



ପିଗମେଣ୍ଟ୍ । କୋଲେଷ୍ଟ୍ରଲ ଷ୍ଟୋନ୍ ଇଷତ୍ ହଳିଦୀ ରଙ୍ଗର ହୋଇଥାଏ। ମେଦବହୁଳର ଶିକାର ହୋଇଥିବା ବ୍ୟକ୍ତି ଏବଂ ମହିଳାମାନଙ୍କଠାରେ କୋଲେଷ୍ଟ୍ରଲ୍ ଷ୍ଟୋନ୍ ସମସ୍ୟା ଦେଖାଯାଏ । କିନ୍ତୁ ଯେବେ ବ୍ଲାଡରରେ କଳା କିମ୍ବା ଧୂସର ରଙ୍ଗର ଷ୍ଟୋନ୍ ଦେଖାଯାଏ ଜାଣିବେ ପିଗମେଣ୍ଟ ଷ୍ଟୋନ୍ ହୋଇଛି।

ଗଲ୍ ବ୍ଲାଡର ଷ୍ଟୋନର ଲକ୍ଷଣ :

ଆରମ୍ଭରୁ ଗଲ୍ ବ୍ଲାଡର ଷ୍ଟୋନର ଲକ୍ଷଣ ଜଣାପଡ଼େ । ଡେରି କଲେ ଏ ସମସ୍ୟା ଗୁରୁତର ହୋଇପାରେ । ତେବେ ଗଲ୍ ବ୍ଲାଡର ହୋଇଥିଲେ ପେଟର ଉପରି ଭାଗ ଦରଜ ହେବା,ଅଧିକ ମାତ୍ରାରେ ଗ୍ୟାସ୍ ସମସ୍ୟା ହେବା, ପେଟରେ ଭାରୀପଣ ଲାଗିବା, ବାନ୍ତି ହେବା, ଝାଳ ବାହାରିବା, ପରି ଲକ୍ଷଣ ଦେଖାଯାଏ । ତେବେ ଶାରୀରିକ ପରିଶ୍ରମ ତଥା ବ୍ୟାୟାମର ଅଭାବ, ଅଧିକ ତେଲ ମସଲା ଖାଇବା, ଗଲ୍ ବ୍ଲାଡର ଷ୍ଟୋନ ହେବା ପାଇଁ ଦାୟୀ । ଦୀର୍ଘ ଦିନ ଯାଏଁ ଗର୍ଭ ନିରୋଧକ ଔଷଧ ଖାଇବା, କିମ୍ବା ହର୍ମୋନ୍ ରିପ୍ଲେସମେଣ୍ଟ ଥେରାପି ନେଉଥିବା ମହିଳାଙ୍କଠାରେ ବି ଗଲ୍ ବ୍ଲାଡର ଷ୍ଟୋନ ସମସ୍ୟା ହେବାର ଅଧିକ ଆଶଙ୍କା ଥାଏ । ଶରୀର ଓଜନ କମାଇବାକୁ ଲଗାତାର ଔଷଧ ଖାଉଥିଲେ ବି ଏ ସମସ୍ୟା ଦେଖାଯାଏ । ତାହେଲେ ଏବେ ଏହି ସମସ୍ୟାର ଉପଚାର ବି ଜାଣିନେବା ଦରକାର । ଯଦି ଆରମ୍ଭରୁ ଏହାର ଲକ୍ଷଣ ଜଣାପଡ଼ିଯାଏ ତାହାଲେ ଏହାକୁ ଔଷଧ ସେବନ ଦ୍ୱାରା ନିୟନ୍ତ୍ରଣ କରାଯାଇପାରିବ । ଅଧିକ ଗୁରୁତର ସ୍ଥିତରେ ଅସ୍ତ୍ରୋପଚାରର ଆବଶ୍ୟକତା ପଡ଼ିପାରେ । ହଁ ଅସ୍ତ୍ରୋପଚାର ପରେ କିନ୍ତୁ ବ୍ୟକ୍ତିକୁ ନିଜ ଖାବା, ପିଇବା ଜୀବନଚର୍ଯ୍ୟା ଉପରେ ଧ୍ୟାନ ଦେବାକୁ ପଡ଼ିବ । ସାଦା ଏବଂ ସନ୍ତୁଳିତ ଖାଦ୍ୟ ଖାଇବାକୁ ଅଭ୍ୟାସରେ ପକାଇଲେ ଭଲ । ଏହାସହ ଓମେଗା -୩, ଫ୍ୟାଟି ଏସିଡ୍ ଥିବା ଖାଦ୍ୟ ଖାଇବା ଦରକାର । ବିଭିନ୍ନ ପ୍ରକାର ଫଳ ଖାବା ଦରକାର । ଏହାସହ ଦୈନିକ ୮ରୁ ୧୦ ଗ୍ଲାସ୍ ପାଣି ପିଇବା ଦରକାର । ଏସବୁ ଅଭ୍ୟାସ ଆପଣାଇଲେ ଏଭଳି ସମସ୍ୟାରୁ ରକ୍ଷା ପାଇହେବ ।

# ବଦଳୁଛି ମନରେଗା, ବଢୁଛି ରାଜ୍ୟଙ୍କ ବୋଝ

ଭାରତର ଗ୍ରାମୀଣ ଅର୍ଥନୀତି ଏବଂ ନିଯୁକ୍ତି କ୍ଷେତ୍ରରେ ଏକ ବଡ଼ ଧରଣର ପରିବର୍ତ୍ତନ ଘଟିବାକୁ ଯାଉଛି, ଯାହା ଦେଶର ସାମାଜିକ ଓ ଅର୍ଥନୈତିକ ସ୍ଥିତି ଉପରେ ଗଭୀର ପ୍ରଭାବ ପକାଇବ । ୨୦୦୫ ମସିହାରୁ ଗ୍ରାମାଞ୍ଚଳରେ କର୍ମନିଯୁକ୍ତିର ମୁଖ୍ୟ ଆଧାର ପାଲଟିଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ ବା ଏମଜିଏନଆରଇଜିଏକୁ ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତନ କରାଯାଇଛି । ଏହା ସ୍ଥାନରେ ଜୁଲାଇ ୧, ୨୦୨୬ ତାରିଖରୁ 'ବିକଶିତ ଭାରତ ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ (ଗ୍ରାମୀଣ)' ବା 'ଭିବି-ଜି ରାମ ଜି' ନାମକ ଏକ ନୂତନ ଯୋଜନା ଲାଗୁ କରାଯାଇଛି । କେନ୍ଦ୍ର ସରକାର ଏହି ପରିବର୍ତ୍ତନକୁ ଗ୍ରାମୀଣ ବିକାଶର ଏକ ନୂତନ ଅଧ୍ୟାୟ ବୋଲି ଦାବି କରୁଥିବା ବେଳେ, ବିଭିନ୍ନ ରାଜ୍ୟ ସରକାର ଏବଂ ଅର୍ଥନୈତିକ ବିଶେଷଜ୍ଞମାନେ ଏହାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଏହି ଉଦ୍‌ବେଗର ମୁଖ୍ୟ କାରଣ ହେଉଛି ନୂତନ ଯୋଜନା ଅଧୀନରେ ରାଜ୍ୟଗୁଡ଼ିକ ଉପରେ ପଡ଼ିବାକୁ ଥିବା ବିପୁଳ ଆର୍ଥିକ ବୋଝ । ଏହି ନୂତନ ବ୍ୟବସ୍ଥା ଫଳରେ କେନ୍ଦ୍ର ସରକାର ନିଜର ଆର୍ଥିକ ଦାୟିତ୍ୱର ଏକ ବଡ଼ ଅଂଶ ରାଜ୍ୟମାନଙ୍କ ଉପରେ ଲଦି ଦେଇଛନ୍ତି, ଯାହା ଭାରତର ସହଯୋଗୀ ସଂଘବାଦ ବା କୋଅପରେଟିଭ୍ ଫେଡେରାଲିଜିମ୍ ପ୍ରତି ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି । ଦୀର୍ଘ ଦୁଇ ଦଶନ୍ଧି ଧରି ଗରିବ ଲୋକଙ୍କ ଜୀବନ ଧାରଣର ମାନ ବୃଦ୍ଧି କରିବାରେ ଏମଜିଏନଆରଇଜିଏ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଆସିଥିଲା, ମାତ୍ର ବର୍ତ୍ତମାନର ଏହି ନୂତନ ନୀତି ଯୋଗୁଁ ସେହି ସଫଳତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ସମ୍ପ୍ରତି ପ୍ରକାଶିତ ଏକ ତଥ୍ୟଭିତ୍ତିକ ବିଶ୍ଳେଷଣରୁ ଜଣାପଡ଼ିଛି ଯେ, ନୂତନ ଗ୍ରାମୀଣ କର୍ମନିଯୁକ୍ତି ଯୋଜନା କାର୍ଯ୍ୟକାରୀ ହେବା ଫଳରେ ରାଜ୍ୟଗୁଡ଼ିକର ବ୍ୟୟ ପ୍ରାୟ ଛଅ ଶହ ପ୍ରତିଶତ ବୃଦ୍ଧି ପାଇବ । ଏକ ବିସ୍ତୃତ ଅନୁଧ୍ୟାନ ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ରାଜ୍ୟଗୁଡ଼ିକ ଏମଜିଏନଆରଇଜିଏ ବାବଦରେ ମୋଟ ୭,୬୦୦ କୋଟି ଟଙ୍କା ଖର୍ଚ୍ଚ କରିଥିଲେ । ମାତ୍ର ନୂତନ ଯୋଜନା 'ଭିବି-ଜି ରାମ ଜି' ଲାଗୁ ହେବା ପରେ ୨୦୨୬-୨୭ ଆର୍ଥିକ ବର୍ଷ ସୁଦ୍ଧା ରାଜ୍ୟଗୁଡ଼ିକୁ ଅତି କମରେ ୫୧,୦୦୦ କୋଟି ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ । ଏହି ତଥ୍ୟ କେବଳ ଆଶ୍ଚର୍ଯ୍ୟଜନକ ନୁହେଁ, ବରଂ ରାଜ୍ୟଗୁଡ଼ିକର ସୀମିତ ଆର୍ଥିକ ସମ୍ବଳ ଉପରେ ଏହା ଏକ ପ୍ରଚଣ୍ଡ ପ୍ରହାର ସଦୃଶ ଅଟେ । ବିଶେଷ କରି ଉତ୍ତରପ୍ରଦେଶ, ତାମିଲନାଡୁ ଏବଂ ବିହାର ଭଳି ରାଜ୍ୟଗୁଡ଼ିକ କ୍ଷେତ୍ରରେ ଏହି ଖର୍ଚ୍ଚ ୬୦୦ରୁ ୮୦୦ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇବାର ଆଶଙ୍କା ରହିଛି । ଏହି ରାଜ୍ୟଗୁଡ଼ିକରେ ଗ୍ରାମୀଣ ଶ୍ରମିକଙ୍କ ସଂଖ୍ୟା ଅଧିକ ଥିବାରୁ ସେମାନଙ୍କୁ କର୍ମନିଯୁକ୍ତି ଯୋଗାଇଦେବା ପାଇଁ ଅଧିକ ଅର୍ଥର ଆବଶ୍ୟକତା ପଡ଼ିବ । ରାଜ୍ୟ ସରକାରମାନେ ନିଜର ବଜେଟ୍ ପ୍ରସ୍ତୁତ କରିବା ସମୟରେ ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଏବଂ ଭିତ୍ତିଭୂମି ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ପାଇଁ ଅର୍ଥ ବରାଦ କରିଥାନ୍ତି । ଏବେ ଗ୍ରାମୀଣ କର୍ମନିଯୁକ୍ତି ପାଇଁ ଏତେ ବଡ଼ ଧରଣର ଅତିରିକ୍ତ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଲେ, ଅନ୍ୟାନ୍ୟ ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ପାଇଁ ଅର୍ଥର ଘୋର ଅଭାବ ଦେଖାଦେବା ନିଶ୍ଚିତ, ଯାହାକି ରାଜ୍ୟଗୁଡ଼ିକର ସାମଗ୍ରିକ ବିକାଶକୁ ବାଧାପ୍ରାପ୍ତ କରିବ ।

ଏହି ବିପୁଳ ଆର୍ଥିକ ବୋଝର କାରଣ ଖୋଜିଲେ ଜଣାଯାଏ ଯେ, ନୂତନ ଯୋଜନାରେ ପ୍ରଶାସନିକ ଏବଂ ସାମଗ୍ରୀ ବା ମେଟେରିଆଲ୍ ବାବଦ ଖର୍ଚ୍ଚର ଏକ ବଡ଼ ଅଂଶ ରାଜ୍ୟଗୁଡ଼ିକୁ ବହନ କରିବାକୁ ପଡ଼ିବ । ପୂର୍ବରୁ ଏମଜିଏନଆରଇଜିଏରେ କେନ୍ଦ୍ର ସରକାର ସାମଗ୍ରୀ ଖର୍ଚ୍ଚର ପଞ୍ଚସ୍ତରୀ ପ୍ରତିଶତ ଏବଂ ଶ୍ରମିକମାନଙ୍କ ମଜୁରୀର ଶତପ୍ରତିଶତ ବହନ କରୁଥିଲେ । କିନ୍ତୁ ନୂତନ ନିୟମ ଅନୁଯାୟୀ ଏହି ଅନୁପାତରେ ବ୍ୟାପକ ପରିବର୍ତ୍ତନ କରାଯାଇ କେନ୍ଦ୍ରର ଅବଦାନକୁ ହ୍ରାସ କରାଯାଇଛି । ବିଶ୍ଳେଷକମାନେ ୨୦୨୪-୨୫ ମସିହାର ଖର୍ଚ୍ଚ ଉପରେ ଖାଉଟି ଦର ସୂଚକାଙ୍କ ବା ସିପିଆଇ ଆଧାରିତ ମୁଦ୍ରାସ୍ଫୀତିକୁ ହିସାବକୁ ନେଇ ଏହି ନୂତନ ଆକଳନ କରିଛନ୍ତି । ଦିନକୁ ଦିନ ନିର୍ମାଣ ସାମଗ୍ରୀର ଦରଦାମ୍ ବୃଦ୍ଧି ପାଉଥିବା ବେଳେ, ରାଜ୍ୟଗୁଡ଼ିକୁ ଏହାର ବର୍ଦ୍ଧିତ ମୂଲ୍ୟ ବହନ କରିବାକୁ ବାଧ କରାଯାଉଛି । ଏହା ସହିତ ପ୍ରଶାସନିକ ଖର୍ଚ୍ଚ ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି । ଯେତେବେଳେ କେନ୍ଦ୍ର ସରକାର ଏକ ଜାତୀୟ ସ୍ତରର ଯୋଜନାର ନିୟମାବଳୀ ପ୍ରସ୍ତୁତ କରୁଛନ୍ତି, ସେତେବେଳେ ତାର ଆର୍ଥିକ ଦାୟିତ୍ୱ ମଧ୍ୟ ସମାନ ଭାବରେ ଗ୍ରହଣ କରିବା ଉଚିତ୍ । କିନ୍ତୁ ଏଠାରେ କେନ୍ଦ୍ର ସରକାର ନିଜର ଦାୟିତ୍ୱରୁ ଓହରି ଯାଇ ରାଜ୍ୟଗୁଡ଼ିକୁ ଅସୁବିଧାରେ ପକାଇଦେଇଛନ୍ତି, ଯାହାକି ଆର୍ଥିକ ଦୃଷ୍ଟିକୋଣରୁ କୌଣସି ପ୍ରକାରେ ନ୍ୟାୟସଙ୍ଗତ ନୁହେଁ ।

ଏହି ସମସ୍ୟାକୁ ଅଧିକ ଜଟିଳ କରୁଛି କେନ୍ଦ୍ର ସରକାରଙ୍କ ପୂର୍ବ ଆର୍ଥିକ ଆଚରଣ ଏବଂ ପାଣ୍ଠି ପ୍ରଦାନରେ ଅବହେଳା । ତଥ୍ୟ ଅନୁଯାୟୀ, ୨୦୨୦-୨୧ ଆର୍ଥିକ ବର୍ଷ ପରଠାରୁ ଏମଜିଏନଆରଇଜିଏ ବାବଦରେ ବାସ୍ତବ ଖର୍ଚ୍ଚ କ୍ରମାଗତ ଭାବରେ ହ୍ରାସ ପାଇବାରେ ଲାଗିଛି । ସରକାର ବାରମ୍ବାର ଗ୍ରାମୀଣ ନିଯୁକ୍ତି ପାଇଁ ଅଧିକ ଅର୍ଥ ଖର୍ଚ୍ଚ କରିବାକୁ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ରହିଆସିଛି । ଏହା ବ୍ୟତୀତ ୨୦୨୫-୨୬ ଆର୍ଥିକ ବର୍ଷ ଶେଷ ସୁଦ୍ଧା କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ପ୍ରାୟ ୨୦,୪୨୨ କୋଟି ଟଙ୍କାର ବକେୟା ଅର୍ଥ ପ୍ରଦାନ କରିନାହାନ୍ତି । ଯେଉଁ ରାଜ୍ୟଗୁଡ଼ିକ ନିଜର ପାଣ୍ଠିରୁ ଅର୍ଥ ଖର୍ଚ୍ଚ କରି ଶ୍ରମିକମାନଙ୍କୁ କାମ ଯୋଗାଇଛନ୍ତି, ସେମାନଙ୍କୁ କେନ୍ଦ୍ର ସରକାର ସମୟ ମତେ ଅର୍ଥ ଫେରାଇ ନାହାନ୍ତି । ଏଭଳି ପରିସ୍ଥିତିରେ ନୂତନ ଯୋଜନା ମାଧ୍ୟମରେ ରାଜ୍ୟଗୁଡ଼ିକ ଉପରେ ଅତିରିକ୍ତ ହଜାର ହଜାର କୋଟି ଟଙ୍କାର ବୋଝ ଲଦିଦେବା କୌଣସି ଗୁଣରେ ଯୁକ୍ତିଯୁକ୍ତ ନୁହେଁ । ଯଦି କେନ୍ଦ୍ର ସରକାର ପୁରୁଣା ବକେୟା ଦେବାରେ ବିଫଳ ହେଉଛନ୍ତି, ତେବେ ନୂତନ ବ୍ୟବସ୍ଥାରେ ରାଜ୍ୟଗୁଡ଼ିକ କିପରି ନିଜର ଆର୍ଥିକ ସ୍ଥିରତା ବଜାୟ ରଖିବେ ଏବଂ ଶ୍ରମିକମାନଙ୍କୁ ସମୟାନୁବର୍ତ୍ତୀ ମଜୁରୀ ପ୍ରଦାନ କରିବେ, ତାହା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ନିକଟରେ ଏକ ବିବୃତ୍ତି ଜାରି କରାଯାଇ କୁହାଯାଇଛି ଯେ ନୂତନ ଯୋଜନା ରାଜ୍ୟଗୁଡ଼ିକ ଉପରେ କୌଣସି ଅଯଥା ଆର୍ଥିକ ବୋଝ ପକାଇବ ନାହିଁ । ଏହାକୁ ପ୍ରମାଣିତ କରିବା ପାଇଁ କେନ୍ଦ୍ର ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ୯୫,୬୯୨.୩୧ କୋଟି ଟଙ୍କାର ଏକ ମଧ୍ୟବର୍ତ୍ତୀକାଳୀନ ଅନୁଦାନ ଘୋଷଣା କରିଛନ୍ତି । କିନ୍ତୁ ଏହି ଘୋଷଣାରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୁଚାଇ ରଖାଯାଇଛି ଏବଂ ଅନେକ ଅସ୍ପଷ୍ଟତା ରହିଛି । ଏହି ଅର୍ଥରାଶି ମଧ୍ୟରୁ କେତେ ଅଂଶ ରାଜ୍ୟଗୁଡ଼ିକର ପୁରୁଣା ବକେୟା ମେଣ୍ଟାଇବାରେ ବ୍ୟବହାର ହେବ ଏବଂ କେତେ ଅଂଶ ନୂତନ ଯୋଜନା ପାଇଁ ବିନିଯୋଗ ହେବ, ସେ ନେଇ କୌଣସି ସ୍ପଷ୍ଟ ସୂଚନା ଦିଆଯାଇନାହିଁ । ଏହା ସହିତ ପ୍ରତ୍ୟେକ ରାଜ୍ୟକୁ ନିଜ ଆଡୁ କେତେ ଅତିରିକ୍ତ ଅର୍ଥ ଦେବାକୁ ପଡ଼ିବ, ସେ ବିଷୟରେ ମଧ୍ୟ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ନୀରବ ରହିଛନ୍ତି । ଏଭଳି ଅସ୍ପଷ୍ଟତା ରାଜ୍ୟ ସରକାରମାନଙ୍କ ମଧ୍ୟରେ ସନ୍ଦେହ ଏବଂ ଅବିଶ୍ୱାସ ବୃଦ୍ଧି କରିବା ସ୍ୱାଭାବିକ ।

ଏହି ନୀତିଗତ ପରିବର୍ତ୍ତନର ସୁଦୂରପ୍ରସାରୀ ପ୍ରଭାବ କେବଳ ସରକାରୀ ଖାତାପତ୍ରରେ ବା ରାଜନୈତିକ ବୟାନବାଜିରେ ସୀମିତ ରହିବ ନାହିଁ, ବରଂ ଗ୍ରାମାଞ୍ଚଳର କୋଟି କୋଟି ଗରିବ ଲୋକଙ୍କ ଜୀବନଜୀବିକା ଉପରେ ଏହାର ସିଧାସଳଖ ଏବଂ ନକାରାତ୍ମକ ପ୍ରଭାବ ପଡ଼ିବ । ଭାରତର ଅଧିକାଂଶ ରାଜ୍ୟ ବର୍ତ୍ତମାନ ବିଭିନ୍ନ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି ଏବଂ କରୋନା ମହାମାରୀ ପରଠାରୁ ସେମାନଙ୍କ ଅର୍ଥନୀତି ସମ୍ପୂର୍ଣ୍ଣ ରୂପେ ସୁଧୁରି ନାହିଁ । ନିଜର ରାଜସ୍ୱ ଆୟ ସୀମିତ ଥିବା ବେଳେ ଋଣଭାର କ୍ରମାଗତ ଭାବେ ବୃଦ୍ଧି ପାଉଛି । ଯଦି ରାଜ୍ୟଗୁଡ଼ିକ ନୂତନ ଯୋଜନା ଅନୁଯାୟୀ ନିଜ ଭାଗର ବିପୁଳ ଅର୍ଥ ଯୋଗାଡ଼ କରିବାରେ ବିଫଳ ହୁଅନ୍ତି, ତେବେ ଗ୍ରାମୀଣ ଶ୍ରମିକମାନଙ୍କୁ ନିୟମିତ ଭାବରେ କାମ ମିଳିବ ନାହିଁ । କାମ ନ ମିଳିଲେ ଗ୍ରାମାଞ୍ଚଳରେ ବେକାରୀ ସମସ୍ୟା ଉତ୍କଟ ରୂପ ଧାରଣ କରିବ ଏବଂ ଲୋକମାନେ ନିଜ ପରିବାରର ଭରଣପୋଷଣ ପାଇଁ ବାଧ୍ୟ ହୋଇ ସହରମୁହାଁ ହେବେ । ଏହା ଦ୍ୱାରା ସହରାଞ୍ଚଳ ଉପରେ ମଧ୍ୟ ଜନସଂଖ୍ୟାର ଚାପ ବୃଦ୍ଧି ପାଇବ ଏବଂ ସହରୀ ଭିତ୍ତିଭୂମି ଭୁଶୁଡ଼ି ପଡ଼ିବ । ଗ୍ରାମୀଣ ଅର୍ଥନୀତିର ବିକାଶ ପାଇଁ ଉଦ୍ଦିଷ୍ଟ ଏକ ଯୋଜନା ଯଦି ଅର୍ଥ ଅଭାବରୁ ବାଟବଣା ହୁଏ, ତେବେ ତାହା ଦେଶର ସାମଗ୍ରିକ ବିକାଶ ପ୍ରକ୍ରିୟାକୁ ବହୁ ପଛକୁ ଠେଲିଦେବ ।

ଶେଷରେ ଏହା ନିଃସନ୍ଦେହରେ କୁହାଯାଇପାରେ ଯେ, କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଆର୍ଥିକ ବୋଝକୁ ନେଇ ଚାଲିଥିବା ଏହି ଟଣାଓଟରା ମଧ୍ୟରେ ସାଧାରଣ ଗରିବ ଲୋକଟିଏ ଯେପରି କ୍ଷତିଗ୍ରସ୍ତ ନ ହୁଏ, ସେଥିପ୍ରତି ଉଭୟ ପକ୍ଷ ବିଶେଷ ଧ୍ୟାନ ଦେବା ଆବଶ୍ୟକ । 'ଭିବି-ଜି ରାମ ଜି' ଯୋଜନାକୁ ସଫଳ କରିବାକୁ ହେଲେ କେନ୍ଦ୍ର ସରକାରଙ୍କୁ ନିଜର ଆର୍ଥିକ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିବାକୁ ପଡ଼ିବ ଏବଂ ରାଜ୍ୟମାନଙ୍କର ସମସ୍ୟାକୁ ହୃଦୟଙ୍ଗମ କରିବାକୁ ପଡ଼ିବ । ରାଜ୍ୟଗୁଡ଼ିକ ଉପରେ ୬୦୦ ପ୍ରତିଶତ ଅତିରିକ୍ତ ବ୍ୟୟଭାର ଲଦିଦେବା ପରିବର୍ତ୍ତେ, ଏକ ସନ୍ତୁଳିତ ଏବଂ ବାସ୍ତବବାଦୀ ଅର୍ଥବ୍ୟବସ୍ଥା ପ୍ରସ୍ତୁତ କରିବା ଜରୁରୀ ଅଟେ । ସହଯୋଗୀ ସଂଘବାଦର ପ୍ରକୃତ ଅର୍ଥ ହେଉଛି ଉଭୟ କେନ୍ଦ୍ର ଏବଂ ରାଜ୍ୟ ସରକାର ମିଳିମିଶି ପାରସ୍ପରିକ ବୁଝାମଣା ମାଧ୍ୟମରେ ଦେଶର ସମସ୍ୟାର ସମାଧାନ କରିବା । ତେଣୁ କେନ୍ଦ୍ର ସରକାର ତୁରନ୍ତ ରାଜ୍ୟଗୁଡ଼ିକର ବକେୟା ଥିବା କୋଡ଼ିଏ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିବା ସହିତ ନୂତନ ଯୋଜନାର ଆର୍ଥିକ ରୂପରେଖକୁ ନେଇ ଥିବା ସମସ୍ତ ଅସ୍ପଷ୍ଟତା ଦୂର କରିବା ଉଚିତ୍ । ଗ୍ରାମୀଣ ଭାରତର ବିକାଶ କେବଳ ପୁରୁଣା ଯୋଜନାର ନାମ ପରିବର୍ତ୍ତନ କରିଦେବା ଦ୍ୱାରା ସମ୍ଭବ ନୁହେଁ, ବରଂ ଏଥିପାଇଁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତି, ପର୍ଯ୍ୟାପ୍ତ ଅର୍ଥର ବ୍ୟବସ୍ଥା ଏବଂ ସ୍ୱଚ୍ଛ ଆର୍ଥିକ ପରିଚାଳନାର ନିତାନ୍ତ ଆବଶ୍ୟକତା ରହିଛି ।

# ହୁଲ୍ ଡେ ବ୍ରିଟିଶଙ୍କ ବିପକ୍ଷରେ ରକ୍ତାକ୍ତ ସଂଗ୍ରାମ



## ଡକ୍ଟର ଲକ୍ଷ୍ମଣ ସାହୁ

ଭାରତୀୟ ଇତିହାସରେ ଜୁନ୍ ୩୦ ତାରିଖର ଏକ ବିଶେଷ ଗୁରୁତ୍ୱ ରହିଛି । ପ୍ରତିବର୍ଷ ଏହି ଦିନରେ 'ହୁଲ ଦିବସ' ଭାବେ ପାଳନ କରାଯାଏ । ବିଶେଷକରି ଯାହା ଆଦିବାସୀ ସମ୍ପ୍ରଦାୟର ସାନ୍ତାଳ ଲୋକଙ୍କ ଦ୍ୱାରା ହୋଇଥିବା ରକ୍ତାକ୍ତ ବିଦ୍ରୋହର ସ୍ମୃତିରେ ସ୍ମରଣ କରାଯାଏ । 'ହୁଲ୍' ଶବ୍ଦର ଅର୍ଥ 'ବିଦ୍ରୋହ' ବା 'ମୁକ୍ତି ଯୁଦ୍ଧ' ।

ଯଦିଓ 'ସର୍ବ ଦିବସ' ଭାବେ ଜୁନ୍ ୩୦ ତାରିଖରେ ପାଳନ କରାଯାଏ, ଏହି ଦିନଟି କେବଳ ଏକ ବିଦ୍ରୋହ ବାର୍ଷିକୀ ନୁହେଁ, ବରଂ ଉପନିବେଶିକ ଶୋଷଣ ଓ ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ ଦିବସ । ଏହା ଆଦିବାସୀ ସମ୍ପ୍ରଦାୟର ଆତ୍ମସମ୍ମାନ, ଅଧିକାର ଓ ଆପୋଷହୀନ ସଂଘର୍ଷର ପ୍ରତୀକ । 'ହୁଲ୍ ଦିବସ' ପାଳନର ଭାରତର ଇତିହାସରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ରହିଛି ।

୧୮୫୫ ଜୁନ୍ ୩୦ ରେ, ଭାଗଲପୁର (ସାନ୍ତାଳ ପରଗନାର)ର ଭାଗନାଡିହି ଗ୍ରାମରେ ଏକ ବିଶାଳ ଜନସମାବେଶରେ, ଚାରି ମୁର୍ମୁ ଭାଇ ସିଦ୍ଧୁମୁର୍ମୁ, କାନୁମୁର୍ମୁ, ଚାନ୍ଦ ମୁର୍ମୁ ଓ ଭୈରବ ମୁର୍ମୁ ଙ୍କ ନେତୃତ୍ୱରେ ପଚାଶ ହଜାରରୁ ଅଧିକ ଆଦିବାସୀ ସାନ୍ତାଳ ବ୍ରିଟିଶ ଶାସନ ଓ ଜମିଦାରଙ୍କ ଅସୀମ ଶୋଷଣ ବିରୁଦ୍ଧରେ ଏକାଠି ହୋଇଥିଲେ । ସେହି ସମୟରେ ଏହା କେବଳ ସାନ୍ତାଳ ମାନଙ୍କର ବିଦ୍ରୋହ ନଥିଲା, ବରଂ ବ୍ରିଟିଶ ଶାସନ ବିରୁଦ୍ଧରେ ଭାରତରେ ପ୍ରଥମ ସୁସଂଗଠିତ ଗଣସଂଗ୍ରାମ ମଧ୍ୟରୁ ଗୋଟିଏ ଥିଲା । ଏହି ବିଦ୍ରୋହ ଆଦିବାସୀଙ୍କ ଉପନିବେଶିକ ଶୋଷଣ ବିରୁଦ୍ଧରେ ପ୍ରତିବାଦ ଓ ଜଳ, ଜମି ତଥା ଜଙ୍ଗଲ ଉପରେ ସେମାନଙ୍କର ଅଧିକାର ପ୍ରତିଷ୍ଠା କରିବାର ଏକ ଶକ୍ତିଶାଳୀ ପ୍ରତୀକ ।

ଆଦିବାସୀ ଜନଜାତିର ଲୋକମାନେ ସାଧାରଣତଃ ସରଳ, ଯେଉଁମାନେ ପ୍ରକୃତି ସହିତ ଘନିଷ୍ଠ ଭାବରେ ଜଡିତ । ସେମାନେ ଜଙ୍ଗଲ ଓ ଜମି ଉପରେ ନିର୍ଭରଶୀଳ ହୋଇ ବାସ କରୁଥିଲେ । କିନ୍ତୁ ବ୍ରିଟିଶଙ୍କ ସ୍ଥାୟୀ ବସତି ବ୍ୟବସ୍ଥା ଓ ମହାଜନଙ୍କ ଦ୍ୱାରା ଉଚ୍ଚ ସୁଧ ହାର ସହିତ ଜବରଦସ୍ତି ଜମି ଅଧିଗ୍ରହଣ ଯୋଗୁଁ, ସେମାନଙ୍କ ଜୀବନ କିଛି ବର୍ଷ ପାଇଁ ଦୁର୍ବିସହ ହୋଇଗଲା । ଚିରସ୍ଥାୟୀ ବନ୍ଦୋବସ୍ତ (ସ୍ଥାୟୀ ବସତି ବ୍ୟବସ୍ଥା) ପ୍ରଚଳନ ହେବା ପରେ, ସାନ୍ତାଳମାନେ ସେମାନଙ୍କର ପୁରୁଣା ଘର ଛାଡ଼ି ରାଜମହଲର ପାହାଡିଆ ଅଞ୍ଚଳରେ ସ୍ଥାୟୀ ଭାବରେ ରହିବା ଆରମ୍ଭ କଲେ । କିନ୍ତୁ ସେଠାରେ ସ୍ଥାନୀୟ ଜମିଦାରଙ୍କ ଶୋଷଣ, ନୀଳ ଚାଷୀ ଓ ଲିକ୍ୱାରୀଙ୍କ ଉପରେ ଅତ୍ୟାଚାର, ନୂତନ ରେଳ ଲାଇନର ଠିକାଦାରଙ୍କ ଅସାମାଜିକ କାର୍ଯ୍ୟକଳାପ ଏପରିକି ଖ୍ରୀଷ୍ଟିଆନ ମିଶନାରୀଙ୍କ ଧର୍ମାନ୍ତରୀକରଣ ବିଭିନ୍ନ ଭାବରେ ଆଦିବାସୀ ଲୋକଙ୍କ ଜୀବନକୁ କଷ୍ଟ ଦେଇ ଚାଲିଥିଲା । ବ୍ରିଟିଶ ପ୍ରଶାସନ ଓ ଶକ୍ତିଶାଳୀ ଜମିଦାରଙ୍କ ମିଳିତ ଅତ୍ୟାଚାର ଯୋଗୁଁ, ଆଦିବାସୀ ଲୋକମାନେ ସେମାନଙ୍କର ଗୋରୁ, ଜଳ, ଜମି, ଜଙ୍ଗଲ ଅଧିକାର ଓ ସେମାନଙ୍କ ସ୍ତ୍ରୀ ଓ ପିଲାମାନଙ୍କୁ ମଧ୍ୟ ହରାଇବାକୁ ଲାଗିଲେ । ଯେତେବେଳେ ଶୋଷଣ, ଅତ୍ୟାଚାର ଓ ବଞ୍ଚିତତାର ସ୍ତର ଚରମ ସ୍ତରରେ ପହଞ୍ଚିଲା, ଆଦିବାସୀ ସାନ୍ତାଳମାନେ କ୍ରୋଧିତ ହେଲେ । ଯାହା ଫଳରେ ଆଦିବାସୀ ସାନ୍ତାଳମାନେ ସେମାନଙ୍କର ସରଳ ଜୀବନ ଛାଡି ବିଦ୍ରୋହର ପଥ ବାଛିଲେ ।

ବିଦ୍ରୋହ ଆରମ୍ଭ ହେଲା । ଧନୁ, ତୀର ଓ ସ୍ୱଦେଶୀ ଅସ୍ତ୍ରଶସ୍ତ୍ର ସହିତ ସଜ୍ଜିତ, ସାନ୍ତାଳମାନେ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ବ୍ରିଟିଶ ବାହିନୀ ବିରୁଦ୍ଧରେ ଏକ ଅସମାନ ଯୁଦ୍ଧ ଲଢ଼ିଲେ । ସାନ୍ତାଳ ସମ୍ପ୍ରଦାୟର ମହିଳାମାନେ ମଧ୍ୟ ଏଥିରେ ଯୋଗ ଦେଇଥିଲେ । ମହାବିଦ୍ରୋହ ପୂର୍ବରୁ ଏହି ସାନ୍ତାଳ ବିଦ୍ରୋହର ଭାରତର ରାଜନୈତିକ ଇତିହାସ ଉପରେ ବହୁତ ପ୍ରଭାବ ପଡ଼ିଥିଲା । ସିବୁ, କାନୁ, ଚାନ୍ଦ ଓ ଭୈରବ ମୁଖ୍ୟତଃ ଏହି ବିଦ୍ରୋହର ନେତୃତ୍ୱ ନେଇଥିଲେ । ସେମାନଙ୍କ ସହିତ ସେମାନଙ୍କର ଦୁଇ ଭଉଣୀ ଫୁଲୋ ଓ ଝାନୋ ମଧ୍ୟ ଏହି ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ । ଯଦିଓ ସାନ୍ତାଳମାନେ ପ୍ରାରମ୍ଭରେ କିଛି ସଫଳତା ପାଇଥିଲେ, କିନ୍ତୁ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ସୁସଂଗଠିତ ବ୍ରିଟିଶ ସେନା ବିରୁଦ୍ଧରେ ବଞ୍ଚିବା ସେମାନଙ୍କ ପାଇଁ ବହୁତ କଷ୍ଟକର ଥିଲା । ସାନ୍ତାଳମାନଙ୍କୁ ଜଙ୍ଗଲରୁ ବାହାର କରିବା ପାଇଁ ବ୍ରିଟିଶମାନେ ବିଭିନ୍ନ ରଣନୀତି ଗ୍ରହଣ କରିଥିଲେ ।

କିଛି ବିଶ୍ୱାସଘାତକଙ୍କ ସହାୟତାରେ ବ୍ରିଟିଶମାନେ ସିବୁ କାନୁଙ୍କ ଗୁପ୍ତ ଆଡ୍ଡା ବିଷୟରେ ସୂଚନା ପାଇଲେ । ସିବୁଙ୍କୁ ଗିରଫ କରାଯାଇ ଗୁଳି କରି ହତ୍ୟା କରାଯାଇଥିଲା । ୧୮୫୬ ଫେବୃଆରୀ ୨୩ ରେ କାନୁଙ୍କୁ ଏକ ବରଗଛରେ ଫାଶି ଦିଆଯାଇଥିଲା । ତାଙ୍କୁ ତଳେ ଫାଶି ଦିଆଯାଇଥିଲା । ଫାଶୀ ଖୁଣ୍ଟରୁ ସେ ଘୋଷଣା କଲେ, 'ମୁଁ ପୁଣି ଆସିବି, ଓ ସାରା ଦେଶରେ ବିଦ୍ରୋହର ନିଆଁ ପୁଣି ଥରେ ଜାଳିବି ।' ଯଦିଓ ଆଠ ମାସ ଧରି ଚାଲିଥିବା ଏହି ବିଦ୍ରୋହ ବା ଯୁଦ୍ଧରେ ସାନ୍ତାଳମାନେ ପରାସ୍ତ ହୋଇଥିଲେ । ହେଲେ ଏହା ବ୍ରିଟିଶ ଶାସନର ମୂଳଦୁଆକୁ ଦୋହଲାଇ ଦେଇଥିଲା । ପ୍ରାୟ ୧୦,୦୦୦ ସାନ୍ତାଳ ଯୋଦ୍ଧା ମୃତ୍ୟୁବରଣ କରିଥିଲେ । ଏହି ଘଟଣା ଭାରତ ଇତିହାସରେ ଏକ ଅବିସ୍ମରଣୀୟ ଅଧ୍ୟାୟ ସୃଷ୍ଟି କରିଥିଲା । ଏହି ବିଦ୍ରୋହ ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ଏକ ନୂତନ ଦିଗନ୍ତ ଖୋଲିଥିଲା । କେବଳ ସେତିକି ନୁହେଁ, ଯନ୍ତ ସାନ୍ତାଳ ବିଦ୍ରୋହ ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ କୃଷକ ସଂଗ୍ରାମ ଓ ସିପାହୀ ବିଦ୍ରୋହକୁ ମଧ୍ୟ ପ୍ରେରଣା ଦେଇଥିଲା ।

ହୁଲ୍ ଦିବସ ସାନ୍ତାଳମାନଙ୍କର ବୀରତ୍ୱପୂର୍ଣ୍ଣ ଇତିହାସ ଓ ପରମ୍ପରାକୁ ସ୍ମରଣ କରେ । ହୁଲ୍ ଦିବସ ପାଳନ କରି, ଆଦିବାସୀ ସମ୍ପ୍ରଦାୟ ସେମାନଙ୍କର ପରିଚୟ ଓ ସଂଘର୍ଷ ପାଇଁ ସ୍ୱୀକୃତି ପାଆନ୍ତି । ଏହା ସେମାନଙ୍କୁ ଏକତାରେ ରହିବା ଓ ସେମାନଙ୍କର ଅଧିକାର ପାଇଁ ଲଢ଼େଇ ଜାରି ରଖିବାକୁ ଉତ୍ସାହିତ କରେ । ହୁଲ୍ ଦିବସ କେବଳ ଏକ ଐତିହାସିକ ସ୍ମାରକୀ ନୁହେଁ, ଏହା ଆଦିବାସୀ ସମ୍ପ୍ରଦାୟର ଆତ୍ମନିର୍ଣ୍ଣୟର ପ୍ରତୀକ ମଧ୍ୟ । କାରଣ ବ୍ରିଟିଶ ଶାସନ, ଜମିଦାର ଓ ମହାଜନମାନଙ୍କ ଅତ୍ୟାଚାର, ଅନ୍ୟାୟ କର ଆଦାୟ ଓ ଜମି ଦଖଲ ବିରୋଧରେ ବିଦ୍ରୋହ । ଯଦିଓ ବ୍ରିଟିଶ ସେନା ବିଦ୍ରୋହକୁ ଦମନ କଲେ, କିନ୍ତୁ ଏହି ଆନ୍ଦୋଳନ ଭାରତର ସ୍ୱାଧୀନତା ସଂଗ୍ରାମର ଏକ ଐତିହାସିକ ମାଇଲଖୁଣ୍ଟ ହୋଇ ରହିଗଲା । ସାନ୍ତାଳ ହୁଲ୍‌କୁ ଭାରତର ପ୍ରାରମ୍ଭିକ ବ୍ରିଟିଶ ବିରୋଧୀ ଜନଆନ୍ଦୋଳନମାନଙ୍କ ମଧ୍ୟରୁ ଗୋଟିଏ ବୋଲି ଧରାଯାଏ ।

ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ନିରନ୍ତର ସଂଘର୍ଷର ଏକ ଜୀବନ୍ତ ପ୍ରତିଫଳନ । ଏହି ବିଦ୍ରୋହକୁ ମନେ ପକାଇ ଓ ସାରା ଦିବସ ପାଳନ କରି, ସାନ୍ତାଳମାନେ ସେମାନଙ୍କର ଦାବି ପ୍ରତି ସଚେତନ ହୁଅନ୍ତି । ଏହି ଦିନଟି ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର, ଉତ୍ତରାଖଣ୍ଡ, ଛତିଶଗଡ଼, ଆସାମ, ତ୍ରିପୁରା ଓ ଓଡ଼ିଶାର ବିଭିନ୍ନ ସ୍ଥାନରେ ବିଶେଷ ଭାବରେ ପାଳନ କରାଯାଏ । ଏହି ଦିନରେ ବିଭିନ୍ନ ଆଲୋଚନା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶୋଭାଯାତ୍ରା ଆୟୋଜନ କରାଯାଏ, ଯାହା ସେମାନଙ୍କର ସଂସ୍କୃତି ଓ ପରମ୍ପରାକୁ ଜୀବିତ ରଖିବାରେ ସାହାଯ୍ୟ କରେ । ଆଜି ମଧ୍ୟ, ଏହା ଅନ୍ୟାୟ, ଅତ୍ୟାଚାର ଓ ଭେଦଭାବ ବିରୁଦ୍ଧରେ ଠିଆ ହେବାକୁ ଶକ୍ତି ପ୍ରଦାନ କରେ । ଭାରତରେ ୧୧ କୋଟିରୁ ଅଧିକ ଆଦିବାସୀ ଲୋକ ବାସ କରନ୍ତି । ପଶ୍ଚିମବଙ୍ଗରେ ୪୦ଟି ଆଦିବାସୀ ସମ୍ପ୍ରଦାୟର ୬୦ ଲକ୍ଷରୁ ଅଧିକ ଆଦିବାସୀ ଲୋକ ବାସ କରନ୍ତି । ତ୍ରିପୁରା, ଆସାମ, ମଣିପୁର, ଛତିଶଗଡ଼, ଓଡ଼ିଶା ଓ ଝାଡ଼ଖଣ୍ଡ ରାଜ୍ୟରେ ମୁଖ୍ୟତଃ ଆଦିବାସୀ ଲୋକମାନେ ବାସ କରନ୍ତି ।

ଉଲ୍ଲେଖନୀୟ ଆଦିବାସୀ ଗୋଷ୍ଠୀ ମଧ୍ୟରେ ପଶ୍ଚିମବଙ୍ଗର କୋଲ, ଭିନ ମୁଣ୍ଡା, ସାନ୍ତାଳ, ଭୂମିଜ, ଓରାଓ, ଖେରିଆ, ଗାରୋ, ଖାସିଆ, ଲେଚା, ଭୁଟିଆ ଇତ୍ୟାଦି ଅନ୍ତର୍ଭୁକ୍ତ । ଝାଡ଼ଖଣ୍ଡ ନିକଟରେ ଥିବା ପୁରୁଲିଆ, ବାଙ୍କୁରା, ମେଦିନୀପୁର ଓ ଝାରଗ୍ରାମରେ ମୁଖ୍ୟତଃ ଆଦିବାସୀ ସମ୍ପ୍ରଦାୟ ବାସ କରନ୍ତି । ଏଥିସହ ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ଉତ୍ତର ବଙ୍ଗର ବିଭିନ୍ନ ଅଞ୍ଚଳରେ ବୀରଭୂମ, ମୁର୍ସିଲବାଦ୍, ମାଲାଲ, ଉତ୍ତର ଓ ଦକ୍ଷିଣ ଦିନାଜପୁର, ଜାଲପାଇଗୁରୀ, ପାଭଲିଂ ଓ ଆଲିପୁର ସମେତ ବାସ କରନ୍ତି ।

ସାଧାରଣତଃ ଜଙ୍ଗଲ କିମ୍ବା ଜଙ୍ଗଲ ସଂଲଗ୍ନ ଅଞ୍ଚଳଗୁଡ଼ିକ ଆଦିବାସୀ ଲୋକମାନେ ବସବାସ କରନ୍ତି । ତେଣୁ ପ୍ରାଚୀନ କାଳରୁ, ଜଳ, ଜମି ଓ ଜଙ୍ଗଲ ଉପରେ ଆଦିବାସୀ ସମ୍ପ୍ରଦାୟର ଅଧିକାର ରହିଛି । ୨୦୧୯ ରେ, ସୁପ୍ରିମକୋର୍ଟ ଭାରତରେ ପ୍ରାୟ ୧୧ ଲକ୍ଷ ଆସାମୀୟ ସମ୍ପ୍ରଦାୟର ଲୋକଙ୍କୁ ସେମାନଙ୍କ ଜଙ୍ଗଲ ବାସସ୍ଥାନରୁ ବିତାଡ଼ିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏଥିମଧ୍ୟରୁ ପ୍ରାୟ ୮୫ ହଜାର ଲୋକ ପଶ୍ଚିମବଙ୍ଗରେ ଅଛନ୍ତି ।

ଭାରତରେ ବାସ କରୁଥିବା ହଜାର ହଜାର ଆଦିବାସୀ ଓ ଅନ୍ୟାନ୍ୟ ଜନଜାତିଙ୍କୁ ବିତାଡ଼ିତ କରିବାର ସ୍ପଷ୍ଟ କାରଣ ହେଉଛି ଖଣି ଓ କାରଖାନା । ଜୈବ ବିବିଧତାକୁ ପ୍ରଲୋଭନ ଦେଖାଇ ଶିଳ୍ପପତିମାନଙ୍କୁ ଜମି ହସ୍ତାନ୍ତର କରାଯାଉଛି । ଆଦାନୀ କମ୍ପାନୀ ଝାଡ଼ଖଣ୍ଡରେ ହଜାର ହଜାର ଜଙ୍ଗଲ ଅଞ୍ଚଳ ଦଖଲ କରିଛି । ଏହିପରି ଭାବରେ ଆଦିବାସୀଙ୍କ ଜଙ୍ଗଲ ଜମି ଛଡ଼ାଇ ନିଆଯାଉଛି । ଖଣି, ବନ୍ଧ ଓ କାରଖାନା ନିର୍ମାଣ କରାଯାଇଛି । ଅଶିକ୍ଷିତ ନିରୀହ ଆଦିବାସୀ ଲୋକମାନେ କେବଳ ଅନ୍ୟାୟ ଓ ବଂଚିତ ହୋଇଛନ୍ତି । କେନ୍ଦ୍ର ସରକାର ଲୋକସଭାରେ ବିବାଦୀୟ ବନ ସଂରକ୍ଷଣ (ସଂଶୋଧନ) ବିଲ୍ ପାସ୍ କରିଥିଲେ । ଆଦିବାସୀମାନେ ଜଙ୍ଗଲ ଅଧିକାରରୁ ବଞ୍ଚିତ ହୋଇଛନ୍ତି ।

ସ୍ୱାଧୀନତାର ୭୭ତମ ବର୍ଷ ପରେ ମଧ୍ୟ, ଦେଶର ଆଦିବାସୀ ଲୋକମାନେ ଏବେ ବି ଶୋଷିତ, ବଂଚିତ ଓ ନିର୍ଯ୍ୟାତିତ । ଦେଶର ବିଭିନ୍ନ ସ୍ଥାନରେ, ଯେପରିକି ଛତିଶଗଡ଼ର ବସ୍ତର, ପଶ୍ଚିମବଙ୍ଗର ଦେବା ପଞ୍ଚମୀ ଓ ଆସାମର ଡୋଲୁ ଚା ବଗିଚା, କର୍ପୋରେଟ୍ ସ୍ୱାର୍ଥ ପାଇଁ ଆଦିବାସୀମାନଙ୍କୁ ହତ୍ୟା କରାଯାଉଛି ଓ ସେମାନଙ୍କୁ ବାହାର କରାଯାଉଛି । ମଣିପୁରରେ ଜଣେ ଆଦିବାସୀ ମହିଳାଙ୍କୁ ନିର୍ମମ ନିର୍ଯ୍ୟାତନା ଓ ବଳାତ୍କାର, ମିଦନାପୁରର ଡେବ୍ରାରେ ଜଣେ ପ୍ରତିବାଦୀ ଆଦିବାସୀ ଶିକ୍ଷକଙ୍କୁ ପିଟି ପିଟି ହତ୍ୟା, ଜଣେ ଆଦିବାସୀ ମହିଳାଙ୍କୁ ବଳାତ୍କାର, ବୀରଭୂମିର ଅହମ୍ମଦପୁରରେ ଆଦିବାସୀ ଦମ୍ପତି ପାଣ୍ଡୁ ହେମ୍ବ୍ରାମ ଓ ପାର୍ବତୀ ହେମ୍ବ୍ରାମଙ୍କୁ ବାଉଁଶରେ ପିଟି ହତ୍ୟା, ସେହି ଜିଲ୍ଲାର ଖୈରାଶୋଲରେ ଜଣେ ଆଦିବାସୀ ଝିଅକୁ ବଳାତ୍କାର ଓ ହତ୍ୟା, ମଧ୍ୟପ୍ରଦେଶରେ ଚୋର ସନ୍ଦେହରେ ଜଣେ ଆଦିବାସୀଙ୍କୁ ପିଟି ପିଟି ହତ୍ୟା, ସିଆରପିଏଫ (CRPF) ଗୁଳିରେ ଆଦିବାସୀଙ୍କ ମୃତ୍ୟୁ ଓ ଆଦିବାସୀଙ୍କ ଉପରେ ଅତ୍ୟାଚାରର ବିଭିନ୍ନ ଘଟଣା ନିରନ୍ତର ବୃଦ୍ଧି ପାଉଛି ।

ସେହିପରି ପଶ୍ଚିମବଙ୍ଗରେ, ବିଭିନ୍ନ ସ୍ଥାନରେ ଆଦିବାସୀଙ୍କୁ ସେମାନଙ୍କର ବିଭିନ୍ନ ଅଧିକାରରୁ ବଞ୍ଚିତ କରାଯାଉଛି । ସାଧାରଣତଃ, ଉପେକ୍ଷିତ ଅଞ୍ଚଳରେ ବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ଲୋକମାନେ । ବିଭିନ୍ନ କାରଣ ଯୋଗୁଁ, ବିଭିନ୍ନ ଦେଶରେ ଆଦିବାସୀ ଜାତିଗତ ଗୋଷ୍ଠୀର ଲୋକମାନେ ଏବେ ବି ବିଭିନ୍ନ ମୌଳିକ ଅଧିକାରରୁ ବଞ୍ଚିତ । ଆଦିବାସୀ ସମ୍ପ୍ରଦାୟ ବିଭିନ୍ନ ସମସ୍ୟାରେ ଜର୍ଜରିତ, ଆଦିବାସୀଙ୍କ ଠାରୁ ବଳପୂର୍ବକ ଜମି ହଡ଼ପ, ସମୟସୀମାରେ ଜମି ଅଧିକାର ପ୍ରଦାନ କରିବାରେ ବିଫଳତା, ସାମାନ୍ୟ ଇଙ୍ଗିତରେ ଆଦିବାସୀଙ୍କୁ ସ୍କୁଲକୁ ମାର୍ଗଦର୍ଶନ କରିବା, ପାଣି, ଜମି ଏବଂ ଘରୁ ବିତାଡ଼ିତ କରିବା, ନିମ୍ନ ଜାତି ଭାବରେ ଘୃଣା ଦୃଷ୍ଟିରେ ଦେଖାଯିବା ଓ ସାମାଜିକ ବୈଷମ୍ୟ ଦେଖାଯାଏ ।

ବର୍ତ୍ତମାନର ଡିଜିଟାଲ୍ ଯୁଗରେ, ସରକାରୀ ଅଧିକାରୀଙ୍କ ଏକ ଗୋଷ୍ଠୀର ସହାୟତାରେ, ଅଣ-ଆଦିବାସୀମାନେ ନକଲି ଅନୁସୂଚିତ ଜାତି ପ୍ରମାଣପତ୍ର ତିଆରି କରୁଛନ୍ତି । ଏପରିକି ଚାକିରି ସମେତ ବିଭିନ୍ନ ସୁବିଧା ଉପଭୋଗ କରୁଛନ୍ତି । ଦେଖିବାକୁ ଗଲେ ପ୍ରକୃତ ଆଦିବାସୀ ଲୋକମାନେ ବଞ୍ଚିତ ହେବାର ଶିକାର ହେଉଛନ୍ତି । ଆଦିବାସୀଙ୍କ ପାଇଁ, ବୋଲ୍ ଲିସ୍ କେବଳ ପାଳନ କରିବାର ଦିନ ନୁହେଁ । ତେଣୁ ଆଜିର ଏହି ଦିନଟି ଅନ୍ୟାୟ, ଅତ୍ୟାଚାର ଓ ବଞ୍ଚିତ ବିରୁଦ୍ଧରେ ଠିଆ ହେବା ପାଇଁ ଶକ୍ତି ସଂଗ୍ରହ କରିବାର ଦିନ । ଜଳ, ଜମି ଓ ଜଙ୍ଗଲର ଅଧିକାର ସୁରକ୍ଷା ପାଇଁ ଲଢ଼େଇରେ ଏକତ୍ରିତ ହେବାର ଦିନ କହିଲେ ଅତ୍ୟୁକ୍ତି ହେବନାହିଁ...!!!

+ଅଧକ୍ଷ, ମହାନଦୀ ବିହାର
ମହାବିଦ୍ୟାଳୟ, କଟକ -୪
ମୋ: ୯୦୪୦ ୧୫୧୪୭୫

# ଦୂରେଇବା ପ୍ଲାଷ୍ଟିକ



## ଅରୁନ୍ଧତୀ ଦେବୀ



ପ୍ରତିବର୍ଷ ଜୁଲାଇ ୩ ତାରିଖରେ ସାରା ବିଶ୍ୱରେ ପାଳିତ ହୁଏ ପ୍ଲାଷ୍ଟିକ ବ୍ୟାଗମୁକ୍ତ ଦିବସ । ଏହି ଦିବସ ଅବସରରେ ପ୍ଲାଷ୍ଟିକ ବ୍ୟାଗକୁ ବ୍ୟବହାର ନକରିବା ପାଇଁ ଲୋକମାନଙ୍କୁ ସଚେତନ କରାଯାଇଥାଏ । ପ୍ଲାଷ୍ଟିକ ବ୍ୟାଗ ବ୍ୟବହାର ହୋଇସାରିବା ପରେ ଏଣେତେଣେ ଫିଙ୍ଗା ଯାଇଥାଏ । ଯାହା ମାଟିରେ ମିଶିପାରିନଥାଏ । ଫଳରେ ଏହା ପର୍ଯ୍ୟାବରଣ ନଷ୍ଟ କରିବା ସହ ବର୍ଷା । ଜଳକୁ ମଧ୍ୟ ଭୂଗର୍ଭ ମଧ୍ୟକୁ ଭେଦିବାକୁ ଦେଇନଥାଏ । ବାହାରେ ପଡ଼ିଥିବା ଖାଦ୍ୟଦ୍ରବ୍ୟକୁ ଖାଇବା ବେଳେ ଗୋରୁଗାଈ ମଧ୍ୟ ବେଳେ ବେଳେ ଜରି ଖାଇଥାନ୍ତି, ଫଳରେ ସେମାନଙ୍କର ମୃତ୍ୟୁ ଘଟିଥାଏ । ଏକ ଗବେଷଣାରୁ ଜଣାଯାଇଛି ଯେ, ମାତ୍ର କିଛି ସମୟ ପାଇଁ ବ୍ୟବହୃତ ହେଉଥିବା ପ୍ଲାଷ୍ଟିକ ବ୍ୟାଗକୁ ମାଟିରେ ମିଶିବା ପାଇଁ ପ୍ରାୟ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଲାଗିଥାଏ । ତେଣୁ ପ୍ଲାଷ୍ଟିକ ବ୍ୟାଗ ବଦଳରେ କାଗଜ ବ୍ୟାଗ ବ୍ୟବହାର କରିବାକୁ ବୈଜ୍ଞାନିକମାନେ ମତ ଦେଇଥାନ୍ତି । ଏଭଳି କରିବା ଦ୍ୱାରା ପର୍ଯ୍ୟାବରଣ ସୁରକ୍ଷିତ ରହିବା ସହ ଭୂତଳ ଜଳର ମାତ୍ରା ମଧ୍ୟ ବୃଦ୍ଧି ପାଇପାରିବ । ପ୍ଲାଷ୍ଟିକ ଯେ ଏକ ଭୟାନକ ରାସାୟନିକ ପଦାର୍ଥ ଏହାକୁ ଅନେକ ଜ୍ଞାନୀଗୁଣି ଲୋକ ବୁଝି ନପାରିବା ବଡ଼ ବିସ୍ମୟର କଥା ।

ପ୍ଲାଷ୍ଟିକ ବ୍ୟାଗମୁକ୍ତ ପାଳନ ଅବସରରେ ଗୋଟିଏ ଦିନ ପାଇଁ ହେଉପଛେ, କାଗଜ ଥଳି ବ୍ୟବହାର କରିବା ପାଇଁ ଲୋକଙ୍କୁ ପ୍ରବର୍ତ୍ତା ଯାଇଥାଏ । ଆଜିକାଲି ଏହି ପ୍ଲାଷ୍ଟିକ ଆମ ପାଇଁ ସହଜ ଓ ସୁବିଧା ଉପଲବ୍ଧ ହେଉଥିବାବେଳେ ଏହା କିନ୍ତୁ ଆମ୍ଭ ମାନଙ୍କର ଦୈନନ୍ଦିନ ଜୀବନ ପ୍ରଣାଳୀ ଓ ପରିବେଶ କ୍ଷେତ୍ର ପାଇଁ ଅତ୍ୟନ୍ତ ବିପଦଜନକ ସାବ୍ୟସ୍ତ ହେଉଛି । ପ୍ଲାଷ୍ଟିକ ବିଷ ଆମ ସମାଜ, ପରିବେଶ ଓ ବ୍ୟକ୍ତିଗତ ଜୀବନକୁ ମଧ୍ୟ ଯେଉଁପରି ଭାବେ ପ୍ରଦୂଷଣ ଭିତରୁ ଠେଲି ଦେଉଛି ତାହା ଅବର୍ଣ୍ଣନୀୟ । ସରକାର ନୀତିଗତ ଭାବେ ପ୍ଲାଷ୍ଟିକର ବ୍ୟବହାର ଓ ପ୍ଲାଷ୍ଟିକ ଜରି ବିକ୍ରି ଉପରେ ନିଷେଧାଦେଶ ଜାରି କରିଥିଲେ ମଧ୍ୟ ଆମ ମାନଙ୍କ ଭିତରେ ଯେଉଁ ଦିନ ପର୍ଯ୍ୟନ୍ତ 'ଦୂରେଇବା ପ୍ଲାଷ୍ଟିକ' ଏହି ମାନସିକତା ଗ୍ରହଣ କରାନଯାଇଛି ସେ ପର୍ଯ୍ୟନ୍ତ ପ୍ଲାଷ୍ଟିକର ବ୍ୟବହାର ବଢୁ ଥିବ ବରଂ ଏହା ଉପରେ ଅଙ୍କୁଶ ଲାଗିପାରିବ ନାହିଁ । ତେଣୁ ଆମ୍ଭେମାନେ ଯଥାସମ୍ଭବ ପ୍ଲାଷ୍ଟିକ ଠାରୁ ଦୂରରେଇ ଏହାର ବିକଳ୍ପ ଭାବରେ ରହିଥିବା କାଗଜ ସାମଗ୍ରୀ ହେଉ ବା ଅନ୍ୟ ପରିବେଶଯୁକ୍ତ ସାମଗ୍ରୀ ବ୍ୟବହାର କରିବାର ଶପଥ ଆଜିର ଦିନରୁ ଆରମ୍ଭ ହେଉ । ଏ କ୍ଷେତ୍ରରେ କେବଳ ସରକାର ବା ପ୍ରଶାସନ ଉପରେ ଦାୟିତ୍ୱ ନ୍ୟସ୍ତ କଲେ ଚଳିବ ନାହିଁ ଏଥିପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବା ସହ ଆମ୍ଭେମାନେ ଏ କ୍ଷେତ୍ରରେ ଶପଥ ନେଇ ପ୍ଲାଷ୍ଟିକକୁ ଦୂରେଇ ଦେବା ।

+ନିର୍ଦ୍ଦେଶିକା-ସମ୍ପାଦିକା,
ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ
ଆନ୍ଦୋଳନ କଟକ,
ମୋ: ୯୯୩୭୧୭୨୮୧୦

## କବିତା କୋଣାର୍କ

### ଅଳକା ସାନ୍ୟାଲ- ୨୫

### ପ୍ରଭାତୀ ମାଝୀ



ମୁଁ କୃଷ୍ଣପକ୍ଷର କଇଁଫୁଲ
ତମକୁ ବୁଝେଇବାକୁ ପଡ଼େ
କାହିଁକି ଖୋଲିଛି
ମନ ପାଖୁଡ଼ାର ଦୁଆର
ମୁଁ ତ ସେମିତି କୁଆଁରୀ ଅଛି
ଉଡ଼ି ଗଲେଣି କେତେ ଭଅଁର ।

ମୁଁ ମଝି ରାତିର ଅଭିସାର
ସକାଳର ନଈ ତୁଠ
ମୁଁ ପଥର ଶୋଷ
ମୋର ତମକୁ କହିବା
କେଉଁ ଲୋଡ଼ା ଯେ
କିଏ ମୋର ପ୍ରିୟ କିଏ ପ୍ରିୟତମ ।

ଶୋଷ କି ପୀୟୂଷ କାହାର
ପାପ ନଥାଏ
ତମ ପ୍ରାୟୋଜିତ
ଅପବାଦର ନାଁ ଚରିତ୍ର
ସତୀର ଚିତ୍ର ଖୋଜୁଥିବା ପୁରୁଷ
ଯିଏ କହେ ପାନୀୟ ସରିଗଲେ
ପାତ୍ର ଅଇଁଠା ।

ପବନକୁ ପ୍ରଶ୍ୱାସ କରୁଥିବା
ଗର୍ଭଗୃହକୁ ତମେ କହିସାରିଛ
ନରକର ଦ୍ୱାର
ଶୁଷ୍କ ମାଟିରେ ଓହ୍ଲାଇ ପଡ଼ିଥିବା ମେଘକୁ
ତମେ ଦେଇ ସାରିଛ ଅପବାଦ
ଚଢ଼େଇର ଡେଣା ହଳକ ପାଇଁ
ତମେ ନିର୍ଦ୍ଧାରଣ କରୁଥାଅ ଆକାଶ ।

ତମେ କେମିତି ବୁଝନି ଯେ
ହଜାର ଭଅଁରର ଚୁମ୍ବନ ପରେବି
ଫୁଲ ଯାଏ ମନ୍ଦିର
ହଜାର ଶୋଷମାନଙ୍କୁ
କୋଳେଇ ନେଇଥିବା ନଈ
ଛୁଇଁଥାଏ ସମୁଦ୍ର
କେବେ ବାସି ହୁଏନି
କେଉଁ ରାତି କି ସକାଳ ।

ତମ ଅନେକ ପ୍ରଶ୍ନର ଅଙ୍କବହି
ତମେ ରଖିଥାଅ
ରଖିଥାଅ ବି ବେଳ ଅବେଳ ପାଇଁ
ସତୀ ଅସତୀ ମହାସତୀର
ତୀର ଖଣ୍ଡିକ
ମୁଁ ଦେବକୀର ସପ୍ତମ ଗର୍ଭ
ପ୍ରତିଥର ଫୁ କରିଦିଏ
ତମ ଦର୍ପଣଶିଳା କି ଷଡ଼ଯନ୍ତ୍ର ।

+ଭାବ ଭବନ, ଗୋପିଆକୁଦ
କୁଜଙ୍ଗ, ଜଗତ୍‌ସିଂହପୁର
ମୋ: ୯୭୭୬୪୫୯୪୬୩

### ଅଧାଲେଖା ସନ୍ଧ୍ୟାର ପାଣ୍ଡୁଲିପି

### ରମାକାନ୍ତ ଦାସ



ମୋ ଶୂନ୍ୟତାର ଆକାଶରେ
ଆଜି ତୁମ ସ୍ମୃତିର କାଳିମା,
ପ୍ରତିଟି ନିଶ୍ୱାସରେ ଝରିପଡୁଛି
ଏକ ଅନ୍ତର୍ଦାହର ନିଆଁ ।
ନିସ୍ତବ୍ଧ ଏଇ ପ୍ରହରରେ
ଖୋଜୁଛି ମୁଁ ଅପ୍ରାପ୍ତିର ସୀମା,
ଯେଉଁଠି ପ୍ରତୀକ୍ଷା ବି ହୋଇଯାଇଛି
ଏକ ଅଭିଶପ୍ତ ଏକାକୀପଣର ଛାୟା ।
ତୁମେ ତ ପାଲଟିଗଲ
ସେଇ ଦୂର ଦିଗବଳୟର ମରୀଚିକା,
ଆଉ ମୋ ପାଖେ ରହିଗଲା କେବଳ କିଛି
ଭଙ୍ଗା ଆଇନାର ଟୁକୁରା ।
ସେଥିରେ ଦେଖୁଛି ମୁଁ ଆଜି
ନିଜ ସ୍ୱପ୍ନର ଶବ,
ଯାହାକୁ ସାଉଁଟିବାକୁ ଚେଷ୍ଟା କଲେ
ଝରିପଡୁଛି ନୀରବ ରକ୍ତସ୍ରାବ ।
ଏଇ ଅଧାଲେଖା ସନ୍ଧ୍ୟା
ଆଜି ମୋତେ ପଚାରୁଛି,
କାହିଁକି ଏତେ ଗଭୀର
ଏଇ ଶବ୍ଦହୀନ ଚିତ୍କାର ?
ଉତ୍ତର ନାହିଁ, ବସିଛି ମୁଁ କେବଳ ସେଇ
ସ୍ମୃତିର ପାହାଚରେ,
ସାଥିରେ ନେଇ ତୁମ ଅଲିଭା ଛବି ଆଉ
ମୋର ଏଇ ବିଷାଦର ସଂସାର ।

+ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ : ୯୬୬୮୮୧୫୩୬୯

# ଚର୍ଚ୍ଚାରେ ବଲିଉଡ ନାୟିକା ଶ୍ରଦ୍ଧା କପୁରଙ୍କ ପାରିଶ୍ରମିକ



'ସ୍ତ୍ରୀ' ଏବଂ 'ସ୍ତ୍ରୀ ୨' ଭଳି ଫିଲ୍ମର ସଫଳତା ପରେ, ଶ୍ରଦ୍ଧା କପୁର ତାଙ୍କର ପ୍ରାଇସ୍ ବୃଦ୍ଧି କରିଛନ୍ତି। 'ଈଠା'ରେ ବିଠାବାଇ ନାରାୟଣଗାଓଁକରର ଭୂମିକା ପାଇଁ ସେ କୋଟି କୋଟି ଟଙ୍କା ନେଇଥିବା ଚର୍ଚ୍ଚା ହେଉଛି। ଶ୍ରଦ୍ଧା କପୁର ତାଙ୍କର ଆଗାମୀ ଫିଲ୍ମ 'ଈଠା' ପାଇଁ ତାଙ୍କର ଫିସ୍ ୧୫ କୋଟିକୁ ବୃଦ୍ଧି କରିଛନ୍ତି। ପୂର୍ବରୁ, ସେ 'ସ୍ତ୍ରୀ ୨' ପାଇଁ ୫ କୋଟି ଏବଂ 'ତୁ ଝୁଠି ମୈଁ ମକ୍କର' ପାଇଁ ୭ କୋଟି ପାଇଥିଲେ। ଫିଲ୍ମର ପ୍ରଯୋଜକ ଦିନେଶ ବିଜନ ବି ଏକଥାକୁ ସ୍ୱୀକାର କରିବା ସହ କହିଛନ୍ତି ଯେ ଏହି ଫିଲ୍ମ ଶ୍ରଦ୍ଧାଙ୍କ କ୍ୟାରିଅର ପାଇଁ ଗୁରୁତ୍ୱପୂର୍ଣ୍ଣ। 'ଈଠା' ଆସନ୍ତା ଅଗଷ୍ଟ ୨୮ ତାରିଖରେ ମୁକ୍ତିଲାଭ କରିବ। ଏଥିରେ ଶ୍ରଦ୍ଧାଙ୍କ ସମେତ ରଣଦୀପ ହୁଡ୍ଡା ଓ ମହମ୍ମଦ ଜୀଶାନ ଆୟୁବ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଦେଖାଦେବେ।

ଶ୍ରଦ୍ଧା କପୁରଙ୍କ ପରବର୍ତ୍ତୀ ଚଳଚ୍ଚିତ୍ର 'ଈଠା'କୁ ନେଇ ଚାରିଆଡ଼େ ଚର୍ଚ୍ଚା ଚାଲିଛି। ନିକଟରେ ଏହାର ଟିଜର ଆସିଥିଲା, ଯେଉଁଥିରେ ଶ୍ରଦ୍ଧାଙ୍କ ଅବତାର ଓ ଅଭିନୟକୁ ଦର୍ଶକମାନେ ଖୁବ୍ ପ୍ରଶଂସା କରୁଛନ୍ତି। ତେବେ ଚଳଚ୍ଚିତ୍ରଟି ମୁକ୍ତିଲାଭ କରିବା ପୂର୍ବରୁ ବିବାଦୀୟ ହୋଇଯାଇଛି। ମହାରାଷ୍ଟ୍ରର ପ୍ରସିଦ୍ଧ ନୃତ୍ୟଶିଳ୍ପୀ ବିଠାବାଇ ନାରାୟଣଗାଓଁକରଙ୍କ ପରିବାର ଲୋକଙ୍କ ସମେତ ଏନ୍‌ସିପି ଦଳର ନେତାମାନେ ଏହି ଚଳଚ୍ଚିତ୍ରର ଶୀର୍ଷକକୁ ନେଇ ଆପତ୍ତି ପ୍ରକାଶ କରିଛନ୍ତି। ସେମାନଙ୍କର ଅଭିଯୋଗ ହେଲା ଏହି ଚଳଚ୍ଚିତ୍ରଟିକୁ ବିଠାବାଈଙ୍କ ବାୟୋପିକ୍ ଭାବେ ନିର୍ମାଣ କରାଯାଇଥିବା ବେଳେ ଏହାର ଶୀର୍ଷକ 'ବିଠା' ଅଥବା 'ବିଠାବାଈ' ରଖିବା ଉଚିତ। ଉଲ୍ଲେଖଯୋଗ୍ୟ ଯେ, ବିଠାବାଈ ଥିଲେ ଲାବଣୀ ନାମକ ମରାଠୀ ଲୋକନୃତ୍ୟର କିଂବଦନ୍ତୀୟ ନର୍ତ୍ତକୀ। ଲାବଣୀ ସମେତ ତମାସା ଲୋକକଳାକୁ ତାଙ୍କର ଯଥେଷ୍ଟ ଅବଦାନ ରହିଛି। ତେଣୁ ତାଙ୍କୁ ଉପଯୁକ୍ତ ସମ୍ମାନ ମିଳିବା ଉଚିତ ବୋଲି ତାଙ୍କ ଦୁଇ ପୁଅ ଓ ନାତି ଦାବି କରିଛନ୍ତି।

# ପାପାରାଜ୍ଜି ଉପରେ ଖପା

ସେଲିବ୍ରିଟିମାନେ ଯୁଆଡ଼େ ଯାଆନ୍ତି, ତାଙ୍କ ପଛେପଛେ ଯାଉଥିବା ଫଟୋଗ୍ରାଫର ଗୋଷ୍ଠୀ 'ପାପାରାଜ୍ଜି' ନାମରେ ଜଣାଶୁଣା। ଏବେ ଏମାନଙ୍କ କାମ ସ୍ଥିରଚିତ୍ର ଉତ୍ତୋଳନରେ ସୀମିତ ନାହିଁ, ଏମାନେ ସେଲିବ୍ରିଟିଙ୍କ ଭିଡିଓ ମଧ୍ୟ ଉତ୍ତୋଳନ କରୁଛନ୍ତି, ଯାହା ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ୍ ହୋଇଥାଏ। ବେଳେବେଳେ ପାପାରାଜ୍ଜି ମହିଳା ସେଲିବ୍ରିଟିମାନଙ୍କର ଏଭଳି ଭିଡିଓ ଉଠାଉଛନ୍ତି ଯାହା ସେମାନଙ୍କ ଶରୀରକୁ ଖୁବ୍ ଅଶ୍ଳୀଳ ଢଙ୍ଗରେ ପ୍ରଦର୍ଶନ କରୁଛି। ନିକଟରେ ଅଭିନେତ୍ରୀ ନେହା ଧୁପିୟା ଏ ନେଇ ଅସନ୍ତୋଷ ପ୍ରକାଶ କରିବା ସହ 'ବ୍ୟାକ୍ ସଟ୍' ଭିଡିଓ ଉତ୍ତୋଳନ ନ କରିବା ପାଇଁ ପାପାରାଜ୍ଜି ଗୋଷ୍ଠୀକୁ ଚେତାବନୀ ଦେଇଛନ୍ତି। 'ବ୍ୟାକ୍ ସଟ୍' ହେଉଛି ଜଣେ ବ୍ୟକ୍ତିଙ୍କ ପଛ ପଟୁ ଉଠାଯାଉଥିବା ଫଟୋ ବା ଭିଡିଓ। ଏଭଳି ଅସମ୍ମାନଜନକ ଆଚରଣ ଯୋଗୁଁ ସେଲିବ୍ରିଟିମାନେ ଅତିଷ୍ଠ ହୋଇଗଲେଣି, ତେଣୁ ଏହା ବନ୍ଦ ହେବା ଉଚିତ ବୋଲି ନେହା ପ୍ରକାଶ କରିଛନ୍ତି। ସେହିପରି ଅଭିନେତା ସୈଫ ଅଲୀ ଖାଁ ମଧ୍ୟ ଭାରତର ପାପାରାଜ୍ଜି ସଂସ୍କୃତିକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି। ଏହି ଫଟୋଗ୍ରାଫରମାନେ ପ୍ରତିଦିନ ସେମାନଙ୍କ ଫଟୋ ଉଠାଇ ପ୍ରକାଶ କରୁଥିବାରୁ ଚଳଚ୍ଚିତ୍ର ତାରକାଙ୍କୁ ନେଇ ଦର୍ଶକଙ୍କ ମନରେ କିଛି ରହସ୍ୟ ରହୁ ନାହିଁ ଏବଂ ଫଟୋଗ୍ରାଫରମାନେ ତାରକାମାନଙ୍କ ଗୋପନୀୟତାକୁ ମଧ୍ୟ ସମ୍ମାନ କରୁନାହାନ୍ତି ବୋଲି ସୈଫ ଏକ ସାକ୍ଷାତ୍‌କାରରେ ଅଭିଯୋଗ କରିଛନ୍ତି। ନିଜର ବ୍ୟକ୍ତିଗତ ଅଭିଜ୍ଞତା ପ୍ରକାଶ କରି ସୈଫ କହିଛନ୍ତି ଯେ ଏକଦା ଫଟୋଗ୍ରାଫରମାନେ ତାଙ୍କ ଘରକୁ ପଶିଯାଇଥିଲେ। ଏପରି ସୀମା ଲଂଘନ ଗ୍ରହଣୀୟ ନୁହେଁ। ସେଲିବ୍ରିଟି ହେଲେ ବି ସେମାନଙ୍କ ଗୋପନୀୟତା ଅପରିହାର୍ଯ୍ୟ ବୋଲି ସୈଫ କହିଛନ୍ତି।



# ସଫଳତା ପାଇବା ପାଇଁ ଅନେକ ସଂଘର୍ଷ କରିଛି ଛାତିକୁ ପଥର କରି ଥଟ୍ଟାମଜାକୁ ସହି ଯାଇଛି: ରବି କିଶନ

ଭୋଜପୁରୀ ଓ ହିନ୍ଦୀ ସିନେମାର ଜଣାଶୁଣା ଅଭିନେତା ତଥା ନେତା ରବି କିଶନ ଏବେ ରିଆଲିଟି ସୋ' 'ଅଲାୟାନ୍ସ'ରେ ପ୍ରତିଯୋଗୀ ଭାବେ ନଜର ଆସୁଛନ୍ତି। ଏହି ସୋ'ରେ ସେ ଝିଅଙ୍କ ସହ ଯୋଗଦେଇ ନିଜର ଦୀର୍ଘ



ସଂଘର୍ଷମୟ ଯାତ୍ରା ବିଷୟରେ ଖୋଲାଖୋଲି ଆଲୋଚନା କରିଛନ୍ତି। ଅଭିନୟରୁ ଆରମ୍ଭ କରି ରାଜନୀତି ପର୍ଯ୍ୟନ୍ତ ରବି କିଶନ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। କିନ୍ତୁ ଏହି ସଫଳତା ପଛରେ ରହିଛି ଦୀର୍ଘ ୩୪ ବର୍ଷର କଠିନ ସଂଘର୍ଷ। ରବି କିଶନ ତାଙ୍କ ସଂଘର୍ଷମୟ ଜୀବନକୁ ବଖାଣି କହିଛନ୍ତି, "ମୋ ଜୀବନରେ ଏପରି ଅନେକ ଲୋକଙ୍କୁ ଦେଖିଛି, ଯେଉଁମାନେ ମୋର ମଜାକ ଉଡ଼ାଉଥିଲେ। ଫିଲ୍ମ ଜଗତ ପାଇଁ ମୁଁ ନିଜକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ କରି ରଖିଥିଲି। "ମୋର ସ୍ୱର ଭଲ ଥିଲା। ମୁଁ ଘୋଡ଼ା ଚଢ଼ିବା, ଆକ୍ସନ୍ କରିବା ଜାଣିଥିଲି। ଉର୍ଦ୍ଦୁ ଓ ହିନ୍ଦୀ ଭାଷା ଉପରେ ଭଲ ଦକ୍ଷତା ଥିଲା। ଥିଏଟର କରିଥିଲି, ନୃତ୍ୟ ମଧ୍ୟ ଶିଖିଥିଲି। ମୁଁ ଫିଲ୍ମ ପାଇଁ ସବୁଦିଗରୁ ପ୍ରସ୍ତୁତ ଥିଲି, ତଥାପି ପଛରେ ରହିଗଲି। ସେତେବେଳେ ନିଜକୁ କହୁଥିଲି, ସେମାନଙ୍କ ସମୟ ଆସିଛି, ମୋର ମଧ୍ୟ ଆସିବ। କିନ୍ତୁ ଜାଣି ନଥିଲି ଯେ, ମୋର ସମୟ ଆସିବାକୁ ୩୪ ବର୍ଷ ଲାଗିଯିବ । ଧୀରେଧୀରେ ଲୋକେ ମୋ ଅଭିନୟକୁ ପସନ୍ଦ କରିବା ଆରମ୍ଭ କଲେ। "୩୪ ବର୍ଷ ପରେ ମୁଁ ସଫଳତା ପାଇଲି। ସେହି ବର୍ଷ ମୁଁ ଶ୍ରେଷ୍ଠ ଅଭିନେତାର ସମସ୍ତ ପୁରସ୍କାର ଜିତିଥିଲି। ଯେଉଁ ମଞ୍ଚକୁ ମୋତେ କେବେ ଡକାଯାଉ ନଥିଲା, ସେଠାରେ ମୋତେ ସମ୍ମାନ ସହ ଆମନ୍ତ୍ରଣ କରାଗଲା। ଯେଉଁମାନେ ମୋର ମଜାକ ଉଡ଼ାଉଥିଲେ, ସେମାନେ ଆଜି ମୋ ସଫଳତାକୁ ସ୍ୱୀକାର କରୁଛନ୍ତି।" ରବି କିଶନଙ୍କ ଏହି ସଂଘର୍ଷର କାହାଣୀ ଶୁଣି ?ସୋ'ର ଅନ୍ୟ ପ୍ରତିଯୋଗୀମାନେ ମଧ୍ୟ ବେଶ୍ ପ୍ରଭାବିତ ହୋଇଥିଲେ। ରବି କିଶନ ୧୯୯୦ ମସିହାର ଆରମ୍ଭରେ 'ପୀତାମ୍ବର', 'ଆତଙ୍କ', 'ଆର୍ମି' ଏବଂ 'ଜଖ୍ମୀ ଦିଲ୍' ଭଳି ହିନ୍ଦୀ ଫିଲ୍ମ ମାଧ୍ୟମରେ ଅଭିନୟ ଜୀବନ ଆରମ୍ଭ କରିଥିଲେ। ପରେ ସେ ଅନେକ ହିନ୍ଦୀ ଫିଲ୍ମରେ କାମ କରିଥିଲେ। ତେବେ ତାଙ୍କୁ ପ୍ରକୃତ ସୁପରଷ୍ଟାରର ପରିଚୟ ଦେଇଥିଲା ଭୋଜପୁରୀ ସିନେମା। ଆଜି ସେ ଉଭୟ ଅଭିନୟ ଓ ରାଜନୀତିରେ ଭଲ ନାମ କମାଇ ପାରିଛନ୍ତି।

# ନବମ ଥର ପାଇଁ ଅକ୍ଷୟ କୁମାର ଏବଂ ନିର୍ଦ୍ଦେଶକ ପ୍ରିୟଦର୍ଶନଙ୍କ ଯୋଡ଼ି

'ଭୂତବଙ୍ଗଲା' ପରେ ପୁଣି ବଲିଉଡ ସୁପରଷ୍ଟାର୍ ଅକ୍ଷୟ କୁମାର ଏବଂ ନିର୍ଦ୍ଦେଶକ ପ୍ରିୟଦର୍ଶନ ଯୋଡ଼ି ହେବାକୁ ପ୍ରସ୍ତୁତ ହେଉଛନ୍ତି। ବର୍ଷ ଶେଷ ସୁଦ୍ଧା ସୁଟିଂ ଆରମ୍ଭ ହେବାକୁ ଥିବା ଏହି ସିନେମାର ଟାଇଟଲ୍ ଫାଇନାଲ୍ ହୋଇନଥିଲେ ବି ଏହା ଏକ କମେଡି ଥ୍ରୀଲର ବୋଲି ଜଣାଯାଇଛି। ରିପୋର୍ଟ ଅନୁଯାୟୀ, ହେରା ଫେରି-୩ ଛାଡ଼ିବା ପରେ ପ୍ରିୟଦର୍ଶନ ତାଙ୍କ ପରବର୍ତ୍ତୀ ସିନେମାରେ ନିର୍ଦ୍ଦେଶକ ଅକ୍ଷୟ କୁମାରଙ୍କ ସହ ତିଆରି କରିବେ। ଏହି ଚଳଚ୍ଚିତ୍ରଟି ଟିପ୍ସ କଂପାନି ଦ୍ୱାରା ନିର୍ମିତ ହେବ ଏବଂ ୨୦୨୬ ଶେଷ ଆଡ଼କୁ ଫ୍ଲୋରକୁ ଯିବ ବୋଲି ଆଶା କରାଯାଉଛି । ପ୍ରିୟଦର୍ଶନ ଏହି ସିନେମାର କାହାଣୀ ଲେଖିଛନ୍ତି, ଯାହା ହାସ୍ୟରସାତ୍ମକ ଏବଂ ରୋମାଞ୍ଚର ମିଶ୍ରଣ ଅଟେ। ଏହି ଚଳଚ୍ଚିତ୍ରର ସୁଟିଂ ବର୍ଷ ଶେଷ ସୁଦ୍ଧା ଅର୍ଥାତ୍ ଡିସେମ୍ବର ମାସରେ ଆରମ୍ଭ ହେବ। ଅକ୍ଷୟ କୁମାର ଏହି ସିନେମାକୁ ନେଇ ପାଇଁ ଉତ୍ସାହିତ ଅଛନ୍ତି। ନିର୍ଦ୍ଦେଶକ ପ୍ରିୟଦର୍ଶନ ଅତୀତରେ ହାସ୍ୟ ଏବଂ ଥ୍ରୀଲର ଫିଲ୍ମ ପାଇଁ ଚେଷ୍ଟା କରିଥିଲେ।ଏଥର ସେ ରୋହନ ଶଙ୍କରଙ୍କ ସହ ସ୍କ୍ରିପ୍ଟ ପ୍ରସ୍ତୁତ କରୁଛନ୍ତି। ପୂର୍ବରୁ ସୂଚନା



ମିଳିଥିଲା ଯେ ପ୍ରିୟଦର୍ଶନ ୨୦୨୬ର ଦ୍ୱିତୀୟାର୍ଦ୍ଧରେ ମୋହନଲାଲଙ୍କ ସହ ଏକ ଚଳଚ୍ଚିତ୍ରକୁ ଯିବା ପୂର୍ବରୁ ପଙ୍କଜ ତ୍ରିପାଠୀଙ୍କୁ ନେଇ ଏକ ସିନେମାର ନିର୍ଦ୍ଦେଶନା ଦେବେ। ତେବେ ଉଭୟ ପ୍ରକଳ୍ପକୁ ସ୍ଥଗିତ ରଖାଯାଇଥିବା ଜଣାପଡିଛି। ମିଡ-ଡେ ସହିତ ଯୋଗାଯୋଗ କରାଯିବା ପରେ ପ୍ରିୟଦର୍ଶନ ନୂତନ ବିକାଶକୁ ନିଶ୍ଚିତ କରି କହିଛନ୍ତି ଯେ ମୋର ପରବର୍ତ୍ତୀ ଚଳଚ୍ଚିତ୍ର ଅକ୍ଷୟ କୁମାର ଏବଂ ଟିପ୍ସ ସହିତ ଅଛି। ଚଳଚ୍ଚିତ୍ର ନିର୍ମାତା ଏହି ପ୍ରକଳ୍ପ ବିଷୟରେ ଅଧିକ ବିବରଣୀ ପ୍ରକାଶ କରିନଥିବା ବେଳେ ତାଙ୍କ ବିବୃତ୍ତି ନିଶ୍ଚିତ କରିଛି ଯେ ସହଯୋଗ ଆନୁଷ୍ଠାନିକ ଭାବରେ ଅଛି।

# 'ଲିଭ୍-ଇନ୍' ସପକ୍ଷରେ ଅଟଳ



ପ୍ରବୀଣା ଅଭିନେତ୍ରୀ ଜୀନତ୍ ଅମାନ୍ ଲିଭ୍-ଇନ୍ ସମ୍ପର୍କ ସପକ୍ଷରେ ତାଙ୍କର ମତକୁ ପୁଣି ଥରେ ଦୋହରାଇଛନ୍ତି। ନିକଟରେ ଏକ ସାକ୍ଷାତ୍‌କାର ଦେଇ ସେ ଯୁକ୍ତି ବାଢ଼ିଛନ୍ତି ଯେ ବିବାହ ପରି ଯାବଜ୍ଜୀବନ ଆଇନଗତ ନିଷ୍ପତ୍ତି ନେବା ପୂର୍ବରୁ ପୁଅଝିଅ ଏକାଠି ସମୟ ବିତାଇବା ଉଚିତ। ତାଙ୍କର ଏହି ଉପଦେଶ ଅତୀତରେ ମଧ୍ୟ ସମାଲୋଚନାର ସମ୍ମୁଖୀନ ହୋଇଛି। ମୁମ୍‌ତାଜ ଓ ସାୟରା ବାନୁଙ୍କ ପରି ସମକାଳୀନ ଅଭିନେତ୍ରୀମାନେ ମଧ୍ୟ ତାଙ୍କର ଏହି ବିଚାରକୁ ବିରୋଧ କରିଛନ୍ତି। ତଥାପି ଜୀନତ୍ ତାଙ୍କ ମତରେ ଅଟଳ ରହିଛନ୍ତି। ସେ କହିଛନ୍ତି ଯେ ଆଜିର ସମୟରେ 'ଲିଭ୍-ଇନ୍' ସମ୍ପର୍କର ପ୍ରାସଙ୍ଗିକତା ଆହୁରି ବଢ଼ିଯାଇଛି। ଆଜି କିଛି ବି ସ୍ଥାୟୀ ନୁହେଁ। ତେଣୁ ଆଇନଗତ ବୁଝାମଣାରେ ପ୍ରବେଶ କରିବା ପୂର୍ବରୁ ପୁଅ ଝିଅ ପରସ୍ପର ସହ ମାନସିକ ଓ ଆବେଗିକ ସ୍ତରରେ ଖାପ ଖାଉଛନ୍ତି କି ନାହିଁ ତାହା ଜାଣିବା ଗୁରୁତ୍ୱପୂର୍ଣ୍ଣ। ସନ୍ତାନ ଚାହୁଁଥିଲେ, ତାକୁ କିପରି ବଡ଼ କରିବେ? ଟଙ୍କାପଇସା ନେଇ ଉଭୟଙ୍କ ବିଚାର କ'ଣ? ଯଦି ବିଚାର ମେଳ ଖାଉ ନାହିଁ ତେବେ ଲାଭ କ'ଣ? ଏ ସବୁ ପ୍ରଶ୍ନର ଉତ୍ତର ଖୁବ୍ ଜରୁରି। ତେଣୁ ପନ୍ଦର ବର୍ଷ ଦୁଃଖଦ ଜୀବନରୁ ପାଞ୍ଚ ବର୍ଷ ସୁଖଦ ଜୀବନ ଶ୍ରେୟସ୍କର ବୋଲି ଜୀନତ୍ ବିଶ୍ୱାସ କରନ୍ତି। ସେ ନିଜର ଦୁଇ ପୁଅଙ୍କୁ ସମାନ ଉପଦେଶ ଦେଇଆସିଛନ୍ତି। 'ଲିଭ୍-ଇନ୍' ସପକ୍ଷରେ ତାଙ୍କ ବିଚାର ନିଜସ୍ୱ ଅଭିଜ୍ଞତାରୁ ନିଃସୃତ ବୋଲି ସେ କହନ୍ତି।




'ଧୁରନ୍ଧର' ଓ 'ଧୁରନ୍ଧର ୨'ର ସଫଳତା ପରେ ବଲିଉଡ୍ ଅଭିନେତା ରଣବୀର ସିଂହ ଏବେ ନିଜର ଆଗାମୀ ଫିଲ୍ମ 'ପ୍ରଳୟ' କୁ ନେଇ ଚର୍ଚ୍ଚାରେ ଅଛନ୍ତି। ରିପୋର୍ଟ ଅନୁସାରେ, ଚଳିତ ବର୍ଷ ସେପ୍ଟେମ୍ବରରୁ ଅଷ୍ଟ୍ରେଲିଆରେ ଏହାର ସୁଟିଂ ଆରମ୍ଭ ହେବ। ଫିଲ୍ମ ପାଇଁ ରଣବୀର ନିଜର ଶାରୀରିକ ଓ ମାନସିକ ପ୍ରସ୍ତୁତି ମଧ୍ୟ ଆରମ୍ଭ କରି ଦେଇଛନ୍ତି। 'ଡନ୍ ୩'ରୁ ଓହରିଯିବା ପରେ ରଣବୀରଙ୍କୁ ନେଇ ଚର୍ଚ୍ଚା ଜାରି ରହିଥିବାବେଳେ, ଏବେ ତାଙ୍କ ସମସ୍ତ ଧ୍ୟାନ 'ପ୍ରଳୟ' ଉପରେ ରହିଛି। ନିର୍ଦ୍ଦେଶକ ଜୟ ମେହେଟାଙ୍କ ଏହି ଫିଲ୍ମର ପ୍ରି-ପ୍ରଡକ୍ସନ କାମ ଅଷ୍ଟ୍ରେଲିଆରେ ଆରମ୍ଭ ହୋଇସାରିଛି। ବଲିଉଡ୍‌ରେ ଜମ୍ବି ଆପୋକାଲିପ୍ସ ଜୋନରର ଏକ ବଡ଼ ଫିଲ୍ମ ଭାବେ ଏହାକୁ ଦେଖାଯାଉଛି। ରିପୋର୍ଟ ଅନୁଯାୟୀ, ନିର୍ଦ୍ଦେଶକ ଜୟ ମେହେଟ୍ଟା ନିର୍ଦ୍ଦେଶନାରେ ନିର୍ମିତ ହେଉଥିବା ଏହି ଫିଲ୍ମର ପ୍ରି-ପ୍ରଡକ୍ସନ କାମ ଅଷ୍ଟ୍ରେଲିଆରେ ଆରମ୍ଭ ହୋଇସାରିଛି। ୨୦୨୬ର ଦ୍ୱିତୀୟାର୍ଦ୍ଧରେ ଫିଲ୍ମର ମୁଖ୍ୟ ସୁଟିଂ ଆରମ୍ଭ ହେବ। 'ପ୍ରଳୟ'ର ବଜେଟ୍ ପ୍ରାୟ ୩୦୦ କୋଟି ଟଙ୍କା ରହିବ ବୋଲି କୁହାଯାଉଛି। ଏହା ରଣବୀର ସିଂହଙ୍କ କ୍ୟାରିୟରର ସବୁଠୁ ବଡ଼ ବଜେଟ୍‌ର ଫିଲ୍ମମାନଙ୍କ ମଧ୍ୟରୁ ଗୋଟିଏ ହେବ। ଫିଲ୍ମରେ ଭିଏଫ୍‌ଏକ୍ସ ଓ ସ୍ପେଶାଲ୍ ଇଫେକ୍ଟର ବ୍ୟାପକ ବ୍ୟବହାର କରାଯିବ। ଏଥିପାଇଁ ପ୍ରଡକ୍ସନ ଟିମ୍ ପ୍ରତ୍ୟେକ ଛୋଟ ଛୋଟ ବିଷୟ ଉପରେ ବିଶେଷ ଧ୍ୟାନ ଦେଉଛି। 'ପ୍ରଳୟ' ଭିଏଫ୍ ଏକ୍ସ ଉପରେ ବହୁ ପରିମାଣରେ ନିର୍ଭର କରିବ। ନିର୍ଦ୍ଦେଶକ ଜୟ ମେହେଟ୍ଟା ଓ ତାଙ୍କ ଟିମ୍ ସ୍କ୍ରିନ୍ ପ୍ଲେ ଭିଜୁଆଲ୍ ଡିଟେଲିଂ ଏବଂ ଏକ ବଡ଼ ଜମ୍ବି ୟୁନିଭର୍ସ ତିଆରି କରିବା ଦିଗରେ କାମ କରୁଛନ୍ତି। ରଣବୀର ସିଂହ ମଧ୍ୟ ପ୍ରତିଦିନ କ୍ରିଏଟିଭ୍ ଆଲୋଚନାରେ ସାମିଲ ହେଉଛନ୍ତି।

'ପ୍ରଳୟ'ର କାହାଣୀ ଜମ୍ବିଙ୍କ ବିଶ୍ୱବ୍ୟାପୀ ଆତଙ୍କ କେନ୍ଦ୍ର କରି ଗଢ଼ାଯାଇଛି। ଜମ୍ବିଙ୍କ ଆତଙ୍କ ମଧ୍ୟରେ ଫସିଥିବା ଜଣେ ଦମ୍ପତି ନିଜ ଜୀବନ ବଞ୍ଚାଇବା ପାଇଁ କିପରି ସଂଘର୍ଷ କରୁଛନ୍ତି, ତାହାକୁ ଫିଲ୍ମରେ ଦେଖାଯିବ। ରିପୋର୍ଟ ଅନୁସାରେ, ଏହି ଫିଲ୍ମରେ ରଣବୀରଙ୍କ ସହ ଦକ୍ଷିଣ ଭାରତୀୟ ଅଭିନେତ୍ରୀ କଲ୍ୟାଣୀ ପ୍ରିୟଦର୍ଶନ ନଜର ଆସିପାରନ୍ତି। ତେବେ ଏନେଇ ଏପର୍ଯ୍ୟନ୍ତ କୌଣସି ଅଧିକାରିକ ଘୋଷଣା ହୋଇନାହିଁ।

# ନାଟକ ହିଁ ମୋ ଜୀବନ: ପବିତ୍ର ରଞ୍ଜନ ପୁହାଣ

ଓଡ଼ିଶାର କଳା ସଂସ୍କୃତି ଓ ଗ୍ରାମାଞ୍ଚଳର ନାଟକ କ୍ଷେତ୍ରରେ ଯେଉଁ ଯୁବ ବନ୍ଧୁ ମାନେ ଅଭିନୟ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି ସେମାନଙ୍କ ମଧ୍ୟରେ ଯୁବ ଅଭିନେତା ପବିତ୍ର ରଞ୍ଜନ ପୁହାଣ ଓରଫ ପପୁ ଅନ୍ୟତମ । ଭଦ୍ରକ ଜିଲ୍ଲାର ବାସୁଦେବପୁର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀଦାସପୁର ପଞ୍ଚାୟତରେ ପବିତ୍ର ୧୯୯୨ ମସିହାରେ ଜନ୍ମ ଗ୍ରହଣ କରନ୍ତି। ତାଙ୍କର ପିତା ରାଧାକାନ୍ତ ପୁହାଣ ଏବଂ ମାତା ସୁରତୀ ପୁହାଣ। ପପ ଙ୍କ ଗୋଟିଏ ଭାଇ ପାର୍ଥ ସାରଥୀ ପୁହାଣ ସମସ୍ତେ କଳା ସଂସ୍କୃତି ପ୍ରେମୀ ମଣିଷ। ମାଆ ଗଜଲକ୍ଷ୍ମୀ ଯୁବ ନାଟ୍ୟ ପରିଷଦ ପକ୍ଷରୁ ଅନେକ ସୁନ୍ଦର ନାଟକ ମଞ୍ଚସ୍ଥ ହୋଇଛି ଏବଂ ଏଥିରେ ପପୁ ଖୁବ୍ ସୁନ୍ଦର ଅଭିନୟ କରିଛନ୍ତି। ଶ୍ରୀ ପବିତ୍ର ରଞ୍ଜନ ପୁହାଣ ଯେଉଁ ସୁନ୍ଦର ଓ ଆକର୍ଷଣୀୟ ନାଟକରେ ଅଭିନୟ କରି ସମସ୍ତ ଦର୍ଶକ ବନ୍ଧୁଙ୍କ ନିକଟରେ ପ୍ରିୟ ପାତ୍ର ହୋଇ ପାରିଛନ୍ତି ସେହି ନାଟକ ମଧ୍ୟରେ ରହିଛି ରାତି ପହିବାକୁ ଅଳପ ବାକି, ସରିନି ସପନ ପାହିଲା ରାତି, ଗରିବର ଦୁଃଖ ଦେଖିବ କିଏ, ଆଖି ଅବୁଝାକୁ ଲୁହ ଅବୁଝା, କଣ୍ଢେଇ ଆଖିରେ ଲୁହ, ସବୁ ପର



ଏଠି ଲୁହ ନିଜର, ଦରଦୀ ବନ୍ଧୁ, ସପନର ସୌଦାଗର, କେତେ ଦୁଃଖ ଦବୁ କହ ଦଇବ ପ୍ରଭୃତି। ଶ୍ରୀ ପୁହାଣ ନାଟକ ରେ ଅଭିନୟ କରିବା ବ୍ୟତୀତ ଅନେକ ସମୟରେ ସମାଜ ସେବା କରିଥାନ୍ତି। ଶ୍ରୀ ପୁହାଣ ରାଜନୀତି ମାଧ୍ୟମରେ ସମାଜ ସେବା କରୁଛନ୍ତି ଏବଂ ଅନେକ ଦୁଃଖୀ ଗରିବ ଲୋକଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେଉଛନ୍ତି। ସର୍ବଦା କଳା ସାହିତ୍ୟ ସଂସ୍କୃତିକୁ ଭଲ ପାଉଥିବା ସମସ୍ତଙ୍କର ପ୍ରିୟ ମଣିଷ ତଥା ଯୁବ ଅଭିନେତା ପବିତ୍ର ରଞ୍ଜନ ପୁହାଣଙ୍କ ପ୍ରିୟ ଆଦର୍ଶ ଓ ଭାରତୀୟ ମହାତ୍ମା ଗାନ୍ଧୀ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସ୍ୱାମୀ ବିବେକାନନ୍ଦ । ଶ୍ରୀ ପୁହାଣ ଙ୍କ ପ୍ରିୟ ମଣିଷ ହେଉଛନ୍ତି କଳିଙ୍ଗ ବୀର ବିଜୁ ପଟ୍ଟନାୟକ, ସ୍ୱାଧୀନତା ସଂଗ୍ରାମୀ ନୀଳମଣି ରାଉତରାୟ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଈଶ୍ୱରଙ୍କ କୃପାରୁ ଶ୍ରୀ ପୁହାଣଙ୍କ ସମସ୍ତ ସ୍ୱପ୍ନ ଓ ଲକ୍ଷ୍ୟ ପୂରଣ ହେଉ ଏବଂ ଭବିଷ୍ୟତର ଚଲାପଥ କୁସୁମିତ ହେଉ। ଆମର ଏହାହିଁ କାମନା।

ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ୍ ୯୯୩୭୯୭୬୩୫୧

# ମାଲକାନଗିରି ଜିଲ୍ଲାରେ ଦୁଇଟି ପ୍ରମୁଖ ବିକାଶମୂଳକ ପ୍ରକଳ୍ପର ଅଗ୍ରଗତି ନେଇ ଜିଲ୍ଲାପାଳଙ୍କ ସମୀକ୍ଷା

ମାଲକାନଗିରି , ୦୨/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲାର ସାଂସ୍କୃତିକ ଓ କ୍ରୀଡ଼ା ଭିତିଭୂମିକୁ ସୁଦୃଢ଼ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ଆଜି ମାଲକାନଗିରି ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଜିଲ୍ଲାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିବା ସହ ଚାଲୁ ରହିଥିବା ଏବଂ ପ୍ରସ୍ତାବିତ କାର୍ଯ୍ୟର ବିସ୍ତୃତ ସମୀକ୍ଷା କରିଛନ୍ତି। ଏହି ଗସ୍ତ ସମୟରେ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ହଳଧର ଶବର ମଧ ଜିଲ୍ଲାପାଳଙ୍କ ସହ ଉପସ୍ଥିତ ରହି ପ୍ରକଳ୍ପର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲାର ସମୃଦ୍ଧ ଆଦିବାସୀ ଐତିହ୍ୟକୁ ବଂଚାଇ ରଖିବା ସହ ଜନଜାତି ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ଏହି ପଦକ୍ଷେପ ନିଆଯାଇଛି।ଜିଲ୍ଲାପାଳ ଓ ଆଇଟିଡିଏର ପ୍ରକଳ୍ପ ପ୍ରଶାସକ ସର୍ବପ୍ରଥମେ ସ୍ଥାନୀୟ ଆଦିବାସୀ ପଡ଼ିଆ ପରିଦର୍ଶନ କରିଥିଲେ। ସେଠାରେ ଖୁବଶୀଘ୍ର ଆରମ୍ଭ ହେବାକୁ ଥିବା ଜନଜାତି ସଂଗ୍ରହାଳୟ କାର୍ଯ୍ୟର ଅଗ୍ରଗତି ନେଇ ସେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ସଂଗ୍ରହାଳୟ ଅଂଚଳର ପାରମ୍ପରିକ ଆଦିବାସୀ କଳା, ପୋଷାକ, ଅସ୍ତ୍ରଶସ୍ତ୍ର ଏବଂ ଜୀବନଶୈଳୀକୁ ପ୍ରଦର୍ଶିତ କରିବ। ଆଗାମୀ ପିଢ଼ି ପାଇଁ ମାଲକାନଗିରିର ସମୃଦ୍ଧ ଜନଜାତି ସଂସ୍କୃତିକୁ ସୁରକ୍ଷିତ ରଖିବାରେ ଏହା ଏକ ପ୍ରମୁଖ ସ୍ତମ୍ଭ ସାଜିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଛନ୍ତି। ଏହା ପରେ ଜିଲ୍ଲାପାଳ ଓ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ମାଲକାନଗିରି ସ୍ଥିତ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ ପରିସର ଗସ୍ତ କରିଥିଲେ। ସେଠାରେ ନିର୍ମାଣାଧୀନ ଅତ୍ୟାଧୁନିକ ସ୍ପୋର୍ଟସ୍ କମ୍ପ୍ଲେକ୍ସ ର ନିର୍ମାଣ କାର୍ଯ୍ୟର ସେ ପ୍ରତ୍ୟକ୍ଷ ତଦାରଖ କରିଛନ୍ତି। ଏହି କମ୍ପ୍ଲେକ୍ସ ଦ୍ୱାରା ଜନଜାତି ଛାତ୍ରଛାତ୍ରୀମାନେ ଉନ୍ନତମାନର କ୍ରୀଡ଼ା ପ୍ରଶିକ୍ଷଣ ପାଇପାରିବେ। କ୍ରୀଡ଼ା ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଯେପରି ସମ୍ପୂର୍ଣ୍ଣ ସ୍ୱଚ୍ଛତା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେବ, ସେ ନେଇ ଜିଲ୍ଲାପାଳ କାର୍ଯ୍ୟକାରୀ ସଂସ୍ଥାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

# ଠକେଇ ମାମଲାରେ ଶିକାର ହୋଇଥିବା ଅଭିଯୋଗକାରୀଙ୍କୁ ସୁନା ଗହଣା ଫେରସ୍ତ କଲା ପୋଲିସ

ଜୟପୁର, ୦୨/୦୭ (ନି.ପ୍ର): ଠକେଇ ରେ ଶିକାର ହୋଇଥିବା ଅଭିଯୋଗକାରୀଙ୍କୁ ଆଜି ସୁନା ଗହଣା ଫେରସ୍ତ କରିଛି ପୋଲିସ। ଠକେଇରେ ଶିକାର ହୋଇଥିବା ୪ ଜଣଙ୍କୁ ଫେରସ୍ତ କରାଯାଇଛି । ଏନେଇ ଆଜି ଜୟପୁର ଏସଡ଼ିପିଓ ଅର୍ଚିତା ମିତଲ ସୂଚନା ଦେଇଛନ୍ତି । ଅଭିଯୋଗ ରେ ଶିକାର ହୋଇଥିବା ୯୦ ଫେରସ୍ତ ଦିଆଯାଇଛି । ମୁଖ୍ୟ ଅଭିଯୁକ୍ତକୁ ଗତ ମେ ୨୩ ତାରିଖରେ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ବର୍ତମାନ ଅଭିଯୁକ୍ତ ଜଣକ ଜେଲରେ ଅଛି । ସୁନା ସବୁ ଯାଂଚ କରାଯାଇ ଫେରସ୍ତ କରାଯାଇଥିବା ବିଷୟ ଟାଉନ ଥାନା ଅଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି । ସୂଚନା ଅନୁଯାଇ ୨୦୨୬ ମସିହା ମେ ୧୧ ତାରିଖ ଦିନ, ଜୟପୁରର ନୂଆ ସାହିର ବାସିନ୍ଦାମାନେ ଅଭିଯୋଗ କରିଥିଲେ ଯେ ସେମାନଙ୍କ ଗଳିରେ ରହୁଥିବା ଲକ୍ଷ୍ମୀକାନ୍ତ ପଣ୍ଡା ନାମକ ଜଣେ ବ୍ୟକ୍ତି ସେମାନଙ୍କୁ ଆର୍ଥିକ ସହାୟତା ଯୋଗାଇଦେବା ନାମରେ ବ୍ୟାଙ୍କ ଖାତା ଖୋଲିବା, ରିହାତି ଦରରେ ଋଣ ଯୋଗାଇବା, ଶୀଘ୍ର ଋଣ ବଂଟନ କରିବା ଆଦି ପ୍ରତିଶ୍ରୁତି ଦେଇଥିଲେ। ତାଙ୍କ କଥାରେ ବିଶ୍ୱାସ କରି ଓ ଆଶ୍ୱାସନା ପାଇ ଲୋକମାନେ ତାଙ୍କୁ ନଗଦ ଟଙ୍କା ଓ ଅଳଙ୍କାର ଦେଇଥିଲେ। କିନ୍ତୁ ଦିନେ ସେମାନେ ଦେଖିଲେ ଯେ ଲକ୍ଷ୍ମୀକାନ୍ତ ପଣ୍ଡାଙ୍କ ଫୋନ୍ ସ୍ୱିଚ୍ ଅଫ୍ ଅଛି ଏବଂ ସେ ଅଂଚଳରୁ ଫେରାର ହୋଇଯାଇଛନ୍ତି। ଏହି ମାମଲାକୁ ଗୁରୁତର ସହ ନେଇ ପୋଲିସ ମାମଲା ରୁଜୁ କରି ମାମଲାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ପୋଲିସ ଜାଣିବାକୁ ପାଇଲା ଯେ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ କଟକ, ପୁରୀ, ଯାଜପୁର, ବାଲେଶ୍ୱର ଓ ଭଦ୍ରକ ଭଳି ଜିଲ୍ଲାରେ ଅନେକ ଅଭିଯୋଗ ଦାଖଲ ହୋଇଛି। ସେ ଜଣେ ଫେରାର ଅଭିଯୁକ୍ତ ଥିଲେ ଏବଂ ବାଲେଶ୍ୱର ଜିଲ୍ଲାରେ ତାଙ୍କ ବିରୋଧରେ ଏନବିଡବ୍ଲୁ ପାଇଁ ମଧ ପ୍ରାର୍ଥନା କରାଯାଇଥିଲା। ବିଶ୍ୱସ୍ତ ଗୁଇନ୍ଦା ସୂଚନା ଏବଂ ସାଇବର ସେଲରୁ ତଥ୍ୟ ଆଧାରରେ ଟିମ୍ ଅଭିଯୁକ୍ତଙ୍କ ଜଣକ ରାଉରକେଲାରେ ଥିବା ଜାଣିବାକୁ ପାଇଥିଲା । ସୂଚନା ଆଧାରରେ ଏକ ଟିମ ଅଭିଯୁକ୍ତ କୁ ଗିରଫ ପାଇଁ ରାଉରକେଲା ଯାଇ ଗିରଫ କରିଥିଲା । ଅଭିଯୁକ୍ତ ଠାରୁ ପୋଲିସ ମୋଟ ୨୦ ଲକ୍ଷ ଟଙ୍କାର ମୂଲ୍ୟବାନ ସାମଗ୍ରୀ ଜବତ କରାଯାଇଥିଲା, ଯେଉଁଥିରେ ୩.୯୨ ଲକ୍ଷ ଟଙ୍କା ନଗଦ, ୧୩ ଲକ୍ଷ ଟଙ୍କାର ସୁନା ଓ ରୂପା ଅଳଙ୍କାର, ଗୋଟିଏ ହେରା ଗ୍ଲାମର ମୋଟରସାଇକେଲ, ଏବଂ ଅପରାଧରୁ ଅର୍ଜିତ ଟଙ୍କାରେ କିଣାଯାଇଥିବା ଅନ୍ୟାନ୍ୟ ସାମଗ୍ରୀ ଯେପରିକି ଏସି, ଫର୍ଣ୍ଣିଚର, କମ୍ପ୍ୟୁଟର ଆଦି ରହିଛି ଏହା ସହିତ ୧୭ ଟି ଥିବାଆଇଏମଇ ଆଇ ୯ ଟି ମୋବାଇଲ୍ ହ୍ୟାଣ୍ଡସେଟ୍ ଏବଂ ୭ ଟି ସିମ୍ କାର୍ଡ ମଧ ଜବତ କରାଯାଇଥିଲା। ପୋଲିସ ତାଙ୍କ ଘରୁ ୩୧ ଟି ଅତିରିକ୍ତ ସିମ୍ କାର୍ଡ ସହିତ ୩ ଟି ମେମୋରୀ କାର୍ଡ ମଧ ପାଇଥିଲା। ପ୍ରମାଣ ଆଧାରରେ ପୋଲିସ ଟିମ୍ ଅଭିଯୁକ୍ତ ଲକ୍ଷ୍ମୀକାନ୍ତ ପଣ୍ଡାଙ୍କୁ ଗିରଫ କରିଥିଲା। ଅଭିଯୁକ୍ତଙ୍କୁ ଇଉଏସ ଧାରା ୩୧୬/୩୧୮/ ୧୧୧ ଅନୁଯାୟୀ କୋର୍ଟ ଚାଲାଣ କରାଯାଇଥିଲା । ଆର୍ଥିକ ଅପରାଧର ଗମ୍ଭୀରତା ଏବଂ ଅଭିଯୁକ୍ତଙ୍କ ବାରମ୍ବାର ଅପରାଧ କରିବାର ଅଭ୍ୟାସକୁ ଦୃଷ୍ଟିରେ ରଖି ୧୧୧(୨)(ବି) ଧାରା ମଧ ଯୋଡାଯାଇଥିଲା । ଯେଉଁ ଅଭିଯୋଗ କାରୀର ଟଙ୍କା ଠକେଇ ହୋଇଛି ସେମାନଙ୍କୁ ମଧ ଫେରସ୍ତ କରାଯିବ ବୋଲି ଜଣାଯାଇଛି ।

# କୋଟିଆ ବିକାଶ ସମୀକ୍ଷା ବୈଠକ ଅନୁଷ୍ଠିତ

କୋରାପୁଟ, ୦୨/୦୭ (ନି.ପ୍ର): କୋରାପୁଟ ଜିଲ୍ଲା କୋଟିଆ ଅଞ୍ଚଳର ସର୍ବାଙ୍ଗୀନ ବିକାଶ ନେଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ମନୋଜ ସତ୍ୟଓ୍ୱାନ ମହାଜନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲ୍ଲାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ବୈଠକର ମୁଖ୍ୟ ଆଲୋଚ୍ୟ ବିଷୟ ଥିଲା ଋବିକଶିତ କୋଟିଆ ଆକ୍ସନ ପ୍ଲାନ୍'ର ସଫଳ କାର୍ଯ୍ୟକାରୀତା। କୋଟିଆ ଅଞ୍ଚଳରେ ସ୍ୱାସ୍ଥ୍ୟ, ଭିତ୍ତିଭୂମି, ରାସ୍ତାଘାଟ, ଶିକ୍ଷା ଓ ଜୀବିକା ସୃଷ୍ଟି ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ରଣନୀତିକ ଆର୍ଥିକ-ସାମାଜିକ ହସ୍ତକ୍ଷେପ ମାଧ୍ୟମରେ ସର୍ବାଙ୍ଗୀନ ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ସୀମାନ୍ତ ଅଞ୍ଚଳର ବିକାଶକୁ ସୁଦୃଢ଼ କରିବା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଜିଲ୍ଲାପାଳ ସମସ୍ତ ବିଭାଗକୁ ସମନ୍ୱୟ ରଖି ଯୋଜନାବଦ୍ଧ ଭାବେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ କହିଥିଲେ ଯେ, କୋଟିଆର ଜନସାଧାରଣଙ୍କ ପାଖରେ ସମସ୍ତ ସରକାରୀ ଯୋଜନାର ଲାଭ ପହଞ୍ଚାଇବା ପ୍ରଶାସନର ପ୍ରାଥମିକତା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ନରେଶ ଚନ୍ଦ୍ର ଶବର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ବିଡିଓ ରାମକୃଷ୍ଣ ନାୟକ ଏବଂ କୋଟିଆ ପାଇଁ ସ୍ୱତନ୍ତ୍ର ଦାୟିତ୍ୱପ୍ରାପ୍ତ ଅଧିକାରୀ ସୌରଭ କାନ୍ତ ଦାଶଙ୍କ ସମେତ ସମସ୍ତ ସମ୍ପୃକ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଜିଲ୍ଲା ଶିକ୍ଷା ବିଭାଗରେ ଅବସରକାଳୀନ ସମ୍ବର୍ଦ୍ଧନା ଏବଂ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ

ଖୋର୍ଦ୍ଧା, ୦୨/୦୭ (ନି.ପ୍ର): ଗତକାଲି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟରେ ଅବସର ଗ୍ରହଣ କରିଥିବା ଶିକ୍ଷକ ଓ କର୍ମଚାରୀ ମାନଙ୍କ ନିମନ୍ତେ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଏବଂ ପୂର୍ଣ୍ଣାଙ୍ଗ ପେନସନ ପ୍ରଦାନ ଉତ୍ସବ ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଯାଇଅଛି । ଉକ୍ତ ସମ୍ବର୍ଦ୍ଧନା ସଭାରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ତା ୩୦.୦୬.୨୦୨୬ ରିଖରେ ଅବସର ଗ୍ରହଣ କରିଥିବା ୧୪ ଜଣ ଶିକ୍ଷକ , ଶିକ୍ଷୟତ୍ରୀ ଏବଂ କର୍ମଚାରୀଙ୍କୁ କାର୍ଯ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଉତରୀୟ, ପୁଷ୍ପଗୁଛ ସହ ସେମାନଙ୍କର ପୂର୍ଣ୍ଣାଙ୍ଗ ପେନସନ ନିର୍ଦ୍ଦେଶ ପତ୍ର ପ୍ରଦାନ କରାଯାଇଥିଲା । ସଭାର ସଭାପତି ଜିଲ୍ଲା ଶିକ୍ଷା ଅଧିକାରୀ ଶୋନାମିକା ରାୟ ନିଜ ଅଭିଭାଷଣରେ କହିଥିଲେ ଶିକ୍ଷକ ମାନେ ରାଷ୍ଟ୍ର ନିର୍ମାଣର ବିନ୍ଧାଣୀ ଅଟନ୍ତି । ସରକାରୀ ସେବାରୁ ନିବୃତ ହେଲେ ମଧ ସେମାନଙ୍କ ଶିକ୍ଷା ଔଜ୍ୟଲ୍ୟତା ସବୁବେଳେ ସବୁ କ୍ଷେତ୍ରରେ ସବୁ ସମୟରେ ସମାଜକୁ ଦିଗ ଦର୍ଶନ ଦେବ ବୋଲି କହି ସେମାନଙ୍କର ସୁଦୀର୍ଘ ସୁସ୍ଥ ଓ ନିରାମୟ ଜୀବନ ଯାପନ କାମନା କରିଥିଲେ । ଆଚାର୍ଯ୍ୟ ହରିହର ସରକାରୀ ଉଚ୍ଚ ବିଦ୍ୟାଳୟ, ବେଣୁପୁରର ସହକାରୀ ଶିକ୍ଷକ ଜଗ୍ନେଶ୍ୱର ରଥ, ପ୍ରଧାନ ଶିକ୍ଷକ ଗଣେଶ କରଣ,ଜୟଦେବ ଉଚ୍ଚ ବିଦ୍ୟାଳୟ, ପ୍ରତାପ ରୁଦ୍ରପୁର ର ପ୍ରଧାନ ଶିକ୍ଷକ ମନୋରଞ୍ଜନ ପ୍ରହରାଜ,ପି ବି ସରକାରୀ ଉଚ୍ଚ ବିଦ୍ୟାଳୟ, ସାରୁଅର , ପ୍ରଧାନ ଶିକ୍ଷକ,ଗଣେଶ୍ୱର ମିଶ୍ର, ଯୁଗଳ ଚରଣ ସରକାରୀ ବାଳିକା ବିଦ୍ୟାପୀଠ ର ସହକାରୀ ଶିକ୍ଷକ,ଲକ୍ଷ୍ମିଧର ବାରିକ, ଚତୁର୍ଥ ଶ୍ରେଣୀ କର୍ମଚାରୀ ଗୌରାଙ୍ଗ ବାରିକ, ସରକାରୀ ଉଚ୍ଚ ବିଦ୍ୟାଳୟ, ବାଜପୁର ର ସହକାରୀ ଶିକ୍ଷୟିତ୍ରୀ ସୁଜାତା ମହାପାତ୍ର, ସରକାରୀ ଉଚ୍ଚ ବିଦ୍ୟାଳୟ, ପୁରୁସାହିର ସହକାରୀ ଶିକ୍ଷକ ପଦ୍ମ ଚରଣ ମହାପାତ୍ର, ଭାରତୀୟ ବିଦ୍ୟାଳୟ ୟୁନିଟ୍ ୩ ର ସହକାରୀ ଶିକ୍ଷକ ମଦନ ସିଂହ, ବାଲିଅନ୍ତା ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ବଂଶୀଧର ପ୍ରଧାନ, ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ, ରାଜସ ର ଚତୁର୍ଥ ଶ୍ରେଣୀ କର୍ମଚାରୀ କୈଳାଶ ଚନ୍ଦ୍ର ପଣ୍ଡା, ପାରି ଓରଡା ଉଚ୍ଚ ବିଦ୍ୟାଳୟ ର ସହକାରୀ ଶିକ୍ଷକ ଲକ୍ଷ୍ମୀଧର ବରାଳ, ବେଗୁନିଆ ବ୍ଲକ୍ ଶିକ୍ଷା କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ନୀଳକଣ୍ଠ ସାହୁ ଏବଂ ଚିଲିକା ବ୍ଲକ ଶିକ୍ଷା କାର୍ଯ୍ୟାଳୟର ବରିଷ୍ଠ ସହାୟକ ଲକ୍ଷ୍ମୀଧର ସ୍ୱାଇଁ ଅବସର ଗ୍ରହଣ କରି ପୂର୍ଣ୍ଣାଙ୍ଗ ପେନସନ ପାଇଛନ୍ତି । ସଭାରେ ଅତିରିକ୍ତ ଶିକ୍ଷା ଅଧିକାରୀ ବିଜୟ ବେହେରା, ପ୍ରଜ୍ଞା ପାରମିତା ଜେନା, ରଶ୍ମିବାଳା ପରିଡ଼ାଙ୍କ ସମେତ ସମସ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ର ଅଧିକାରୀ ଓ କର୍ମଚାରୀ, ଶିକ୍ଷକ ଶିକ୍ଷୟତ୍ରୀ ମାନେ ଯୋଗ ଦେଇଥିଲେ ।

# ଏମଭି ୭୯ ଥାନା ପରିସରରେ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ

ମାଲକାନଗିରି , ୦୨/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମଭି ୭୯ ଥାନା ପରିସରରେ ଆଜି ଆମ ପୋଲିସ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଥାନା ଅଧିକାରିଣୀ ପୂର୍ଣ୍ଣିମା ଟେଟେ, ଏସ୍.ଆଇ. ଶ୍ରୀଚନ୍ଦନ ବେହେରା, ଏ.ଏସ୍.ଆଇ. ନିରଞ୍ଜନ ଭତ୍ରାଙ୍କ ସମେତ ଥାନାର ସମସ୍ତ କର୍ମଚାରୀ ଏବଂ ଅଞ୍ଚଳର ବହୁ ବୁଦ୍ଧିଜୀବି , ଜନପ୍ରତିନିଧି ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ବୈଠକରେ ବିଶେଷ ଭାବେ 'ନିଶାମୁକ୍ତ ଓଡ଼ିଶା' ଅଭିଯାନକୁ ସଫଳ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା।

# ସଖୀ ଓ୍ୱାନ୍ ଷ୍ଟପ୍ ସେଂଟର ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

କେନ୍ଦୁଝର, ୦୨/୦୭ (ନି.ପ୍ର): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ବୋଦାପଳାଶ ଗ୍ରାମ ପଂଚାୟତ ଠାରେ 'ସଖୀ ଓ୍ୱାନ୍ ଷ୍ଟପ୍ ସେଣ୍ଟର, କେନ୍ଦୁଝର' ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଖୀ ଓ୍ୱାନ୍ ଷ୍ଟପ୍ ସେଂଟରର ଆଡମିନିଷ୍ଟ୍ରେଟର ସୁଜତାରାଣୀ ପରିଡ଼ା, କେସ୍ ଓ୍ୱାର୍କର କୁମାରୀ ଜ୍ୟୋସ୍ନା ରାଣୀ ବେହେରା ଏବଂ ଆଇଟି ଷ୍ଟାଫ୍ କୁମାରୀ ସୁପ୍ରିୟା ମଣ୍ଡଳ ଯୋଗ ଦେଇଥିଲେ। ଏଥିସହିତ ଜେଣ୍ଡର ସିଆରପି କୋଅର୍ଡିନେଟର କୁମାରୀ ୟୁଶରା କୈସର, ଜେଣ୍ଡର ସିଆରପି ସଦସ୍ୟାଗଣ ଏବଂ ସ୍ୱୟଂ ସହାୟିକା ଗୋଷ୍ଠୀ ର ସଦସ୍ୟାମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟତଃ ମହିଳା ଓ କନ୍ୟା ସନ୍ତାନଙ୍କ ପ୍ରତି ହେଉଥିବା ଲିଙ୍ଗଗତ ହିଂସା ଏବଂ ଏହାର ପ୍ରତିକାର। ଡାକ୍ତରୀ ସହାୟତା, ପୋଲିସ ସହାୟତା, ଆଇନଗତ ପରାମର୍ଶ, ମନସ୍ତାତ୍ତ୍ୱିକ କାଉନସେଲିଂ ଏବଂ ଜରୁରୀକାଳୀନ ଆଶ୍ରୟସ୍ଥଳୀ ସମ୍ପର୍କରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଯାଇଥିଲା। ହିଂସାର ଶିକାର ହୋଇଥିବା ମହିଳାମାନଙ୍କ ପାଇଁ ସଖୀ ସେଂଟର ସବୁ ସମୟରେ ତତ୍ପର ବୋଲି ସୂଚନା ଦିଆଯାଇଥିଲା। ଏହି ଅବସରରେ ମହିଳା ହେଲ୍ପଲାଇନ୍, ଚାଇଲ୍ଡ ହେଲ୍ପଲାଇନ୍ ଏବଂ ସଖୀ ଓ୍ୱାନ୍ ଷ୍ଟପ୍ ସେଂଟରର ଯୋଗାଯୋଗ ନମ୍ବର ଥିବା ଆଇଇସି ଲିଫଲେଟ୍ ବଂଟନ କରାଯାଇଥିଲା। ଏହାବ୍ୟତୀତ, ମହିଳା ସଶକ୍ତିକରଣ, ହିଂସା ବିରୁଦ୍ଧରେ ସ୍ୱର ଉତୋଳନ କରିବାର ମହତ୍ୱ ଏବଂ ଜରୁରୀକାଳୀନ ପରିସ୍ଥିତିରେ ପୀଡ଼ିତାଙ୍କୁ ସହାୟତା କରିବାରେ ସାମାଜିକ କର୍ମୀଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମର ଶେଷ ଭାଗରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ପରିଶେଷରେ ଧନ୍ୟବାଦ ଅର୍ପଣ ସହ କାର୍ଯ୍ୟକ୍ରମଟି ସମ୍ପନ୍ନ ହୋଇଥିଲା। ସମସ୍ତଙ୍କୁ ମହିଳାଙ୍କ ଅଧିକାର ସମ୍ପର୍କରେ ସଚେତନ ରହି ସମାଜରେ ପରିବର୍ତନ ଆଣିବା ପାଇଁ ଉତ୍ସାହିତ କରାଯାଇଥିଲା।

# ମୋବାଇଲରେ କଥା ହେଉଥିବା ବେଳେ ଟ୍ରେନ୍ ଧକ୍କା: ୨୩ ବର୍ଷୀୟ ଯୁବକଙ୍କ ମୃତ୍ୟୁ

ଝାରସୁଗୁଡ଼ା, ୦୨/୦୭ (ନି.ପ୍ର): ଝାରସୁଗୁଡ଼ା ସହରର ସରବାହାଲ ପୁରୁଣା ରେଳ ଫାଟକ ନିକଟରେ ବୁଧବାର ଅପରାହ୍ନରେ ମୋବାଇଲରେ କଥା ହେଉଥିବା ବେଳେ ୨୩ ବର୍ଷୀୟ ଯୁବକଙ୍କ ପ୍ରାଣହାନି ଘଟିଛି। ମୃତକ ସରବାହାଲ ଅଂଚଳର ବିଶ୍ୱଜିତ ବାରିକ ବୋଲି ରେଲୱେ ପୋଲିସ ସୂତ୍ରରୁ ଜଣାପଡ଼ିଛି। ପୋଲିସ ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ପ୍ରାୟ ୨ଟା ୩୦ ମିନିଟ୍ ସମୟରେ ବିଶ୍ୱଜିତ ମୋବାଇଲ୍ ଫୋନରେ କଥା ହୋଇ ସରବାହାଲ ପୁରୁଣା ରେଳ ଫାଟକ ପାର ହେଉଥିଲେ। ଏହି ସମୟରେ ଏକ ଟ୍ରେନ୍ ତାଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଖବର ପାଇ ରେଲୱେ ପୋଲିସ ଘଟଣାସ୍ଥଳରେ ପହଂଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି।

# ବିନା ସୂଚନା ଫଳକରେ ଚାଲିଛି ନିମ୍ନମାନର ରାସ୍ତା କାମ: ଗ୍ରାମବାସୀଙ୍କ ପ୍ରତିବାଦ ପରେ ବିଡ଼ିଓଙ୍କ ପ୍ରତିଶ୍ରୁତି

ଚମ୍ପୁଆ, ୦୨/୦୭ (ନି.ପ୍ର): ବିନା ସୂଚନା ଫଳକରେ ଚାଲିଛି ଗ୍ରାମ୍ୟ ରାସ୍ତା ନିର୍ମାଣ। କାଦୁଅ ବାଲିରେ କଂକ୍ରିଟ ଢ଼ଳେଇ କରାଯାଉଥିବାରୁ ରାସ୍ତାର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ଏକ ଅଭିଯୋଗ ଆସିଛି କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ସୁନାପଶି ପଂଚାୟତ ଅନ୍ତର୍ଗତ ସରାସପଶି ଗ୍ରାମରୁ। ମିଳିଥିବା ସୂଚନା ଅନୁଯାୟୀ, ସରାସପଶି ଗ୍ରାମରେ ଏକ ଗ୍ରାମ୍ୟ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ସରକାରୀ ନିୟମ ଅନୁସାରେ ଯେକୌଣସି ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ସେଠାରେ ସୂଚନା ଫଳକ ଲଗାଇବା ବାଧ୍ୟତାମୂଳକ। ଏହି ଫଳକରେ ପ୍ରକଳ୍ପର ନାମ, ବ୍ୟୟ ଅଟକଳ ଓ କାର୍ଯ୍ୟକାରୀ ସଂସ୍ଥା ବିଷୟରେ ଉଲ୍ଲେଖ ରହିବା କଥା। ମାତ୍ର ଏଠାରେ କୌଣସି ସୂଚନା ଫଳକ ଲଗାଯାଇ ନାହିଁ, ଯାହାଫଳରେ ରାସ୍ତା ସମ୍ପର୍କିତ କୌଣସି ତଥ୍ୟ ସ୍ଥାନୀୟ ଲୋକେ ଜାଣିପାରୁ ନାହାନ୍ତି। ଅନ୍ୟପଟେ ଏହି ରାସ୍ତା କାର୍ଯ୍ୟରେ ଅତି ନିମ୍ନମାନର ସାମଗ୍ରୀ ବ୍ୟବହାର କରାଯାଉଥିବାନେଇ ଅଭିଯୋଗ ହୋଇଛି। କାଦୁଅ ମିଶ୍ରିତ ବାଲିରେ କଂକ୍ରିଟ ଢ଼ଳେଇ କରାଯାଉଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାକୁ ନେଇ ଗ୍ରାମବାସୀମାନେ ଏକତ୍ରିତ ହୋଇ କାର୍ଯ୍ୟରେ ହସ୍ତକ୍ଷେପ କରିବା ସହ ପ୍ରତିବାଦ କରିଥିଲେ। ଏହି ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ଯନ୍ତ୍ରୀ ସଙ୍ଗେ ସଙ୍ଗେ ସୂଚନା ଫଳକ ଲଗାଇବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ସମ୍ପର୍କରେ ଚମ୍ପୁଆ ବିଡ଼ିଓ ସ୍ମୃତିରଞ୍ଜନ ସାହୁଙ୍କୁ ପଚାରିବାରୁ ସେ ପ୍ରତିକ୍ରିୟା ରଖିଛନ୍ତି। ସେ ଗ୍ରାମବାସୀଙ୍କୁ ଆଶ୍ୱାସନା ଦେବାସହ ତଦନ୍ତ କରି ଏକ ଭଲ ଏବଂ ଗୁଣବତାପୂର୍ଣ୍ଣ ରାସ୍ତା କାମ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

# କେନ୍ଦୁଝରରେ ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତି ନେଇ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ

କେନ୍ଦୁଝର, ୦୨/୦୭ (ନି.ପ୍ର): କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଦରବାର୍ ହଲ୍‌ରେ 'ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍' (ଡି ସିଏଚବି) ପ୍ରସ୍ତୁତି ସମ୍ପର୍କିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କେନ୍ଦୁଝର ଉପଖଣ୍ଡ ଅନ୍ତର୍ଗତ ସମସ୍ତ ତହସିଲର ରାଜସ୍ୱ ନିରୀକ୍ଷକ, ସହକାରୀ ରାଜସ୍ୱ ନିରୀକ୍ଷକ ଏବଂ ଅମୀନମାନେ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ଜିଲ୍ଲା ଜନଗଣନା ଅଧିକାରୀ ଭାବେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାଲିକ ସମସ୍ତଙ୍କୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଡିସିଏଚବି ପ୍ରସ୍ତୁତି କାର୍ଯ୍ୟ ସମାପ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ଜନଗଣନା ତଥ୍ୟର ସଠିକତା, ବିଭାଗୀୟ ସମନ୍ୱୟ ଏବଂ ସମୟୋଚିତ ତଥ୍ୟ ଅଦ୍ୟତନ ଉପରେ ସର୍ବାଧିକ ଗୁରୁତ୍ୱାରୋପ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, 'ଜିଲ୍ଲା ଜନଗଣନା ହ୍ୟାଣ୍ଡବୁକ୍' ହେଉଛି ଜିଲ୍ଲାର ଏକ ପ୍ରାମାଣିକ ସୂଚନା ଭଣ୍ଡାର। ଏହି ପୁସ୍ତିକାରେ ଗୋଟିଏ ଜିଲ୍ଲାର ପ୍ରତି ଗ୍ରାମ ଓ ସହରାଂଚଳର ଜନସଂଖ୍ୟା, ସାକ୍ଷରତା ହାର, ଭିତିଭୂମି, ସ୍ୱାସ୍ଥ୍ୟ ଓ ଶିକ୍ଷା ସୁବିଧା ସମ୍ବନ୍ଧୀୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସ୍ଥାନ ପାଇଥାଏ, ଯାହା ସରକାରୀ ଯୋଜନା ପ୍ରସ୍ତୁତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରେ। ପ୍ରଶାସନିକ ଦୃଷ୍ଟିକୋଣରୁ ଡିସିଏଚବି ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହା ଜିଲ୍ଲାସ୍ତରୀୟ ଯୋଜନା ପ୍ରଣୟନ, ପ୍ରଶାସନିକ କାର୍ଯ୍ୟକଳାପ ଏବଂ ବିଭିନ୍ନ ବିକାଶମୂଳକ ପଦକ୍ଷେପ ପାଇଁ ଏକ ମୁଖ୍ୟ ସନ୍ଦର୍ଭ ପୁସ୍ତିକା ଭାବେ କାର୍ଯ୍ୟ କରେ। ଏହାର ସଠିକ ପ୍ରସ୍ତୁତି ଦ୍ୱାରା ଗ୍ରାମାଂଚଳ ଓ ସହରାଂଚଳର ଜନସାଂଖ୍ୟିକ ଏବଂ ଭିତିଭୂମି ସମ୍ବନ୍ଧୀୟ ତଥ୍ୟ ସୁସ୍ପଷ୍ଟ ଭାବେ ଉପଲବ୍ଧ ହୋଇପାରିବ, ଯାହା ଭବିଷ୍ୟତର ବିକାଶ କାର୍ଯ୍ୟରେ ସହାୟକ ହେବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ତଥ୍ୟ ସଂଗ୍ରହ, ସଠିକତା ଯାଂଚ ଏବଂ ରିପୋର୍ଟ ପ୍ରସ୍ତୁତିର ସୂକ୍ଷ୍ମ କୌଶଳ ସମ୍ପର୍କରେ କର୍ମଚାରୀମାନଙ୍କୁ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ନିର୍ଦ୍ଧାରିତ ଦାୟିତ୍ୱକୁ ନିଷ୍ଠାର ସହ ପାଳନ କରିବା ସହ ଜନଗଣନା ହ୍ୟାଣ୍ଡବୁକ୍ ପ୍ରସ୍ତୁତି କାର୍ଯ୍ୟକୁ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସଫଳତାର ସହ ଶେଷ କରିବା ପାଇଁ ଉପସ୍ଥିତ ସମସ୍ତ କର୍ମଚାରୀ ଦୃଢ଼ ପ୍ରତିଶ୍ରୁତି ପ୍ରଦାନ କରିଥିଲେ।

# ଝାରସୁଗୁଡ଼ା ପୌରାଞ୍ଚଳର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କଲେ ଜିଲ୍ଲାପାଳ

ଝାରସୁଗୁଡ଼ା, ୦୨/୦୭ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲାପାଳ କୁଣଲ ମୋତିରାମ ଚଓ୍ୱକ୍ଷଣ ଆଜି ଝାରସୁଗୁଡ଼ା ପୌରାଞ୍ଚଳର ବିଭିନ୍ନ ସ୍ଥାନ ପରିଦର୍ଶନ କରି ବିକାଶମୂଳକ କାର୍ଯ୍ୟ ଓ ଭିତ୍ତିଭୂମିର ଉନ୍ନତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏହି ପରିଦର୍ଶନରେ ଝାରସୁଗୁଡ଼ା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ନିଶିକାନ୍ତ ଟେଟେ, ପୌରପରିଷଦ ଯନ୍ତ୍ରୀ ସୀମାଞ୍ଚଳ ଦାସ ଓ ସହକାରୀ ଯନ୍ତ୍ରୀ ସୁଶାନ୍ତ ପଟେଲ ଉପସ୍ଥିତ ଥିଲେ। ପ୍ରଥମେ ଜିଲ୍ଲାପାଳ ଟାଉନ ହଲ୍ ପରିଦର୍ଶନ କରି ଏହାର ସମ୍ପୂର୍ଣ୍ଣ ନବୀକରଣ କରିବା ସହିତ ପାର୍ଶ୍ୱରେ ଥିବା ପୁରୁଣା କୋଠାକୁ ଭଙ୍ଗାଯିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହାସହ ପରିସରରେ ରହିଥିବା ପୁରୁଣା ଯାନବାହନଗୁଡ଼ିକର ତାଲିକା ପ୍ରସ୍ତୁତ କରି ମୋଟର ଯାନ ନିରୀକ୍ଷକ ଙ୍କ ସହଯୋଗରେ ଅନୁପଯୋଗୀ ଯାନବାହନଗୁଡ଼ିକୁ ଶୀଘ୍ର ସ୍କ୍ରାପ୍ କରିବାକୁ କହିଥିଲେ। ତାପରେ ପୌରପାଳିକାର ଅଡିଟୋରିୟମ୍-କମ୍-ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିଦର୍ଶନ କରିଥିଲେ। ବର୍ତ୍ତମାନର କୋଠାର ନବୀକରଣ ଓ ରଙ୍ଗ କାମ ପୌରପାଳିକା ଦ୍ୱାରା କରାଯିବା ସହିତ ବ୍ୟାଡମିଣ୍ଟନ କୋର୍ଟ ଓ ଅନ୍ୟାନ୍ୟ କ୍ରୀଡ଼ା ସାମଗ୍ରୀ ସ୍ଥାପନ ପାଇଁ ସମ୍ପୃକ୍ତ ବିଭାଗଗୁଡ଼ିକର ସହଯୋଗ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ପରିଦର୍ଶନ ସମୟରେ ପୌରପାଳିକା ପରିସରରେ ଦୀର୍ଘଦିନ ଧରି ପଡ଼ିରହିଥିବା ସଫେଇ ଯାନ, ଫଗିଂ ମେସିନ୍ ଓ ଅନ୍ୟାନ୍ୟ ଅଚଳ ଯନ୍ତ୍ରପାତିର ସ୍ଥିତି ମଧ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ଯେଉଁ ଯାନବାହନ ଓ ଯନ୍ତ୍ରପାତିକୁ ସ୍ୱଳ୍ପ ବ୍ୟୟରେ ମରାମତି କରି ପୁନଃ ବ୍ୟବହାରଯୋଗ୍ୟ କରାଯାଇପାରିବ, ସେଗୁଡ଼ିକର ତୁରନ୍ତ ମରାମତି କରି ବ୍ୟବହାରରେ ଆଣିବାକୁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲାପାଳ ପୌରାଞ୍ଚଳର ଜନସାଧାରଣଙ୍କୁ ଉନ୍ନତ ନାଗରିକ ସେବା ଯୋଗାଇବା ପାଇଁ ପୌରପାଳିକାର ସମ୍ପତ୍ତି ଓ ଭିତ୍ତିଭୂମିର ସଠିକ୍ ରକ୍ଷଣାବେକ୍ଷଣ, ଆଧୁନିକୀକରଣ ଏବଂ ଉପଲବ୍ଧ ସମ୍ପଦର ସର୍ବୋତ୍ତମ ଉପଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ପୌରାଞ୍ଚଳର ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କଲେ ଜିଲ୍ଲାପାଳ ଦେଇଥିଲେ।

# ବିଭିନ୍ନ କ୍ରୀଡ଼ାରେ ପଦକ ବିଜେତା କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କଲେ ଜିଲ୍ଲାପାଳ

ଝାରସୁଗୁଡ଼ା, ୦୨/୦୭ (ନି.ପ୍ର): ଜିଲ୍ଲା ପ୍ରଶାସନର ପକ୍ଷରୁ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଠାରେ ବିଭିନ୍ନ କ୍ରୀଡ଼ା ବିଭାଗରେ ଜାତୀୟ ଓ ରାଜ୍ୟ ସ୍ତରରେ ପଦକ ହାସଲ କରିଥିବା କ୍ରୀଡ଼ାବିତ ମାନଙ୍କୁ ଉତରୀୟ ଏବଂ ଚାରା ଦେଇ ସମ୍ବର୍ଦ୍ଧିତ କରିଥିଲେ ଜିଲ୍ଲାପାଳ କୁଣକ୍ଷଲ ମୋତିରାମ ଚଓ୍ୱକ୍ଷଣ । ଏହି ଅବସରରେ ଜିଲ୍ଲାପାଳ କ୍ରୀଡ଼ାବିତମାନଙ୍କ ସହ ଆଲୋଚନା କରି ସେମାନଙ୍କର ଅଭ୍ୟାସ, ପ୍ରତିଯୋଗିତାର ଅନୁଭୂତି, ସଫଳତା ଓ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। କ୍ରୀଡ଼ାବିତମାନଙ୍କ ପ୍ରତିଭାକୁ ଆହୁରି ବିକଶିତ କରିବା ସହ ସେମାନଙ୍କୁ ଆବଶ୍ୟକ ସୁବିଧା ଓ ସହଯୋଗ ଯୋଗାଇ ଦେବା ପାଇଁ ଜିଲ୍ଲା ପ୍ରଶାସନ ସଦା ସର୍ବଦା ପ୍ରତିଶ୍ରୁତି ବଦ୍ଧ ବୋଲି ଜିଲ୍ଲାପାଳ ଶ୍ରୀ ଚଓ୍ୱକ୍ଷଣ ପ୍ରକାଶ କରିଥିଲେ। ଏଥିସହ କ୍ରୀଡ଼ା କେବଳ ଶାରୀରିକ ଦକ୍ଷତାର ବିକାଶ କରେ ନାହିଁ, ବରଂ ଶୃଙ୍ଖଳା, ଆତ୍ମବିଶ୍ୱାସ ଓ ନେତୃତ୍ୱ ଗୁଣର ବିକାଶରେ ମଧ ସହାୟକ ହୋଇଥାଏ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ଜିଲ୍ଲାର କ୍ରୀଡ଼ାବିତମାନେ ରାଜ୍ୟ ଓ ଜାତୀୟ ସ୍ତରରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଝାରସୁଗୁଡ଼ାର ଗୌରବ ବୃଦ୍ଧି କରୁଥିବାରୁ ସେ ସେମାନଙ୍କୁ ପ୍ରଶଂସା କରିଥିଲେ। ଭବିଷ୍ୟତରେ ଆହୁରି ନିଷ୍ଠା ଓ ପରିଶ୍ରମ ସହ ଅଭ୍ୟାସ ଜାରି ରଖି ଉଚ୍ଚତର ସଫଳତା ହାସଲ କରିବାକୁ ସେ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ାବିତମାନେ ମଧ ସେମାନଙ୍କର ଅଭ୍ୟାସ ପ୍ରକ୍ରିୟା, ଆବଶ୍ୟକତା ଏବଂ କ୍ରୀଡ଼ା ଭିତ୍ତିଭୂମିର ଉନ୍ନତି ସମ୍ପର୍କରେ ନିଜ ମତାମତ ରଖିଥିଲେ। ଜିଲ୍ଲାପାଳ ଶ୍ରୀ ଚଓ୍ୱକ୍ଷଣ ସେମାନଙ୍କ ପ୍ରସ୍ତାବକୁ ଗୁରୁତ୍ୱର ସହ ବିଚାର କରାଯିବ ବୋଲି ଆଶ୍ୱାସନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଥଲେଟିକ୍ସ ଆସୋସିଏସନର ସଭ୍ୟ, ସଭ୍ୟା , କ୍ରୀଡ଼ା ପ୍ରଶିକ୍ଷକ, ବିଭିନ୍ନ କ୍ରୀଡ଼ା ବିଭାଗର ପଦକ ବିଜେତା କ୍ରୀଡ଼ାବିତ ଉପସ୍ଥିତ ଥିଲେ।

# ଭାରତୀ ସମାଜ ପକ୍ଷରୁ ଏକାଦଶତମ ସମର୍ପଣ ଉତ୍ସବ

ସମ୍ବଲପୁର, ୦୨/୦୭ (ନି.ପ୍ର): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ଲମଡୁଙ୍ଗୁରୀରେ ବୁଧବାର ଭାରତୀ ସମାଜ ପକ୍ଷରୁ ଏଗାର ତମ ସମର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଲମଡୁଙ୍ଗୁରୀ ପାହାଡ ପାଦ ଦେଶରେ ବର, ପିପ୍ପଳ, ମହୁଲ, ଅଁଳା , ବାହାଡ଼ା,ତାଳ ଆଦି ବିଭିନ୍ନ ଜାତି ପକ୍ଷରୁ ପୂଜା କରାଯାଉଥିବା ବୃକ୍ଷରାଜି ରୋପଣ କରାଯାଇଥିଲା । ଭାରତୀ ସମାଜର ମହାସଚିବ ଦେବୀ ପ୍ରସାଦ ଭୋଇ ବିଗତ ଦଶ ବର୍ଷ ଧରି ଲକ୍ଷ୍ମୀ ଡୁଙ୍ଗୁରିରେ ଦ୍ୱିତିୟ ବୁଦ୍ଧଙ୍କ ଗୁରୁ ପଦ୍ମସମ୍ଭବ ଏବଂ ବଜ୍ରଯାନୀ ଗୁରୁ ଇନ୍ଦ୍ରଭୂମି, ଅଷ୍ଟମ ଶତାବ୍ଦୀର ବିଶିଷ୍ଟ ତନ୍ତ୍ର ସାଧିକା ତଥା ସହଜଯାନର ପ୍ରଚାରିକା ଲକ୍ଷ୍ମୀକରାଙ୍କ ନାମରେ ଗଛ ଲଗାଯାଇ ସମର୍ପଣ ଉତ୍ସବ ଆୟୋଜନ କରାଯାଇଥିବା ବିଷୟରେ ସୂଚନା ଦେଇଥିଲେ। ଭାରତୀ ସମାଜର ସଂଚାଳକ ଭବାନୀଶ ଭୋଇ ଭାରତୀୟ ସଂସ୍କୃତିରେ ବୃକ୍ଷ ଗୁଡିକୁ ଇଷ୍ଟ ଭାବରେ ପୂଜା କରିବାର ପରମ୍ପରା ରହିଥିବା କହିଥିଲେ। ତେଣୁ ବର୍ତମାନ ସମୟରେ ପରିବେଶ ସୁରକ୍ଷା ପାଇଁ ପୁଣିଥରେ ସମସ୍ତ ଜାତି ସମାଜକୁ ନିଜର ପୂଜା କରୁଥିବା ବୃକ୍ଷର ସୁରକ୍ଷା ପାଇଁ ପ୍ରୋତ୍ସାହିତ କରିବାର ଆବଶ୍ୟକତା ରହିଛି।

# ଘରୋଇ ମେସରୁ ୪ ଛାତ୍ର ନିଖୋଜ: ନିର୍ଯାତନା ଦିଆଯାଉଥିବା ନେଇ ଅଭିଯୋଗ ଆଣିଲେ ଅଭିଭାବକ

ନୀଳଗିରି, ୦୨/୭ (ନି.ପ୍ର): ପୁଅଝିଅର ଉନ୍ନତ ଭବିଷ୍ୟତପାଇଁ ବାପା ମାଆ ନିଜକୁ ଜଳାଞ୍ଜଳିଦେଇ ଏକ ଉନ୍ନତ ଶିକ୍ଷାନୁଷ୍ଠାନ ଓ ଭଲ ଘରୋଇ ମେସକୁ ଅଗ୍ରାଧିକାର ଦେଇଥାନ୍ତି। ଏହାର ଫାଇଦା ନେବାକୁ ପଛାଇ ନଥାନ୍ତି କିଛି ସ୍ୱାର୍ଥନ୍ୱେଶୀ ମଣିଷ। ଫଳରେ ବାପା ମାଙ୍କ ସବୁସ୍ୱପ୍ନ ଧୂଳିସାତ ହେଉଛି। ଏଭଳି ଘଟଣା ବାରମ୍ବାର ନୀଳଗିରି ଅଞ୍ଚଳରେ ଦେଖିବାକୁ ମିଳିଥିବା ବେଳେ ଗତ ମେ୨୧ ତାରିଖରେ ଜାମୁଡିହା ପଞ୍ଚାୟତର ଘରୋଇ ମେସ୍ ୩ମହଲା ଛାତରୁ ପଡି ଛାତ୍ର ଗୁରୁତରଘଟଣା ସ୍ଥାନୀୟଲୋକେ ଭୁଲିନଥିବା ବେଳେ ପୁଣି ଏକ ଘରୋଇ ମେସରୁ ୪ ଛାତ୍ର ନିଖୋଜ ହୋଇଥିବା ଜଣାଯାଇଛି। ସୁଚନା ମୁତାବକ ନୀଳଗିରି ବ୍ଲକ୍ ଜାମୁଡିହା ପଞ୍ଚାୟତ ବଡବିଲ୍ ସ୍ଥିତ ଅକ୍ଷୟ ଆଚାର୍ଯ୍ୟ ହାଇସ୍କୁଲରେ ବାଲେଶ୍ୱର ସଦରଥାନା ଅଧୀନ ମୁଲାନନଗର ଅଞ୍ଚଳର ନବମ ଶ୍ରେଣୀରଛାତ୍ର ସତେନ୍ଦୁ ବେହେରା ଓ ଉକ୍ତ ଅଞ୍ଚଳର ଦଶମଶ୍ରେଣୀର ଛାତ୍ର ରୀତେଶ ବେହେରା ,ମୟୁରଭଞ୍ଜ ଜିଲ୍ଲା ପହଣ୍ଡା ଅଞ୍ଚଳର ଦଶମଶ୍ରେଣୀର ହିମାଂଶୁ ବେହେରା ସହିତ ଅନ୍ୟ ସ୍କୁଲରେ ପଢୁଥିବା ଜଣେ ଷଷ୍ଠଶ୍ରେଣୀର ଛାତ୍ର ଅକ୍ଷୟ ଆଚାର୍ଯ୍ୟ ହାଇସ୍କୁଲ ଠାରୁ କିଛିଦୂରରେ ଜଗତାନନ୍ଦ ରାଉତ ନାମକ ଜଣେବ୍ୟକ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ ଘରୋଇ ମେସ୍‌ରେ ରହି ଉପରୋକ୍ତ ସମସ୍ତ ଛାତ୍ର ପାଠପଢୁଥିଲେ। ବୁଧବାର ରାତ୍ରୀରେ କୈଣସି କାରଣରୁ ମେସ୍ ଛାଡ଼ି ପଳାଇଯାଇଥିଲେ। ଘରୋଇ ମେସର ମାଲିକ ଛାତ୍ରମାନଙ୍କ ଅଭିଭାବକଙ୍କୁ ଜଣାଇଦେବା ସହ ମେସର ମାଲିକ ଖୋଜାଖୋଜି କରିଥିଲେ । ଏଥିସହ ପିଲାମାନଙ୍କୁ ନପାଇ ଗୁରୁବାର ଅଭିଭାବକମାନେ ନୀଳଗିରି ଥାନାର ଦ୍ୱାରସ୍ଥ ହୋଇଥିଲେ। ତେବେ ଘରୋଇ ମେସର ମାଲିକଙ୍କର ଅତ୍ୟାଚାର କାରଣରୁ ମେସ୍ ଛାଡ଼ି ପଳାଇଯାଇଥିବା ଅଭିଯୋଗ କରିଥିଲେ ଅଭିଭାବକ । ସିସିଟିଭିରେ କଏଦ ଛାତ୍ରଙ୍କ ଯିବା ସମୟର ଭିଡିଓକୁ ନେଇ ତଦନ୍ତ ଜାରିରଖିଥିଲା ନୀଳଗିରି ପୋଲିସ। ତେବେ ଜାମୁଡିହା ପଞ୍ଚାୟତରେ ଛତୁ ଫୁଟିଲାଭଳି ଘରୋଇ ମେସ୍ ରହିଥିବାବେଳେ ଏହା ସରକାରଙ୍କ ନଜରରେ ଅଛିକି ନାହିଁ ତାହା ମଧ୍ୟ ସନ୍ଦେହ ଘେରରେ। ପିଲାଙ୍କ ଦାୟିତ୍ୱ ବହନ କରିବାପାଇଁ ଜଗୁଆଳି ବା ଓ୍ୱାର୍ଡେନ ରଖିଥିଲେ କି ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅଭିଯୋଗ ଅନୁଯାୟୀ ଘରୋଇ ମେସର ମାଲିକଙ୍କର କୌଣସି କାଗଜପତ୍ର ନଥିବା ବେଳେ ବେଆଇନ ଭାବେ ଉଭୟ ଛାତ୍ରଛାତ୍ରୀ ମାନଙ୍କୁ ମେସ୍ କରି ମୁନାଫା କମାଇବା ଲକ୍ଷ୍ୟରେ ଶହଶହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବଂ ଜୀବନକୁ ନଜର ଅନ୍ଦାଜ୍ କରିଚାଲିଛନ୍ତି। ତେଣୁ ରାଜ୍ୟ ସରକାର ଘରୋଇ ମେସ ବନ୍ଦକରି ସରକାରୀ ସ୍ତରରେ ବିଧିବଦ୍ଧ ବ୍ୟବସ୍ଥା କରିବାକୁ ଦାବି ହୋଇଛି । ସର୍ବୋପରି ବିଦ୍ୟାଳୟ କର୍ତ୍ତୃପକ୍ଷ ମଧ୍ୟ ଏଥିପ୍ରତି ଦୃଷ୍ଟିଦ୍ୱୋକୁ ସାଧାରଣରେ ଦାବିହୋଇଛି। ଖବରଲେଖିବା ବେଳକୁ ସଂପୃକ୍ତ ଛାତ୍ରମାନେ ପୁରୀ ସମୁଦ୍ରକୂଳରେ ବୁଲୁଥିବା ବେଳେ ଏହି ନିଖୋଜ ୪ଛାତ୍ରଙ୍କୁ ଏକ ଟେମ୍ପୁଚାଳକ ସନ୍ଦେହକରି ସେଠାକାର ପୋଲିସକୁ ଖବର ଦେଇଥିଲା ବେଳେ ପୁରୀ ପୋଲିସ ସେମାନଙ୍କୁ ଅଟକ ରଖିଛି। ପରେ ପରିବାରବର୍ଗଙ୍କୁ ଖବରଦେଲା ପରେ ପରିବାରଲୋକ ପୁରୀ ଅଭିମୁଖେ ଯାଇଥିବା ସୂଚନା ମିଳିଛି।

## ଏମ୍ସ ଭୁବନେଶ୍ୱରରେ ଜାତୀୟ ଚିକିତ୍ସକ ଦିବସ ପାଳିତ

ଭୁବନେଶ୍ୱର, ୦୨/୭ (ନି.ପ୍ର): ଏମ୍ସ ଭୁବନେଶ୍ୱରରେ ସ୍ୱାସ୍ଥ୍ୟସେବା, ଚିକିତ୍ସା ଶିକ୍ଷା ଏବଂ ଗବେଷଣା କ୍ଷେତ୍ରରେ ଏହାର ଅଧ୍ୟାପକ ଅଧ୍ୟାପିକା, ଆବାସିକ ଡାକ୍ତର ଏବଂ ଇଂଟର୍ନଙ୍କ ଅମୂଲ୍ୟ ଅବଦାନକୁ ସ୍ୱୀକୃତି ପୂର୍ବକ, ଶ୍ରଦ୍ଧା ଏବଂ କୃତଜ୍ଞତାର ସହିତ ଜାତୀୟ ଚିକିତ୍ସକ ଦିବସ ପାଳିତ ହୋଇଯାଇଛି। ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ, ଡିନ୍ (ଏକାଡେମିକ୍) ଡ. ଦିଲ୍ଲୀପ କୁମାର ପରିଡ଼ା ଏବଂ ଡିନ୍ (ପରୀକ୍ଷା) ଡ. ମନସ୍ୱିନୀ ମଙ୍ଗରାଜ, ଡ. ବିନୋଦ କୁମାର ପାତ୍ରୋ ପ୍ରମୁଖ ଯୋଗ ଦେଇଥିଲେ। ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ସମସ୍ତ ଅଂଶୀଦାରଙ୍କ ଉପସ୍ଥିତି ଏହି କାର୍ଯ୍ୟକ୍ରମକୁ ସଫଳ କରିଥିଲା। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଚିକିତ୍ସା ସେବା ପ୍ରଦାନ ଭଳି ପବିତ୍ର ବୃତିକୁ ସମ୍ମାନିତ କରିବା ଏବଂ ଏହାର ସ୍ୱାସ୍ଥ୍ୟସେବା କର୍ମୀଙ୍କ ଉତ୍ସର୍ଗୀକୃତ ଭାବନାକୁ ସ୍ୱୀକାର କରିବା, ପ୍ରତିଷ୍ଠାନର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥିଲା।

## ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ ଉଦ୍‌ଯାପିତ

ବାଲେଶ୍ୱର, ୦୨/୭ (ନି.ପ୍ର): ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ରର ବିକାଶ, ନୂତନ ଉଦ୍ୟୋଗୀ ସୃଷ୍ଟି ଏବଂ ଯୁବପିଢ଼ୀଙ୍କ ମଧ୍ୟରେ ଉଦ୍ୟୋଗିତା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜିଲ୍ଲା ଶିଳ୍ପ କେନ୍ଦ୍ର, ବାଲେଶ୍ୱର ଆନୁକୂଲ୍ୟରେ ଆୟୋଜିତ ପାଞ୍ଚଦିନିଆ 'ଉଦ୍ୟମୀ ଓଡ଼ିଶା ଏମ୍‌ଏସ୍‌ଏମ୍‌ଇ କାର୍ଯ୍ୟକ୍ରମ' ସ୍ଥାନୀୟ ନୋସି ବିଜନେସ୍ ପାର୍କଠାରେ ଗତକାଲି ଉଦ୍‌ଯାପିତ ହୋଇଯାଇଛି। ଗତ ୨୭ ଜୁନ୍‌ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକର ଉଦ୍ୟୋଗୀ, ଷ୍ଟାର୍ଟଅପ୍ ପ୍ରତିଷ୍ଠାତା, ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟ, ଛାତ୍ରଛାତ୍ରୀ ଓ ଉଦ୍ୟୋଗ ସ୍ଥାପନାରେ ଆଗ୍ରହୀ ଯୁବକ-ଯୁବତୀମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଫକୀର ମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସନ୍ତୋଷ ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଶିକ୍ଷା ଓ ଉଦ୍ୟୋଗ ପରସ୍ପରର ପରିପୂରକ। ଉଚ୍ଚଶିକ୍ଷା ସହ ଉଦ୍ୟୋଗିକ ଦକ୍ଷତା, ନବସୃଜନ ଓ ଗବେଷଣାର ସମନ୍ୱୟ ଦ୍ୱାରା ଯୁବପିଢ଼ୀ କେବଳ ନିଜ ପାଇଁ ନୁହେଁ, ଅନ୍ୟମାନଙ୍କ ପାଇଁ ମଧ୍ୟ ରୋଜଗାରର ସୁଯୋଗ ସୃଷ୍ଟି କରିପାରିବେ। ସେ ଛାତ୍ରଛାତ୍ରୀମାନଙ୍କୁ ଚାକିରି ଅପେକ୍ଷା ଉଦ୍ୟୋଗୀ ହେବା ପାଇଁ ମାନସିକତା ଗଢ଼ି ତୋଳିବା ସହ ସରକାରଙ୍କ ବିଭିନ୍ନ ଉଦ୍ୟୋଗପ୍ରୋତ୍ସାହନ ଯୋଜନାର ସୁଯୋଗ ନେବାକୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ନୋସିର ସଭାପତି ପି. କେ. ଡାଭେ, ବାଲେଶ୍ୱର ଚେମ୍ବର ଅଫ୍ ଇଣ୍ଡଷ୍ଟ୍ରିଜ୍ ଆଣ୍ଡ କମର୍ସର ସଭାପତି ସଞ୍ଜୟ ଦାସ ଏବଂ ବାଲେଶ୍ୱର ଜିଲ୍ଲାର ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ, ୟୁକୋ ବ୍ୟାଙ୍କ, ମୋତିଲାଲ ଶାହା ଯୋଗଦେଇ ବର୍ତ୍ତମାନ ସମୟରେ ଓଡ଼ିଶାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଅନୁକୂଳ ପରିବେଶ, ସରକାରଙ୍କ ବିଭିନ୍ନ ପ୍ରୋତ୍ସାହନ ନୀତି, ବ୍ୟାଙ୍କ ଋଣ ସୁବିଧା, ବଜାର ସଂଯୋଗ ଓ ଉଦ୍ୟୋଗୀମାନଙ୍କ ସମ୍ମୁଖୀନ ଆହ୍ୱାନ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ନୂତନ ଉଦ୍ୟୋଗୀମାନେ ସରକାରୀ ସହାୟତାର ସଠିକ୍ ଉପଯୋଗ କରି ଆତ୍ମନିର୍ଭର ହେବା ସହ ଅନ୍ୟମାନଙ୍କୁ ମଧ୍ୟ କର୍ମସଂସ୍ଥାନ ଯୋଗାଇପାରିବେ ବୋଲି ସେମାନେ ମତ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ଜିଲ୍ଲା ଶିଳ୍ପ କେନ୍ଦ୍ରର ସାଧାରଣ ପରିଚାଳକ ସୂର୍ଯ୍ୟକାନ୍ତ ବେହେରା ସ୍ୱାଗତ ଭାଷଣ ଦେଇ ପାଞ୍ଚଦିନିଆ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ, ବିଭିନ୍ନ ଅଧିବେଶନ, ପ୍ରଶିକ୍ଷଣ, ଉଦ୍ୟୋଗୀମାନଙ୍କ ସହ ଆଲୋଚନା ଏବଂ ଯୁବପିଢ଼ୀଙ୍କୁ ଉଦ୍ୟୋଗ ମୁଖୀ କରିବା ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଥିଲେ। ସେ କହିଥିଲେ ଯେ, ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବହୁ ସଂଖ୍ୟକ ନୂତନ ଉଦ୍ୟୋଗୀ ସରକାରଙ୍କ ବିଭିନ୍ନ ଯୋଜନା, ଆର୍ଥିକ ସହାୟତା ଓ ବଜାର ସୁଯୋଗ ସମ୍ପର୍କରେ ସଚେତନ ହୋଇଛନ୍ତି। ଏହି ଅବସରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ପ୍ରବନ୍ଧ, ବିତର୍କ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତାର ୮ ଜଣ କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ବାଲେଶ୍ୱର ଜିଲ୍ଲାର ପ୍ରତ୍ୟେକ ବ୍ଲକରୁ ଜଣେ ଲେଖାଏଁ ସଫଳ ଉଦ୍ୟୋଗୀଙ୍କୁ ସେମାନଙ୍କର ଉଦ୍ୟୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ମାନ ପ୍ରଦାନ ମାଧ୍ୟମରେ ନୂତନ ଉଦ୍ୟୋଗୀମାନଙ୍କୁ ପ୍ରେରଣା ଯୋଗାଇବା ସହ ସ୍ଥାନୀୟ ସଫଳ ଉଦ୍ୟୋଗୀମାନଙ୍କ ଅଭିଜ୍ଞତାକୁ ସମାଜ ସମ୍ମୁଖରେ ଉପସ୍ଥାପନ କରାଯାଇଥିଲା। ପାଞ୍ଚଦିନିଆ କାର୍ଯ୍ୟକ୍ରମରେ ଶିଳ୍ପ ସ୍ଥାପନା ପ୍ରକ୍ରିୟା, ଏମ୍‌ଏସ୍‌ଏମ୍‌ଇ ପଞ୍ଜୀକରଣ, ସରକାରୀ ପ୍ରୋତ୍ସାହନ, ବ୍ୟାଙ୍କ ଋଣ, ବିପଣନ, ଡିଜିଟାଲ୍ ବ୍ୟବସାୟ, ଖାଦ୍ୟ ପ୍ରକ୍ରିୟାକରଣ, ଷ୍ଟାର୍ଟଅପ୍ ଏବଂ ରପ୍ତାନିର ସମ୍ଭାବନା ଆଦି ବିଷୟରେ ବିଶେଷଜ୍ଞମାନଙ୍କ ଦ୍ୱାରା ବିଭିନ୍ନ ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହା ଜିଲ୍ଲାର ଉଦ୍ୟୋଗ ବିକାଶ ଦିଗରେ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମତ ପ୍ରକାଶ ପାଇଥିଲା। ସହକାରୀ ଶିଳ୍ପ ଅଧିକାରୀ ପୂର୍ଣ୍ଣେନ୍ଦୁ କର ଧନ୍ୟବାଦ ଜ୍ଞାପନ କରିଥିବାବେଳେ ସହକାରୀ ପରିଚାଳକ ଅକ୍ଷୟ ଦାସ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁରୂପେ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ମମତା ପରିଡ଼ା, କ୍ଷୀତିଶ ପଣ୍ଡା, ଅମ୍ବୁଜ ମହାନ୍ତ, ସନ୍ଧ୍ୟାରାଣୀ ଦାସ, ଅଜିତ ସିଂ, ଅମରଜ୍ୟୋତି କବି, ଅଂଶୁମାନ ବେହେରା, ଅଭିଷେକ ଜେନା, ଭବାନୀ ଶଙ୍କର ପାତ୍ର, ସତ୍ୟବ୍ରତ ନାୟକ, ସମୀକ୍ଷା ସେନାପତି, ରାହୁଲ ହାଁସଦା ଓ ରମାକାନ୍ତ ବେହେରାଙ୍କ ସମେତ ଜିଲ୍ଲା ଶିଳ୍ପ କେନ୍ଦ୍ରର ସମସ୍ତ ଅଧିକାରୀ ଓ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ। ଏହି ପାଞ୍ଚଦିନିଆ କାର୍ଯ୍ୟକ୍ରମରେ ଶତାଧିକ ଉଦ୍ୟୋଗୀ, ଶିଳ୍ପପ୍ରେମୀ, ଛାତ୍ରଛାତ୍ରୀ ଓ ବିଭିନ୍ନ ଅନୁଷ୍ଠାନର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମଟି ଜିଲ୍ଲାରେ ଉଦ୍ୟୋଗିତାର ପ୍ରସାର, ନୂତନ ଉଦ୍ୟୋଗ ସୃଷ୍ଟି ଏବଂ ଆତ୍ମନିର୍ଭର ଓଡ଼ିଶା ଗଠନ ଦିଗରେ ଏକ ସଫଳ ପ୍ରୟାସ ଭାବେ ପରିଗଣିତ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବଙ୍ଗୋପସାଗରରେ ସୃଷ୍ଟି ହେଲା...

ଲଘୁଚାପ ପ୍ରଭାବରେ ଆଜି ଠାରୁ ବିଶେଷ କରି ଓଡ଼ିଶା, ଝାଡ଼ଖଣ୍ଡ, ଗାଙ୍ଗେୟ ପଶ୍ଚିମବଙ୍ଗ ଏବଂ ଛତିଶଗଡ଼ରେ ବର୍ଷାର ପରିମାଣ ବଢ଼ିବାର ସମ୍ଭାବନା ରହିଛି । ଆଗାମୀ ତିନିରୁ ଚାରି ଦିନ ମଧ୍ୟରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଆଜିଠାରୁ ୬ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି । ବର୍ଷା ସହିତ ଜୋରରେ ପବନ ବହିବାର ସମ୍ଭାବନା ରହିଛି । ସମୁଦ୍ର ଏହି ସମୟରେ ଅଶାନ୍ତ ରହିବାର ପୂର୍ବାନୁମାନ କରାଯାଉଛି । ତେଣୁ ଆଞ୍ଚଳିକ ପାଣିପାଗ କେନ୍ଦ୍ର ତରଫରୁ ମତ୍ସ୍ୟଜୀବୀଙ୍କ ପାଇଁ ସତର୍କ ସୂଚନା ଜାରି କରାଯାଇଛି । ଗତ ୨୪ ଘଣ୍ଟାରେ ୩ଟି ସ୍ଥାନରେ ସର୍ବାଧିକ ବର୍ଷା ରେକର୍ଡ ହୋଇଛି । ବରଗଡ଼ ଆମ୍ବଭୋନାରେ ସର୍ବାଧିକ ବର୍ଷା ୧୮୦.୦ ମିଲିମିଟର ବର୍ଷା ହୋଇଥିବା ବେଳେ ସମ୍ବଲପୁର ଯୁଯୁମୁରାରେ ୧୩୦.୦ ମିଲିମିଟର, ବରଗଡ଼ ଅତାବିରାରେ ୧୨୦.୦ ମିଲିମିଟର ବର୍ଷା ରେକର୍ଡ ହୋଇଛି ।

### ଓଡ଼ିଶାରେ ହେବ...

କେବଳ ଆଲୁମିନିୟମ୍ ପ୍ରକଳ୍ପ ନୁହେଁ, ବରଂ ଗବେଷଣା ଓ ବିକାଶ କ୍ଷେତ୍ରରେ ମଧ୍ୟ ସହଯୋଗ ବୃଦ୍ଧି କରାଯିବ । ପ୍ରକଳ୍ପର ପାଇଁ ଜମି, ଜଳ, ବିଦ୍ୟୁତ, ଲଜିଷ୍ଟିକ୍ସ ସହ ସମସ୍ତ ସରକାରୀ ସୁବିଧା ଯୋଗାଇଦେବାକୁ ଆଶ୍ୱାସନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ନିବେଶକମାନେ ଓଡିଶାରେ ନିବେଶ ପାଇଁ କ୍ରମାଗତ ଭାବେ ଆକର୍ଷିତ ହେଉଛନ୍ତି । ଓଡ଼ିଶା କେବଳ ଏକ ନିବେଶ ସ୍ଥଳୀ ନୁହେଁ, ବରଂ ଦୀର୍ଘକାଳୀନ ସ୍ଥାୟୀ ବିକାଶର ଲକ୍ଷ୍ୟ ହାସଲ ଦିଗରେ ଏକ ପ୍ରମୁଖ ରଣନୀତିକ ସହଯୋଗୀର ଭୂମିକା ନିଭାଉଛି ।

### ବିଜେଡିର ପୂର୍ବତନ ...

ଲକ୍ଷ୍ମୀ ବିଳାସୀନି ବିଶ୍ୱାଳଙ୍କ ନାମରେ ସିବିଆଇ ମାମଲା ରୁଜୁ କରିଥିଲା । ଏହାପରେ ସିବିଆଇ ତରଫରୁ ପ୍ରଭାତ ବିଶ୍ୱାଳଙ୍କୁ ଗିରଫ କରି ଜେଲ ପଠାଯାଇଥିଲା । କିଛିଦିନ ଜେଲରେ ରହିବା ପରେ ଅସୁସ୍ଥତା କାରଣ ଦର୍ଶାଇ ସେ ଜାମିନରେ ଆସିଥିଲେ ।

### କେନ୍ଦ୍ର ମନ୍ତ୍ରିମଣ୍ଡଳରେ ଅଦଳବଦଳ...

କେନ୍ଦ୍ରମନ୍ତ୍ରୀ ରବନୀତ ସିଂହ ବିଟ୍ଟୁଙ୍କୁ ବର୍ତ୍ତମାନ ପାଇଁ ପଦରେ ବଜାୟ ରଖିବାକୁ ଶୀର୍ଷ ନେତୃତ୍ୱ ନିର୍ଦ୍ଦେଶ ଦେଇଛନ୍ତି। ନିକଟରେ କେନ୍ଦ୍ରମନ୍ତ୍ରୀ ଜର୍ଜ କୁରିଆନଙ୍କ ଇସ୍ତଫା ଏବଂ ସାଂଗଠନିକ ପଦବି କାରଣରୁ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନକୁ ପୂରଣ କରିବା ଏହି ଅଦଳବଦଳର ମୁଖ୍ୟ ଉଦ୍ଦେଶ୍ୟ। ଏହି ପୁନର୍ଗଠନ ପ୍ରକ୍ରିୟାରେ କେତେକ ରାଷ୍ଟ୍ରମନ୍ତ୍ରୀ ମଧ୍ୟ ସାଂଗଠନିକ କାର୍ଯ୍ୟକୁ ଫେରିବା ନେଇ ଆଲୋଚନା ହୋଇଛି। ଆଗାମୀ ଅଦଳବଦଳରେ କେତେକ ପ୍ରମୁଖ ବିଭାଗରେ ବଡ଼ ଓଲଟପାଲଟ ହୋଇପାରେ। ବର୍ତ୍ତମାନର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମଣଙ୍କୁ ଶିକ୍ଷା ମନ୍ତ୍ରଣାଳୟର ଦାୟିତ୍ୱ ମିଳିପାରେ। ତାଙ୍କ ସ୍ଥାନରେ ବାଣିଜ୍ୟ ମନ୍ତ୍ରୀ ପୀୟୂଷ ଗୋୟଲ କିମ୍ବା ଆରବିଆଇର ପୂର୍ବତନ ଗଭର୍ଣ୍ଣର ଶକ୍ତିକାନ୍ତ ଦାସଙ୍କୁ ନୂଆ ଅର୍ଥମନ୍ତ୍ରୀ କରାଯିବା ନେଇ ଅଧିକ ଚର୍ଚ୍ଚା ହେଉଛି। ନିଟ୍ ପରୀକ୍ଷା ବିବାଦ କାରଣରୁ ଧର୍ମେନ୍ଦ୍ର ପ୍ରଧାନଙ୍କୁ ମନ୍ତ୍ରିମଣ୍ଡଳରୁ ବାଦ୍ ଦିଆଯାଇପାରେ ବୋଲି ଚର୍ଚ୍ଚା ହେଉଥିବା ବେଳେ ନୀତୀନ ଗଡ଼କରୀଙ୍କୁ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟରୁ ଅନ୍ୟ ବିଭାଗକୁ ବଦଳି କରାଯାଇପାରେ। ଏହା ସହିତ ଶିବସେନାର ଶ୍ରୀକାନ୍ତ ସିନ୍ଦେ, ଅନୁରାଗ ଠାକୁର ଏବଂ ଅନ୍ୟ କେତେକ ସହଯୋଗୀ ଦଳର ପ୍ରମୁଖ ନେତାଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯିବା ନେଇ ଆଲୋଚନା ଚାଲିଛି। ଜୁଲାଇ ୬ରୁ ୧୧ ମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଏବଂ ନିଉଜିଲାଣ୍ଡ ଗସ୍ତ କାର୍ଯ୍ୟକ୍ରମ ରହିଛି। ତେଣୁ ସେ ବିଦେଶ ଗସ୍ତରୁ ଫେରିବା ପରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଏହି ପୁନର୍ଗଠନ ମାଧ୍ୟମରେ ମହିଳା, ଓବିସି ସମୁଦାୟ ଏବଂ ଆଗାମୀ ବର୍ଷ ନିର୍ବାଚନ ହେବାକୁ ଥିବା ଗୁରୁତ୍ୱପୂର୍ଣ୍ଣ ରାଜ୍ୟଗୁଡ଼ିକୁ ଅଧିକ ପ୍ରତିନିଧିତ୍ୱ ପ୍ରଦାନ କରିବା ପାଇଁ ବିଜେପି ରଣନୀତି ପ୍ରସ୍ତୁତ କରିଛି।

### ୨୭ ବର୍ଷ ପରେ...

କଂଗ୍ରେସ ପାର୍ଟି ଗଠନ କରିବାପରେ କଂଗ୍ରେସ ଦଳ ଛାଡ଼ି ଦେଇଥିଲେ। ଏବେ ଯଦି ଏହି ୨ ଦଳ ପୁଣି ଏକାଠି ହେବେ ତେବେ ସେମାନେ ୨୭ ବର୍ଷ ପରେ ଗୋଟିଏ ଦଳ ଅଧୀନରେ କାମ କରିବେ। ଉଲ୍ଲେଖଯୋଗ୍ୟ ୨୦୨୩ରେ ଏନ୍‌ସିପି ଦୁଇ ଭାଗ ହୋଇଥିଲା ଏବଂ ଅଜିତ ପାୱାରଙ୍କ ଗୋଷ୍ଠୀକୁ ମୁଖ୍ୟ ଦଳର ମାନ୍ୟତା ମିଳିଥିଲା। ଅନ୍ୟପକ୍ଷେ ଶରଦ ପାୱାରଙ୍କ ଦଳର ନାଁ ରହିଥିଲା ଏନ୍‌ସିପି-ଏସ୍‌ପି। ତେବେ ଜାଣିବାକୁ ମିଳିଛି ଏନ୍‌ସିପି (ଏସ୍‌ପି) ଦଳର ଏକ ଗୋଷ୍ଠୀ କଂଗ୍ରେସ ସହ ମିଶ୍ରଣକୁ ସମର୍ଥନ କରୁଥିବାବେଳେ ଅନ୍ୟ ଏକ ଗୋଷ୍ଠୀ ଏହି ମିଶ୍ରଣକୁ ବିରୋଧ କରିଛନ୍ତି ଏବଂ ଦଳର ସ୍ୱାଧୀନ ପରିଚୟକୁ ସେମାନେ ସମର୍ଥନ କରିଛନ୍ତି।

### ପ୍ରକାଶ ପାଇଲା...

ପିଜି ଏଂଟ୍ରାନ୍ସ ଟେଷ୍ଟ-୨୦୨୬ ଅନୁଷ୍ଠିତ ହୋଇଥିଲା। ଏହି ପ୍ରବେଶିକା ପରୀକ୍ଷା ପାଇଁ ୫୮,୬୧୩ଜଣ ପରୀକ୍ଷାର୍ଥୀ ଆବେଦନ କରିଥିବାବେଳେ ୫୩,୯୦୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସର୍ବମୋଟ୍ ୫୦ଟି ସ୍ନାତକୋତର ପାଠ୍ୟକ୍ରମ ପାଇଁ ଏହି ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ସୂଚନାଯୋଗ୍ୟ ଯେ, ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରାଜ୍ୟର ୧୩୨ଟି ଉଚ୍ଚଶିକ୍ଷାନୁଷ୍ଠାନରେ ସ୍ନାତକୋତର ପାଠ୍ୟକ୍ରମ ପାଇଁ ୩୨,୩୦୯ଟି ସିଟ୍ ରହିଛି। ସ୍ନାତକୋତର ପାଠ୍ୟକ୍ରମରେ ନାମଲେଖା କମନ୍ ପିଜି ଏଂଟ୍ରାନ୍ସ ଟେଷ୍ଟ-୨୦୨୬ ଆଧାରରେ କରାଯିବ। ଆଡ଼ମିଶନର ସମୟସୂଚୀ ଖୁବଶୀଘ୍ର ସାମ୍ସ ପୋର୍ଟାଲରେ ଉପଲବ୍ଧ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ ଦହପାଣିଆ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୦୨/୭ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ତିହିଡି ସ୍ଥିତ ଦହପାଣିଆ ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ, ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଡ଼ କାଳିପଦ ଦାସ ମଞ୍ଚ ସଂଚାଳନା କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଳୋକ ରଥ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକାରୀ, ଭଦ୍ରକ, ଶ୍ରୀ ଅଂଶୁମାନ ଦ୍ୱିବେଦୀ, ତିହିଡି ବ୍ଲକ ସମ୍ପ୍ରସାରଣ ଅଧିକାରିଣୀ, ସୌମ୍ୟା ସୁଚରିତା ମହାନ୍ତି, ସାମାଜିକ କର୍ମୀ, ଭଦ୍ରକ, ଶ୍ରୀ ରାମ ଚନ୍ଦ୍ର ନାୟକ, ପ୍ରତିପକ୍ଷ ପ୍ରତିପକ୍ଷ ଅଧୀବକ୍ତା, ବହ୍ନିଶିଖା ବିଶ୍ୱାଳ, ତଥା ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୌନ ଉତ୍ପୀଡ଼ନ ସୁରକ୍ଷା (ପୋକ୍ସ) ଆଇନ ଏବଂ ଏହାର ବିଭିନ୍ନ ବ୍ୟବସ୍ଥା ଏବଂ ଏସ୍.ସି. ଏବଂ ଏସ୍.ଟି. ଙ୍କ ନିମନ୍ତେ ଥିବା ଯୋଜନା ଆଇନ ଉପରେ ପିଲାମାନଙ୍କୁ ସଚେତନ କରାଇବା। ଏହି ପରିପ୍ରେକ୍ଷିରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ ତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଯୌନ ଉତ୍ପୀଡ଼ନ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଆନୁଷ୍ଠାନିକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଓଉଉ) ସହିତ ପରିଚିତ କରାଏ ଏବଂ ଏକ ସ୍ୱଚ୍ଛ ଅଭିଯୋଗ ପ୍ରଣାଳୀ ପ୍ରତିଷ୍ଠା କରେ, ଯାହା ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷା ଦେବା ସହିତ ସମସ୍ତ ଆଇନଗତ ଆବଶ୍ୟକତାକୁ ପୂରଣ କରିଥାଏ। ଆଜିକାଲି ଛାତ୍ରଛାତ୍ରୀମାନେ ମୋବାଇଲର ସଦୁପଯୋଗ ଠାରୁ ଦୁରୁପଯୋଗ ବହୁତ କରୁଛନ୍ତି, ଉପସ୍ଥିତ ଅତିଥି ଗଣ ପିଲାମାନଙ୍କୁ କହିଥିଲେ ଯେ, ସମାଜରେ ଭଲ ମଣିଷ ହେବା ପାଇଁ ହେଲେ ମୋବାଇଲରୁ ଭଲ ଶିକ୍ଷା ଗ୍ରହଣ କରନ୍ତୁ । ପରିଶେଷରେ ବନ ମହୋତ୍ସବ ସପ୍ତାହ ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ପ୍ରଧାନ ଶିକ୍ଷକ ଶ୍ରୀ ଦାସ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଉନ ହାଇସ୍କୁଲ ଆଲମୁନି ବୈଠକ ଅନୁଷ୍ଠିତ



ବାଲେଶ୍ୱର, ୦୨/୭ (ନି.ପ୍ର): ଟାଉନ ହାଇସ୍କୁଲ ର ଆଲମୁନି ବୈଠକ ସଭାପତି ଶ୍ରୀ ସୁବ୍ରତ କରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭା ରେ ଶ୍ରୀ ଶାନ୍ତି ସ୍ୱରୂପ ମିଶ୍ର ଙ୍କୁ ନୂତନ ଭାବେ ଆଲମୁନିର ସମ୍ପାଦକ ଭାବେ ମନୋନୀତ କରାଗଲା । ଆଗାମୀ ଦିନ ର କାର୍ଯ୍ୟପନ୍ଥା ବିଷୟରେ ମଧ୍ୟ ଆଲୋଚନା କରାଗଲା । ଏହି ସଭା ରେ ଶ୍ରୀ ପଦ୍ମଲୋଚନ ଲେଙ୍କା, ଶ୍ରୀ ପ୍ରଶାନ୍ତ ଦାସ, ଶ୍ରୀ କିସାନ ସାହା, ଡ଼ ନୀଳ ମାଧବ ରାୟ, ଶ୍ରୀ ସୁରେନ୍ଦ୍ର ଦାସ, ଶ୍ରୀ ତୁହିନ ରଞ୍ଜନ ଦାସ, ଶ୍ରୀ ଚିତ୍ତ ରଞ୍ଜନ ବେହେରା, ଶ୍ରୀ ନିତ୍ୟାନନ୍ଦ ରାୟ, ଶ୍ରୀ ଶ୍ୟାମ ସୁନ୍ଦର ମିସ୍ତ୍ରୀ, ଶ୍ରୀ ମହିମ ଚାନ୍ଦ ନନ୍ଦୀ, ଶ୍ରୀ ପ୍ରହଲ୍ଲାଦ ଗୁପ୍ତା, ଶ୍ରୀ ତାପସ ସାହୁ, ଶ୍ରୀ ଅଶୋକ ସାହୁ ଉପସ୍ଥିତ ଥିଲେ।

## ଆସାମରେ ବନ୍ୟା ପୁନର୍ବାସ ନେଇ କିରେନ ରିଜିଜୁଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ ହେମନ୍ତ

ଗୌହାଟୀ, ୦୨/୭ (ନି.ପ୍ର): ଆସାମର ମୁଖ୍ୟମନ୍ତ୍ରୀ ଡଃ ହେମନ୍ତ ବିଶ୍ୱ ଶର୍ମା ଗୁରୁବାର ଦିନ ନୂଆଦିଲ୍ଲୀସ୍ଥିତ ତାଙ୍କ ସରକାରୀ ବାସଭବନରେ କେନ୍ଦ୍ର ସଂସଦୀୟ ବ୍ୟାପାର ଏବଂ ସଂଖ୍ୟାଲଘୁ ବ୍ୟାପାର ମନ୍ତ୍ରୀ କିରେନ ରିଜୁଙ୍କୁ ଭେଟିଥିଲେ ଏବଂ ରାଜ୍ୟରେ ନିକଟରେ ବନ୍ୟା ଦ୍ୱାରା ପ୍ରଭାବିତ ଅଂଚଳରେ ରିଲିଫ, ପୁନର୍ବାସ ଏବଂ ପୁନଃନିର୍ମାଣ କାର୍ଯ୍ୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏହି ସୂଚନା ସେୟାର କରି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ବନ୍ୟା ପରିସ୍ଥିତିକୁ ଅନୁଧ୍ୟାନ କରିବା ପାଇଁ ନିକଟରେ ଆସାମ ଗସ୍ତ କରିଥିବାରୁ ସେ କେନ୍ଦ୍ର ମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେ କହିଛନ୍ତି ଯେ ବୈଠକରେ ମନ୍ତ୍ରୀ ରିଲିଫ ଏବଂ ପୁନର୍ବାସ କାର୍ଯ୍ୟକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ମଧ୍ୟ ଦେଇଛନ୍ତି। ଡଃ ଶର୍ମା କହିଛନ୍ତି ଯେ ରାଜ୍ୟ ସରକାର ବନ୍ୟା ପ୍ରଭାବିତ ଲୋକଙ୍କ ପୁନର୍ବାସ ଏବଂ ଜୀବିକା ପୁନରୁଦ୍ଧାର ପାଇଁ ପ୍ରୟାସକୁ ଆହୁରି ତୀବ୍ର କରିବେ।

## ଜଳେଶ୍ୱରରେ ଅଭାବନୀୟ ଘଟଣା: ପକ୍ଷାଘାତ ପୀଡ଼ିତ ବୃଦ୍ଧ ମା'ଙ୍କୁ ନିର୍ଯ୍ୟାତନା

### ସମ୍ପତ୍ତି ହଡ଼ପ ପାଇଁ ଘରୁ ବାହାର କଲେ ପୁଅ-ବୋହୂ, ଥାନାରେ ଅଭିଯୋଗ, ଅଭିଯୋଗକୁ ଦୁଇ ପୁଅଙ୍କ ଖଣ୍ଡନ



ଜଳେଶ୍ୱର, ୦୨/୭ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅନ୍ତର୍ଗତ ଗୋବରଘାଟା ଗ୍ରାମରେ ଏକ ହୃଦୟବିଦାରକ ତଥା ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ଜମିଜମା ଏବଂ ବ୍ୟାଙ୍କ ଟଙ୍କା ଆତ୍ମସାତ କରିବା ଆଶାରେ ନିଜ ଜନ୍ମକଲା ପୁଅ,ବୋହୂ ଓ ଦେବର ମିଶି ଜଣେ ଅସହାୟ ପକ୍ଷାଘାତ ରୋଗୀ ଏବଂ ତାଙ୍କ ବୃଦ୍ଧା ସ୍ତ୍ରୀଙ୍କୁ ଅକଥନୀୟ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଉଥିବା ଅଭିଯୋଗ ହୋଇଛି। ଏ ନେଇ ପୀଡ଼ିତା ବୃଦ୍ଧା ମୁଖ୍ୟମନ୍ତ୍ରୀ, ବାଲେଶ୍ୱର ଜିଲ୍ଲାପାଳ, ଏସପି ଏବଂ ଜଳେଶ୍ୱର ଥାନା ଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରି ନ୍ୟାୟ ଭିକ୍ଷା କରିଛନ୍ତି। ଗୋବରଘାଟା ଗ୍ରାମର ଗଙ୍ଗାରାମ ପାଳ (୬୫) ଦୀର୍ଘ ଦିନ ହେବ ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଶଯ୍ୟାଶାୟୀ ଅଛନ୍ତି।ଶାରୀରିକ ଓ ମାନସିକ ସ୍ଥିତି ଠିକ୍ ନଥିବାରୁ ସେ ନିଜର ସମ୍ପତ୍ତି ଓ ବ୍ୟାଙ୍କ ଖାତା ବୁଝାସୁଝା କରିବାକୁ ସମ୍ପୂର୍ଣ୍ଣ ଅକ୍ଷମ।ତାଙ୍କର ଏହି ଅସହାୟତାର ସୁଯୋଗ ନେଇ ପରିବାର ଲୋକେ ଚକ୍ରାନ୍ତ ଆରମ୍ଭ କରିଥିଲେ।ବୃଦ୍ଧା ସ୍ତ୍ରୀ ପୂର୍ଣ୍ଣିମା ପାଳ (୬୦)ଙ୍କ ଅଭିଯୋଗ ଅନୁଯାୟୀ,ତାଙ୍କର ଦୁଇ ପୁତ୍ର ସୁଧାଂଶୁ ଶେଖର ପାଳ ଓ ହିମାଂଶୁ ଶେଖର ପାଳ ଏବଂ ଦୁଇ ବୋହୂ ରୁନୀ ପାଳ ଓ ପିଙ୍କି ପାଳ ସେମାନଙ୍କୁ ପେଟପୁରା ଖାଇବାକୁ ଦେଉନାହାନ୍ତି।ଅସୁସ୍ଥ ପିତାଙ୍କ ଚିକିତ୍ସା କରିବା ଦୂରର କଥା,ଓଲଟା ସମ୍ପତ୍ତି ନିଜ ନାମରେ କରିବାକୁ ବିଭିନ୍ନ ସମୟରେ ଧମକଚମକ ଦେଉଛନ୍ତି।ଗଙ୍ଗାରାମଙ୍କ ଦୁଇ ସାନଭାଇ ଶାନ୍ତରାମ ପାଳ ଓ ହରେରାମ ପାଳ ମଧ୍ୟ ଭାଇଙ୍କ ସମ୍ପତ୍ତି ମାରିନେବା ଉଦ୍ଦେଶ୍ୟ ରଖି ପୁଅ-ବୋହୂଙ୍କୁ ସହଯୋଗ କରୁଥିବା ଅଭିଯୋଗ ହୋଇଛି।ଗତ ୫.୬.୨୦୨୬ ରିଖ ରାତିରେ ଏହି ବେଆଇନ କାର୍ଯ୍ୟକୁ ବିରୋଧ କରିବାରୁ ଅଭିଯୁକ୍ତମାନେ ପୂର୍ଣ୍ଣିମା ପାଳଙ୍କୁ ଜୀବନରୁ ମାରିଦେବା ଉଦ୍ଦେଶ୍ୟରେ ଗଳା ଚାପି ଶ୍ୱାସରୁଦ୍ଧ କରିବାକୁ ଚେଷ୍ଟା କରିଥିଲେ ଏବଂ ମାଡ଼ ମାରି ଘରୁ ବାହାର କରିଦେଇଥିଲେ। ନିର୍ଯ୍ୟାତିତ ହେବା ପରେ ବୃଦ୍ଧା ଜଣକ ବର୍ତ୍ତମାନ ନିଜ ପିତ୍ରାଳୟରେ ଆଶ୍ରୟ ନେଇଛନ୍ତି।ତାଙ୍କ ଅନୁପସ୍ଥିତିରେ ଅସହାୟ ବୃଦ୍ଧ ସ୍ୱାମୀଙ୍କର କୌଣସି ସେବାଶୁଶ୍ରୂଷା କରାଯାଉ ନାହିଁ କିମ୍ବା ତାଙ୍କୁ ସ୍ୱାମୀଙ୍କ ପାଖକୁ ଯିବାକୁ ଦିଆଯାଉ ନାହିଁ। ବୃଦ୍ଧଙ୍କ ଅକ୍ଷମତାର ସୁଯୋଗ ନେଇ ବଳପୂର୍ବକ ଟିପଚିହ୍ନ ବା ସ୍ୱାକ୍ଷର ନେଇ ବ୍ୟାଙ୍କରୁ ଟଙ୍କା ଉଠାଇବା ଏବଂ ଜମି ହସ୍ତାନ୍ତର କରିବାର ବଡ଼ ଆଶଙ୍କା ରହିଛି । ସୂଚନାଯୋଗ୍ୟ ଯେ,ପୂର୍ବରୁ ମଧ୍ୟ ଏହିଭଳି ମାରପିଟ ଯୋଗୁଁ ଅସହ୍ୟ ହୋଇ ପୂର୍ଣ୍ଣିମା ପାଳ ଜଳେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ତା ୨୫.୨.୨୦୨୩ ରିଖରେ ଜଳେଶ୍ୱର ଥାନା କେସ୍ ନଂ-୮୮ ଅନୁଯାୟୀ ସୁଧାଂଶୁ ପାଳ ଓ ତାଙ୍କ ସ୍ତ୍ରୀଙ୍କ ବିରୁଦ୍ଧରେ ଏକ ମୋକଦ୍ଦମା ରୁଜୁ ହୋଇ ବର୍ତ୍ତମାନ ତାହା ଅଦାଲତରେ ବିଚାରଧୀନ ରହିଛି।?ଏଭଳି ପରିସ୍ଥିତିରେ ଜୀବନ ବିକଳରେ ଥିବା ବୃଦ୍ଧ ଦମ୍ପତିଙ୍କୁ ସୁରକ୍ଷା ପ୍ରଦାନ କରିବା ସହ ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ସମ୍ପତ୍ତିକୁ ଜବରଦସ୍ତ ହସ୍ତାନ୍ତର ପ୍ରକ୍ରିୟାରୁ ରୋକିବାକୁ ପୀଡ଼ିତା ପ୍ରଶାସନ ନିକଟରେ ଆକୁଳ ନିବେଦନ କରିଛନ୍ତି। ତେବେ ଏସମ୍ପର୍କରେ ବଡ ପୁଅ ସୁଧାଂଶୁ ଶେଖର ଓ ସାନ ପୁଅ ହିମାଂଶୁ ଶେଖର ଙ୍କ ସହ ଯୋଗାଯୋଗ କଲାରୁ ସେମାନେ କହିଛନ୍ତି ମା'ଙ୍କ ଅଭିଯୋଗ ଡାହା ମିଛ। ଜେଜେବାପା ଙ୍କ ନାମରେ ଥିବା ସମ୍ପତି କୁ ବାପା ବିକ୍ରି କରିଛନ୍ତି। ସେହି ଜମି ବିକ୍ରି ଟଙ୍କା କୁ ହାତେଇବା ପାଇଁ ଆମର ଦୁଇ ଜଣ ନିର୍ଦ୍ଦିଷ୍ଟ ସମ୍ପର୍କୀୟ ଆମ ଦୁଇ ଭାଇ ବିରୋଧ ମା'ଙ୍କୁ ମତାଉଛନ୍ତି। ବାପାମା ଙ୍କ ସେବା ଶୁଶ୍ରୁଷା ଆମ ଦାୟିତ୍ୱ। ଅନ୍ୟପକ୍ଷରେ ଏହି ମାମଲାଟି ଅଧିକ ସମ୍ବେଦନଶୀଳ ହୋଇଥିବାରୁ ଆଜି ଜଳେଶ୍ୱର ଥାନାରେ ଉଭୟ ପକ୍ଷ କୁ ନେଇ ଏକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି।ଖବର ଲେଖା ହେବା ଯାଏଁ କୌଣସି ନିଷ୍କର୍ଷ ବାହାରି ପାରିନାହିଁ।

ଶୁକ୍ରବାର, ଜୁଲାଇ ୦୩, ୨୦୨୬

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବିଜେପି ପକ୍ଷରୁ ବୁଦ୍ଧିଜୀବି ସମ୍ମିଳନୀ ଅନୁଷ୍ଠିତ




ବାସୁଦେବପୁର, ୦୨/୭ (ନି.ପ୍ର): ନୀଳମଣି ଟାଉନ ହଲ ପରିସରରେ ବାସୁଦେବପୁର ଭାରତୀୟ ଜନତା ପାର୍ଟି ପକ୍ଷରୁ ବୁଦ୍ଧିଜୀବୀ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ବିଜେପିର ବରିଷ୍ଠ ନେତା ବାଣୀ କଲ୍ୟାଣ ମହାନ୍ତି ଙ୍କ ନେତୃତ୍ୱରେ ଏହି ସମ୍ମିଳନୀରେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ,ମଧୁସୂଦନ ପାଢ଼ୀ, ଗିରିଜା ଶଙ୍କର ନାୟକ, ଅଶୋକ କୁମାର ସାହୁ, ଜୟ ପ୍ରକାଶ ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ ଏବଂ କେନ୍ଦ୍ରରେ ବିଜେପି ସରକାରର ବାର ବର୍ଷ ଓ ଓଡ଼ିଶାରେ ବିଜେପି ସରକାରର ଦୁଇ ବର୍ଷର ସଫଳତା କଥା ବର୍ଣ୍ଣନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବିଜେପି ନେତା ଭାଗୀରଥି ବଳ, କବି ସାହିତ୍ୟିକ ସୁଧାଂଶୁ ଶେଖର ମିଶ୍ର, କବି ପୀତାମ୍ବର ମହାନ୍ତି, କବି ବିକାଶ କୁମାର ଶତପଥୀ,ମହାପ୍ରସାଦ ସ୍ୱାମୀ, କବି ସୁଦର୍ଶନ ଅଗସ୍ତି, ଅସିତ୍ କୁମାର ଦାଶ ପ୍ରମୁଖ ବିଭିନ୍ନ ସଫଳତା ଓ କିଛି ସମସ୍ୟା ସମ୍ପର୍କରେ ଗଭୀର ଆଲୋଚନା କରିଥିଲେ। ଭାରତ ବର୍ଷର ଖୁବ୍ ଲୋକପ୍ରିୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଓଡ଼ିଶାର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଙ୍କ ଯୋଜନା ଓ ନୂତନ କାର୍ଯ୍ୟ ପ୍ରଣାଳୀ କୁ ସମସ୍ତେ ପ୍ରଶଂସା କରିଥିଲେ। ବହୁ ସଂଖ୍ୟାରେ ବୁଦ୍ଧିଜୀବୀ ଓ ଜନ ସାଧାରଣ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ଦେଶପ୍ରେମ, ଜାତୀୟତା ବୋଧ, ହିନ୍ଦୁ ଧର୍ମର ବିଚାର ଧାରା ପ୍ରଭୃତି ବିଷୟରେ ମଧ୍ୟ କିଛି ବ୍ୟକ୍ତି ମତାମତ ରଖିଥିଲେ।

## ସାପ କାମୁଡାରେ ନବବଧୂର ମୃତ୍ୟୁ

ରୂପସା , ୦୨/୭ (ନି.ପ୍ର): ମୃତ୍ୟୁ କେତେ ବେଳେ ଆସିବ ଓ କେଉଁ ରୂପରେ ଆସିବ ତାହା ଆମକୁ ଜଣା ନାହିଁ । ସୂଚନା ଅନୁଯାୟୀ ରୂପସା ଥାନା ଅନ୍ତର୍ଗତ କସିପଦା ଗ୍ରାମ ର କମଳାକାନ୍ତ ପରିଡ଼ା ଙ୍କ ଝିଅ ଶୁଭଶ୍ରୀ ପରିଡ଼ା (୧୯) ଉକ୍ତ ଥାନା ଅନ୍ତର୍ଗତ କାଦମଉଦା ଗ୍ରାମର ପ୍ରମୋଦ ସାହୁ ଙ୍କୁ ୨ ମାସ ପୂର୍ବରୁ ପ୍ରେମ ବିବାହ କରିଥିଲେ । ଆଜି ସକାଳ ସମୟ ରେ କଲେଜ ରୁ ଘରକୁ ଯିବା ବାଟରେ ତାଙ୍କ ଅଜାଣତରେ ଏକ ବିଷଧର ନାଗ ସାପ କାମୁଡି ଦେଇଥିଲା । ସଙ୍ଗେ ସଙ୍ଗେ ତାଙ୍କୁ ରୂପସା ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ କେନ୍ଦ୍ର କୁ ନେଇଯାଇଥିଲେ । ପରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହେଇଥିଲା। ଏହି ଖବର ପ୍ରସାରିତ ହେବା ପରେ ରୂପସା ଅଞ୍ଚଳ ରେ ଶୋକ ର ଛାୟା ଖେଳି ଯାଇଛି ।

## ବିଶିଷ୍ଟ ରାଜନେତା ତଥା ବରିଷ୍ଠ ଆଇନଜୀବି ଚିତ୍ତରଞ୍ଜନ ଚୌଧୁରୀଙ୍କ ପରଲୋକ: ଅଞ୍ଚଳରେ ଶୋକାକୁଳ ପରିବେଶ



ନୀଳଗିରି , ୦୨/୭ (ନି.ପ୍ର): ନୀଳଗିରି ନିର୍ବାଚନମଣ୍ଡଳୀର ବିଶିଷ୍ଟରାଜନେତା ତଥା ଆଇନଜୀବୀ ଚିତ୍ତରଞ୍ଜନ ଚୌଧୁରୀଙ୍କ ୭୧ବର୍ଷରେ ପରଲୋକ ହୋଇଯାଇଛି। ଗତ ଦୁଇମାସଧରି ବିଭିନ୍ନରୋଗ, ବିଶେଷକରି କ୍ୟାନସର ଭଳି ମାରାତ୍ମକ ରୋଗରେ ପୀଡିତହୋଇ ଭୁବନେଶ୍ୱରସ୍ଥ ଉତ୍କଳ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। କିଛିଦିନଧରି ଭେଣ୍ଟିଲେଟରରେ ଥିବାବେଳେ ବୁଧବାର ଜୁଲାଇ ୧ତାରିଖ ବୁଧବାର ନରଣପୁରକୁ ଅଣାଯାଇଥିବା ବେଳେ ରାତ୍ରି ୧୦.୮ମିନିଟ ସମୟରେ ସେ ଇହଲୀଳା ସମ୍ବରଣ କରିଛନ୍ତି। ୧୯୫୬ ମସିହା ଜାନୁଆରି ୪ତାରିଖ ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ନରଣପୁର ଗ୍ରାମର ସମ୍ଭ୍ରାନ୍ତବଂଶୀୟ ତତ୍କାଳୀନ ବିଶିଷ୍ଟ ଆଇନଜ୍ଞ ରାମଚନ୍ଦ୍ର ଚୌଧୁରୀ ଏବଂ ମାତା ହେମଲତା ଚୌଧୁରୀଙ୍କ କୋଳମଣ୍ଡନ କରିଥିବା ଚିତ୍ତରଞ୍ଜନ ଆଇନବିଦ୍ୟାରେ ଅଧ୍ୟୟନକରି ପରବର୍ତ୍ତୀ ସମୟରେ ସରକାରୀ ଓକିଲଭାବରେ ବେଶ ସୁନାମଅର୍ଜନ କରିଥିଲେ। ପରେ ରାଜନୀତିରେ ରୁଚି ରଖିଥିବା ଚିତ୍ତରଞ୍ଜନ କଂଗ୍ରେସଦଳର ନୀଳଗିରି ବ୍ଲକ୍ ଅଧ୍ୟକ୍ଷଭାବରେ ଦଳୀୟ ସଙ୍ଗଠନକୁ ମଜଭୁତ କରିବାରେ ସକ୍ଷମ ହୋଇପାରିଥିଲେ। କଂଗ୍ରେସଦଳ ଦୁର୍ବଳ ହୋଇଥିଲେ ହେଁ ଭିନ୍ନଭିନ୍ନ ରାଜନୈତିକ ଦଳରେ ସାମିଲହୋଇ ଜନସାଧାରଣଙ୍କ ସେବାକରି ଚାଲିଥିଲେ। ଜଣେ ମିଷ୍ଟଭାଷୀ, ପରୋପକାରୀ, ହୃଦୟବାନ ଜନନେତା ହିସାବରେ ସେ ଅନେକ ସଂଗଠନ ସହିତ ଜଡ଼ିତହୋଇଥିବା ବେଳେ ତାଙ୍କ ନେତୃତ୍ୱରେ ନରଣପୁର ଗ୍ରାମରେ ଏକ ଉଚ୍ଚବିଦ୍ୟାଳୟ ପ୍ରତିଷ୍ଠା ହୋଇପାରିଥିଲା। ଏଥିସହିତ ନରଣପୁର ସାର୍ବଜନୀନ ଦୁର୍ଗାପୂଜା କମିଟିର ଆଜୀବନ ସଭାପତି, ସାଂସଦ ପ୍ରତିନିଧି,ମାଟିଆଳି ସମବାୟସମିତି ପର୍ଚେଜିଂ କମିଟି ସଦସ୍ୟ, ଭଳି ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଲୋକଙ୍କୁ ସେବାଯୋଗାଇ ଆସୁଥିଲେ। ନୀଳଗିରି ଅଞ୍ଚଳରେ ବିଶିଷ୍ଟ ରାଜନେତା ଭାବରେ ପରିଚୟ ସୃଷ୍ଟିକରିଥିବା ସ୍ୱର୍ଗୀୟ ଚୌଧୁରୀଙ୍କ ମୃତ୍ୟୁ ଖବରପାଇ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସ,ନୀଳଗିରି କଂଗ୍ରେସ ସଭାପତି ତପନ କୁମାର ରାଉତଙ୍କ ସମେତ ବହୁନେତା, ବିଶିଷ୍ଟ ବ୍ୟକ୍ତିବିଶେଷ ନରଣପୁରସ୍ଥ ବାସଭବନରେ ଶେଷଦର୍ଶନ କରିଥିଲେ। ଗୁରୁବାର ସକାଳେ ଏକ ଶୋକାକୁଳ ପରିବେଶରେ ଶହଶହ ସଂଖ୍ୟାରେ ଶୁଭେଚ୍ଛୁ ଓ ଗ୍ରାମବାସୀ ଶବ ଶୋଭାଯାତ୍ରାରେ ଯାଇ ପୈତୃକବାଡ଼ିରେ ସଂସ୍କାର କରିଥିଲେ। ଦୁଇପୁଅଙ୍କ ମଧ୍ୟରୁ ସାନପୁଅ ଧନଞ୍ଜୟ ମୁଖାଗ୍ନି ଦେଇଥିବାବେଳେ ଅଞ୍ଚଳରେ ଶୋକାକୁଳ ପରିବେଶ ଦେଖିବାକୁ ମିଳିଥିଲା।

## ମାନସ କୁମାର ପ୍ରଧାନଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଜଳେଶ୍ୱର, ୦୨/୭ (ନି.ପ୍ର): ଭୋଗରାଇ ବ୍ଲକ ବାଲିମ ପଞ୍ଚାୟତ ଅନ୍ତୋରାଇ ସ୍ଥିତ ଶୀତଳା ସୀମାନ୍ତ ଉଚ୍ଚ ବିଦ୍ୟାଳୟ ର ଶିକ୍ଷକ ମାନସ କୁମାର ପ୍ରଧାନ ଓ ଶିକ୍ଷା କର୍ମଚାରୀ ହେମନ୍ତ ଜେନା,ରାଧାବଲ୍ଲଭ ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି।ଏହି ଅବସରରେ ଆୟୋଜିତ ସଭାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଳମଣି ଜେନା ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ବ୍ଲକ ଉପାଧ୍ୟକ୍ଷ ରବିନ୍ଦ୍ର ନାଥ ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଓଷ୍ଟାର ଉତ୍ତର ଭୋଗରାଇ ସମ୍ପାଦକ ବ୍ରଜ ଗୋପାଳ ଦାସ ତଥା ଅନ୍ୟତମ ଅତିଥି ଭାବେ ପ୍ରାକ୍ତନ ଶିକ୍ଷକ ନାରାୟଣ ପ୍ରମାଣିକ,ପ୍ରାକ୍ତନ ସିଆରସିସି ଶ୍ରୀପତି ଦାସ, ସର୍ବେଶ୍ୱର ବେହେରା, ପ୍ରଶାନ୍ତ କୁମାର ଦାସ,ଦେବସ୍ମିତା ସାହୁ,ମମତା ପଚ୍ଚାୟତ,ମଧୁସୂଦନ ଗୋଛାୟତ,ସୁଶାନ୍ତ ଦେ, ସିଦ୍ଧାର୍ଥ ଜେନା, ଜନାର୍ଦ୍ଦନ ଦେ, ପରିଚାଳନା କମିଟି ସଭ୍ୟ ତପନ ପାତ୍ର, ପ୍ରଦୀପ ଜେନା, ଶ୍ରୀଧର ଧଳ, ଗ୍ରାମବାସୀ ସୁଧୀର ସାହୁ,ପ୍ରାକ୍ତନ ଛାତ୍ର ଶଙ୍କର ଗୋଛାୟତ,କରୁଣାସାଗର ପାତ୍ର, ସତ୍ୟ ସୁନ୍ଦର ଗୋଛାୟତ, କାର୍ତ୍ତିକ ଗାଣ, ଶିକ୍ଷା କର୍ମଚାରୀ ଶିବ ଶଙ୍କର ଗାଣ ପ୍ରମୁଖ ଯୋଗଦେଇ ସେମାନଙ୍କ ବକ୍ତବ୍ୟରେ କହିଲେ ଅବସର ନେଉଥିବା ଶିକ୍ଷକ ଶ୍ରୀ ପ୍ରଧାନ ଜଣେ ଆଦର୍ଶ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ଶ୍ରୀ ଜେନା ଓ ଶ୍ରୀ ଦାସ ବିଦ୍ୟାଳୟର ଜଣେ ଜଣେ କର୍ମଠ କର୍ମଚାରୀ ଥିଲେ ବୋଲି ଅଭିହିତ କରିଥିଲେ।ଏହି ଅବସରରେ ଏହି ୩ ଜଣଙ୍କୁ ଉଚ୍ଛୁସିତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଶେଷରେ କଳ୍ପତରୁ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସଭା ପରେ ଶିକ୍ଷକ ଶ୍ରୀ ପ୍ରଧାନଙ୍କୁ ଏକ ଶୋଭାଯାତ୍ରା ରେ ତାଙ୍କ ଗାଁ ବଡମନ୍ଦାରୁଣୀ ଯାଏଁ ଅଣା ଯାଇଥିବା ବେଳେ ସେଠାରେ ତାଙ୍କ ପରିବାର ପକ୍ଷରୁ ମଧ୍ୟ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସଭାରେ ଡାକ୍ତର ଲଲାଟେନ୍ଦୁ ଦାସ ଅଧ୍ୟକ୍ଷତା କରିଥିବା ବେଳେ ଅତିଥି ଭାବେ ସମ୍ବାଦ ସାହିତ୍ୟ ଘର ଜଳେଶ୍ୱର ଶାଖା ସଭାପତି ତଥା ପ୍ରଧାନ ଶିକ୍ଷକ ସୁଶାନ୍ତ ଦାସ, ପ୍ରାକ୍ତନ ଫାର୍ମାସିଷ୍ଟ ଶଶିକାନ୍ତ ଜେନା,ପ୍ରଧାନ ଶିକ୍ଷୟିତ୍ରୀ ଆଶାଲତା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଭଦ୍ରକ ପକ୍ଷରୁ ଦହପାଣିଆ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ, ୦୨/୭ (ନି.ପ୍ର): ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ତିହିଡି ସ୍ଥିତ ଦହପାଣିଆ ଉଚ୍ଚବିଦ୍ୟାଳୟ ପରିସରରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ, ଶ୍ରୀ ଲଲାଟେନ୍ଦୁ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ଡ଼ କାଳିପଦ ଦାସ ମଞ୍ଚ ସଂଚାଳନା କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପୁଣ୍ୟଶ୍ଲୋକ ରଥ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକାରୀ, ଭଦ୍ରକ, ଶ୍ରୀ ଅଂଶୁମାନ ଦ୍ୱିବେଦୀ, ତିହିଡି ବ୍ଲକ ସମ୍ପ୍ରସାରଣ ଅଧିକାରିଣୀ, ସୌମ୍ୟା ସୁଚରିତା ମହାନ୍ତି, ସାମାଜିକ କର୍ମୀ, ଭଦ୍ରକ, ଶ୍ରୀ ରମ ଚନ୍ଦ୍ର ନାୟକ, ପ୍ରତିପକ୍ଷ ପ୍ରତିପକ୍ଷ ଅଧୀବକ୍ତା, ବହ୍ନିଶିଖା ବିଶ୍ୱାଳ, ତଥା ବିଦ୍ୟାଳୟର ଅନ୍ୟାନ୍ୟ ଶିକ୍ଷକ ଏବଂ ଶିକ୍ଷୟିତ୍ରୀ ଗଣ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ସଚେତନତା କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୌନ ଉତ୍ପୀଡ଼ନ ସୁରକ୍ଷା (ପୋଷ) ଆଇନ ଏବଂ ଏହାର ବିଭିନ୍ନ ବ୍ୟବସ୍ଥା ଏବଂ ଏସ୍.ସି. ଏବଂ ଏସ୍.ଟି. ଙ୍କ ନିମନ୍ତେ ଥିବା ଯୋଜନା ଆଇନ ଉପରେ ପିଲାମାନଙ୍କୁ ସଚେତନ କରାଇବା। ଏହି ପରିପ୍ରେକ୍ଷିରେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଏକ ତର୍କ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଯୌନ ଉତ୍ପୀଡ଼ନ ସଚେତନତା କାର୍ଯ୍ୟକ୍ରମ ଦ୍ୱାରା ଛାତ୍ରଛାତ୍ରୀମାନଙ୍କୁ ଆନୁଷ୍ଠାନିକ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଓଉଉ) ସହିତ ପରିଚିତ କରାଏ ଏବଂ ଏକ ସ୍ୱଚ୍ଛ ଅଭିଯୋଗ ପ୍ରଣାଳୀ ପ୍ରତିଷ୍ଠା କରେ, ଯାହା ଛାତ୍ରଛାତ୍ରୀମାନଙ୍କୁ ସୁରକ୍ଷା ଦେବା ସହିତ ସମସ୍ତ ଆଇନଗତ ଆବଶ୍ୟକତାକୁ ପୂରଣ କରିଥାଏ। ଆଜିକାଲି ଛାତ୍ରଛାତ୍ରୀମାନେ ମୋବାଇଲର ସଦୁପଯୋଗ ଠାରୁ ଦୁରୁପଯୋଗ ବହୁତ କରୁଛନ୍ତି, ଉପସ୍ଥିତ ଅତିଥି ଗଣ ପିଲାମାନଙ୍କୁ କହିଥିଲେ ଯେ, ସମାଜରେ ଭଲ ମଣିଷ ହେବା ପାଇଁ ହେଲେ ମୋବାଇଲରୁ ଭଲ ଶିକ୍ଷା ଗ୍ରହଣ କରନ୍ତୁ । ପରିଶେଷରେ ବନ ମହୋତ୍ସବ ସପ୍ତାହ ଅବସରରେ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମୀଗଣ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ ପ୍ରଧାନ ଶିକ୍ଷକ ଶ୍ରୀ ଦାସ ସମସ୍ତ ବ୍ୟକ୍ତିବିଶେଷଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ବସ୍ତା ତହସିଲ ପକ୍ଷରୁ ଜବରଦଖଲ ଉଚ୍ଛେଦ: ବର୍ଷାରେ ଜଳମଗ୍ନ ହେଉଥିବା ଅଞ୍ଚଳବାସୀଙ୍କୁ ମିଳିଲା ଆଶ୍ୱସ୍ତି



ବସ୍ତା , ୦୨/୭ (ନି.ପ୍ର): ପାଣି ନିଷ୍କାସନ ନାଳ ଜମିକୁ ଜବର ଦଖଲ କରି ବେଆଇନ ଭାବେ ରାସ୍ତା ଓ ଘର ନିର୍ମାଣ କରିଥିବା ଅଭିଯୋଗରେ ବୁଧବାର ବସ୍ତା ତହସିଲ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି ।ବସ୍ତା ବ୍ଲକ ଅନ୍ତର୍ଗତ ରଘୁନାଥପୁର ପଞ୍ଚାୟତର ଗିଲା ଯୋଡ଼ି ଗ୍ରାମରେ ଥିବା ସରକାରୀ ପାଣି ନିଷ୍କାସନ ନାଳର ପ୍ରାୟ ୧୩ ଡିସମିଲ ଏରିଆକୁ ସେହି ଗ୍ରାମର ବାଇଧର ଜେନାଙ୍କ ପୁଅ ପ୍ରଦୀପ ମାଟି ପକାଇ ପୋତି ଦେଇଥିଲେ। ସେହି ଜାଗାରେ ସେ କଂକ୍ରିଟ ରାସ୍ତା, ଗୁହାଳଘର ପକ୍କାଘର ନିର୍ମାଣ କରିଥିଲେ, ପରେ ସେଠାରେ ବେଆଇନ ଭାବେ ବାଲି ଗଛିତ କରି ଚୋରା ଚାଲାଣ କରୁଥିଲେ। ନାଳ ବନ୍ଦ ହୋଇଯିବାରୁ ବର୍ଷା ଋତୁରେ ଆଖପାଖ ଗାଁର ପାଣି ନିଷ୍କାସନ ହୋଇପାରୁ ନଥିଲା। ଫଳରେ ପ୍ରତିବର୍ଷ ଚାଷ ଜମି ଓ ଘରଦ୍ୱାର ଜଳମଗ୍ନ ହୋଇଯାଉଥିଲା। ଏନେଇ ଗ୍ରାମବାସୀ ବାର ମ୍ବାର ବସ୍ତା ତହସିଲଦାରଙ୍କ ନିକଟରେ ଅଭି ଯୋଗ କରିଆସୁ ଥିଲେ। ଜବରଦଖଲକାରୀଙ୍କୁ ଗତ ୧୫ ଦିନ ପୂର୍ବରୁ ନିଜେ ସେମାନଙ୍କ ନିର୍ମାଣ ଭାଙ୍ଗିବା ପାଇଁ ତହସିଲ ପକ୍ଷରୁ ନୋଟିସ ଜାରି ହୋଇଥିଲା, କିନ୍ତୁ ପ୍ରଦୀପ ତାହା ମାନିନଥିଲେ। ସକାଳେ ବସ୍ତା ଅତିରିକ୍ତ ତହସିଲଦାର ପିଜ୍ୟୁସକାନ୍ତ ପ୍ରଧାନ, ରାଜସ୍ୱ ନିରୀକ୍ଷକ ମନୋଜ ସେଠି ଓ ସିଂଲା ପୋଲିସର ଏକ ପ୍ଲାଟୁନ ଫୋର୍ସ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଜେସିବି ମେସିନ ସାହାଯ୍ୟରେ ବେଆଇନ ରାସ୍ତାକୁ ଖୋଲି ନାଳାକୁ ପୂର୍ବ ଅବସ୍ଥାକୁ ଫେରାଯାଇଛି। ସେହିପରି ବେଆଇନ ସମସ୍ତ ନିର୍ମାଣକୁ ମଧ୍ୟ ଭଙ୍ଗାଯାଇଛି। ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଥିବା ଏହି ଅଭିଯାନରେ ପ୍ରାୟ ୧୩ ଡିସମିଲ ସରକାରୀ ଜମି ଉଦ୍ଧାର ହୋଇଛି ।ଉଚ୍ଛେଦ ପରେ ଗ୍ରାମବାସୀ ତହସିଲ ପ୍ରଶା ସନକୁ କୃତଜ୍ଞତା ଜଣାଇଛନ୍ତି ।ଗ୍ରାମବାସୀ କହିଛନ୍ତି ଦୀର୍ଘ ବର୍ଷ ହେଲା ଆମ ଜମିରେ ପାଣି ଅଟକି ରହୁଥିଲା, ଏବେ ନାଳ ଖୋଲି ଯିବାରୁ ଆଉ ଆମ ଫସଲ ନଷ୍ଟ ହେବନାହିଁ କି ଯିବା ଆସିବାରେ ଅସୁବିଧା ହେବନି। ବସ୍ତା ତହସିଲ ପକ୍ଷରୁ ସୂଚନା ଦିଆଯାଇଛି ,ସରକାରୀ ନାଳ,ଗୋଚର,ଅନାବାଦି ଓ ଜଳାଶୟ ଜମିକୁ କେହି ଜବରଦଖଲ କରିପାରିବେ ନାହିଁ ।ବସ୍ତା ଅଞ୍ଚଳରେ ଯେଉଁଠି ବି ଏଭଳି ଅଭିଯୋଗ ଆସିବ,ସେଠାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆ ଯିବ ।ଉକ୍ତ ଉଚ୍ଛେଦ ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନଥିଲା।

## ମଣିପୁରର କାମଜୋଙ୍ଗ ଗ୍ରାମରେ ଅଗ୍ନିକାଣ୍ଡ ପଛରେ ସଶସ୍ତ୍ର ଗୋଷ୍ଠୀ: କିମ୍

ନୂଆଦିଲ୍ଲୀ,୨/୭ : ମଣିପୁରର କୁକି ଜନଜାତିର ପ୍ରତିନିଧିତ୍ୱ କରୁଥିବା ମୁଖ୍ୟ ସଂସ୍ଥା କୁକି ଇନପି ମଣିପୁର (କେଆଇଏମ) ବୁଧବାର କାମଜୋଙ୍ଗ ଜିଲ୍ଲାର ଫାଇମୋଲ ଗ୍ରାମରେ ଘଟିଥିବା ଅଗ୍ନିକାଣ୍ଡ ଘଟଣାକୁ ଦୃଢ଼ ନିନ୍ଦା କରିଛି। ଏହି ସଂଗଠନ ଅଭିଯୋଗ କରିଛି ଯେ ତାଙ୍ଗଖୁଲ୍ ନେତୃତ୍ୱାଧୀନ ଏନ୍. ଏସ୍. ସି. ଏନ୍.-ଆଇ. ଏମ୍. ଏବଂ ମିଆଁମାରର ସାନି ନେସନାଲିଟିଜ୍ ଆର୍ମି (ଏସ୍. ଏନ୍. ଏ.) ର ସଶସ୍ତ୍ର ସଦସ୍ୟମାନେ ଏହି ଆକ୍ରମଣ ପାଇଁ ଦାୟୀ। ଏହି ଘଟଣାକୁ ରାଜ୍ୟର ପାହାଡ଼ିଆ ଜିଲ୍ଲାର କୁକି ଗ୍ରାମକୁ ଟାର୍ଗେଟ କରୁଥିବା ହିଂସାକାଣ୍ଡର ଏକ ଅଂଶ ବୋଲି ଦର୍ଶାଇ, ପରିସ୍ଥିତିର ଆହୁରି ଅବନତି ରୋକିବା ପାଇଁ କେନ୍ଦ୍ର ଏବଂ ମଣିପୁର ସରକାରଙ୍କ ତୁରନ୍ତ ହସ୍ତକ୍ଷେପ ପାଇଁ କେ. ଆଇ. ଏମ୍. ଅନୁରୋଧ କରିଛି। ସଂଗଠନ ଅନୁଯାୟୀ, ଏହି ସଦ୍ୟତମ ଘଟଣାରେ ଫାଇମୋଲ ଗ୍ରାମ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଥିଲା। ତାଙ୍ଗଖୁଲ୍ ବହୁଳ ଅଂଚଳରେ କୁକି ଜନବସତି ଉପରେ କ୍ରମାଗତ ଆକ୍ରମଣ ମଧ୍ୟରେ ଏହା ଆଉ ଏକ ଘଟଣା ବୋଲି ସୂଚନା ମିଳିଥିଲା। ଏହି ଘଟଣାର ପାରିପାର୍ଶ୍ୱିକ ପରିସ୍ଥିତିକୁ ନେଇ କେ. ଆଇ. ଏମ୍. ମଧ୍ୟ ଚିନ୍ତା ବ୍ୟକ୍ତ କରିଛି।

## ୬୪ତମ ରାଜ୍ୟସ୍ତରୀୟ ଫସଲ ବୀମା ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୦୨/୭ (ନି.ପ୍ର): ଲୋକସେବା ଭବନଠାରେ ଗୁରୁବାର ୬୪ତମ ରାଜ୍ୟସ୍ତରୀୟ ଫସଲ ବୀମା ସମନ୍ୱୟ କମିଟି (ଏସ୍ଏଲ୍ସିସିସିଆଇ) ବୈଠକ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ଖରିଫ-୨୦୨୬ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାର ନିରବଚ୍ଛିନ୍ନ ଓ ଫଳପ୍ରଦ କାର୍ଯ୍ୟକାରିତା ସହ ବିଭିନ୍ନ ନୀତିଗତ ପ୍ରସଙ୍ଗ ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ବୈଠକରେ କେନ୍ଦ୍ର ସରକାରଙ୍କ ପରାମର୍ଶ ଅନୁଯାୟୀ ଖରିଫ-୨୦୨୬ରେ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାକୁ ପୂର୍ବପରି ଜାରି ରଖିବା, ରାଜ୍ୟରେ ପ୍ରଚଳିତ ୬୦:୧୩୦ କପ ଓ କ୍ୟାପ ମଡେଲ ମଡେଲ୍ ଏବଂ ସ୍ଥାନୀୟ ବିପର୍ଯ୍ୟୟ ଓ ଅମଳ ପରବର୍ତ୍ତୀ କ୍ଷତି ଉପରେ ଏକ ବିସ୍ତୃତ ଆଲୋଚନା ହୋଇଥିଲା। ପାଣିପାଗ ସୂଚନା ନେଟୱାର୍କ ଏବଂ ତଥ୍ୟ ପ୍ରଣାଳୀ ((ଡବ୍ଲୁଆଇ ଏନଡିଏସ) ପ୍ରକଳ୍ପ ଅଧୀନରେ ରାଜ୍ୟରେ ସ୍ୱୟଂଚାଳିତ ପାଣିପାଗ କେନ୍ଦ୍ର ଓ ବର୍ଷା ପରିମାପକ ସ୍ଥାପନ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଉପଯୁକ୍ତ ସ୍ଥାନ ଚିହ୍ନଟ ପାଇଁ ଜିଲ୍ଲା ପ୍ରଶାସନକୁ ଆବଶ୍ୟକ ପଦକ୍ଷେପ ନେବାକୁ ଶ୍ରୀମତୀ ଗର୍ଗ ପରାମର୍ଶ ଦେଇଥିଲା।

## ବସ୍ତା ଅଞ୍ଚଳରେ ବିଦ୍ୟୁତ ସେବାର ଉନ୍ନତି ଏବଂ ଉପଭୋକ୍ତାଙ୍କ ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ଦାବିପତ୍ର

ବସ୍ତା , ୦୨/୭ (ନି.ପ୍ର): ବସ୍ତା ବିଦ୍ୟୁତ ଉପଭୋକ୍ତା ମଞ୍ଚ ପକ୍ଷରୁ ବିଦ୍ୟୁତ ବିଭାଗ ଉପଖଣ୍ଡ ଅଧିକାରୀଙ୍କୁ ବିଦ୍ୟୁତ ସମସ୍ୟାକୁ ନେଇ ଏକ ଦାବି ପ୍ରଦାନ କରିଛନ୍ତି। ବିଭାଗର ବିଭିନ୍ନ ସମସ୍ୟା ନେଇ ବସ୍ତା ଅଞ୍ଚଳର ବିଦ୍ୟୁତ ଉପଭାକ୍ତା ମାନେ ଦୀର୍ଘଦିନ ଧରି ବିଭିନ୍ନ ସମସ୍ୟାର ଲାଗି ରହିଥିବାରୁ ଉପଭୋକ୍ତାମାନେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ବିଦ୍ୟୁତ ବିଭ୍ରାଟ, ଲୋ ଭୋଲଟ୍ଟେଜ, ଅଭିଯୋଗର ତୁରନ୍ତ ସମାଧାନ ନ ହେବା,ନୂଆ ବିଦ୍ୟୁତ ଖୁଣ୍ଟି ଓ ଲାଇନ ବିସ୍ତାରରେ ବିଳମ୍ବ,ଟ୍ରାନ୍ସଫର୍ମର ମରାମତି କିମ୍ବା ପରିବର୍ତ୍ତନରେ ଅବହେଳା ଆଦି କାରଣରୁ ସାଧାରଣ ଜନତା ଅତ୍ୟନ୍ତ ହଇରାଣ ହରକତ ହେଉଛନ୍ତି ।ଏଣୁ ବିଦ୍ୟୁତ ଉପଭୋକ୍ତା ମଞ୍ଚ,ବସ୍ତା ପକ୍ଷରୁ ନିମ୍ନଲିଖିତ ଦାବିଗୁଡ଼ିକ ଉପରେ ତୁରନ୍ତ ପଦ କ୍ଷେପ ନେବା ପାଇଁ ଦାବି କରିଛନ୍ତି। ଅଞ୍ଚଳରେ ନିରବଚ୍ଛିନ୍ନ ଓ ଗୁଣାତ୍ମକ ବିଦ୍ୟୁତ ସେବା ପ୍ରଦାନ କରାଯାଉ ।ବାରମ୍ବାର ବିଦ୍ୟୁତ କାଟ ଓ ଲୋ-ଭୋଲଟ୍ଟେଜ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉ ।ନୂଆ ବିଦ୍ୟୁତ ଖୁଣ୍ଟି, ଲାଇନ ବିସ୍ତାର ଓ ଟ୍ରାନ୍ସଫର୍ମର ସ୍ଥାପନ କାର୍ଯ୍ୟ ଶୀଘ୍ର ସମ୍ପନ୍ନ କରାଯାଉ ।ଉପଭୋକ୍ତାଙ୍କ ଅଭିଯୋଗର ନିର୍ଦ୍ଧାରିତ ସମୟ ମଧ୍ୟରେ ସମାଧାନ କରା ଯାଉ ବୋଲି ବସ୍ତା ଉପଖଣ୍ଡ ଅଧିକାରୀଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି ।ବିଦ୍ୟୁତ କର୍ମଚାରୀ ଓ ଅଧିକାରୀ ମାନେ ଉପ ଭୋକ୍ତାଙ୍କ ସହ ସୌଜନ୍ୟ ମୂଳକ ବ୍ୟବହାର,ବିଦ୍ୟୁତ ଖୁଣ୍ଟି,ତାର ଓ ଅନ୍ୟାନ୍ୟ ବିପଦଜନକ ସ୍ଥାନ ଗୁଡ଼ିକର ତୁରନ୍ତ ମରାମତି କରାଯାଇ ଜନସାଧାରଣଙ୍କ ସୁରକ୍ଷା ସୁନିଶ୍ଚିତ କରାଯାଉ। ବିଦ୍ୟୁତ ବିଲ ସମ୍ବନ୍ଧୀୟ ଅଭିଯୋଗ ଗୁଡ଼ିକର ସ୍ୱଚ୍ଛ ଓ ଶୀଘ୍ର ସମାଧାନ କରାଯାଉ।

## ପୋଷଣ ଅଭିଯାନ ଓ ଓଜନ ଉତ୍ସବ ୨୦୨୬-୨୭ ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା , ୦୨/୭ (ନି.ପ୍ର): ଜିଲ୍ଲା ସମାଜ କଲ୍ୟାଣ ବିଭାଗ ଆନୁକୂଲ୍ୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଯୋଜନା ପୋଷଣ ଅଭିଯାନ, 'ଓଜନ ଉତ୍ସବ-୨୦୨୬-୨୭' ପ୍ରଥମ ପର୍ଯ୍ୟାୟ ପ୍ରସ୍ତୁତି ବୈଠକ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ କୁସୁମ କୁମାରୀ ପ୍ରହରାଜ ବୈଠକରେ ସଂଯୋଜନା କରିଥିଲେ । ଏଥି ସହ ଶ୍ରୀମତୀ ପ୍ରହରାଜ ଜିଲ୍ଲାର ସମସ୍ତ ଅଙ୍ଗନୱାଡ଼ି ସୁପରଭାଇଜର, ଶିଶୁ କଲ୍ୟାଣ ପ୍ରକଳ୍ପ ଅଧିକାରୀ ମାନଙ୍କ ସହ ଚଳିତ ଜୁଲାଇ ୧ ତାରିଖରୁ ୨୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ୦ ରୁ ୦୬ ବର୍ଷର ଶିଶୁ ମାନଙ୍କ ଓଜନ ଉତ୍ସବର ବିସ୍ତୃତ କାର୍ଯ୍ୟାବଳୀ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ଚଳିତ ଆର୍ଥିକ ବର୍ଷର ପ୍ରଥମ ପର୍ଯ୍ୟାୟ ଓଜନ ଉତ୍ସବ ଚଳିତ ଜୁଲାଇ ମାସ ୧ ରୁ ୨୫ ତାରିଖ ମଧ୍ୟରେ ଜିଲ୍ଲାର ସମସ୍ତ ଅଙ୍ଗନୱାଡି କେନ୍ଦ୍ରରେ ବିଭିନ୍ନ ସହଯୋଗୀ ବିଭାଗର ସହଭାଗିତାରେ ଆୟୋଜନ କରାଯିବ । ଜନ୍ମରୁ ୬ ବର୍ଷ ପର୍ଯ୍ୟନ୍ତ ସମସ୍ତ ଶିଶୁଙ୍କୁ ପିତାମାତା, ଶିଶୁର ଯତ୍ନ ନେଉଥିବା ବ୍ୟକ୍ତି ବିଶେଷ ନିକଟସ୍ଥ ଅଙ୍ଗନୱାଡି କେନ୍ଦ୍ରରେ ନିଜ ଶିଶୁର ଓଜନ ଏବଂ ଉଚ୍ଚତା ମାପ କରାଇବେ । ଉତ୍ସବରେ ଶିଶୁର ପୋଷଣ ସ୍ଥିତି ଚିହ୍ନଟ ହେବା ପରେ ଆବଶ୍ୟକ ଚିକିତ୍ସା କିମ୍ବା ଗୋଷ୍ଠୀ ସ୍ତରରେ ଯତ୍ନ ଅଙ୍ଗନୱାଡ଼ି ସୁପରଭାଇଜରଙ୍କ ମାଧ୍ୟମରେ ଗ୍ରହଣ କରାଯିବ। ବାଦ ପଡ଼ିଯାଇଥିବା ତଥା ଅପହଞ୍ଚ କିମ୍ବା ଦୁର୍ଗମ ଅଞ୍ଚଳର ଶିଶୁ ମାନଙ୍କ ଶତ ପ୍ରତିଶତ ଓଜନ ଏବଂ ଉଚ୍ଚତା ଆକଳନକୁ ସୁନିଶ୍ଚିତ କରାଯିବା ଏହି ମହତ୍ କାର୍ଯ୍ୟର ଲକ୍ଷ ଅଟେ ବୋଲି ବୈଠକର ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ପ୍ରକାଶ କରି କାର୍ଯ୍ୟରେ ସଂପୃକ୍ତ ଅଙ୍ଗନୱାଡ଼ି କର୍ମୀ,ସୁପରଭାଇଜର, ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ବିଭାଗ ସମସ୍ତେ ନିଷ୍ଠାପର ଭାବେ ସେବା ପ୍ରଦାନ କରି ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଶିଶୁ ମାନଙ୍କ ସୁସ୍ଥ ଶରୀର ଗଠନ ଦିଗରେ ଉତ୍ସର୍ଗୀ କୃତ ଯୋଗଦାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଜନସାଧାରଣ ମାନେ ପୋଲିସ ହେଲ୍ପ ଲାଇନ ୧୧୨, ମହିଳା ହେଲ୍ପଲାଇନ ୧୮୧ ଏବଂ ଶିଶୁ ହେଲ୍ପ ଲାଇନ ୧୦୯୮ ରେ ଯୋଗାଯୋଗ କରିବାକୁ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି ବୋଲି ସେ ପ୍ରକାଶ କରିଥିଲେ । ଏଠାରେ ପ୍ରକାଶ ଥାଉକି ଗଭୀର ଭାବରେ ବୃଦ୍ଧିରେ ପ୍ରଭାବ ପଡ଼ିଥିବା ୩୩୧୦ ଶିଶୁ ମାନଙ୍କର ଅଗ୍ରାଧିକାର ଭିତ୍ତିରେ ସର୍ଭେ କରାଯିବ । ସେହିପରି ଅଧ୍ୟକ୍ଷ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଜିଲ୍ଲାସ୍ତରୀୟ ସଂଶୋଧିତ ପରିବର୍ଦ୍ଧିତ ଖାଦ୍ୟ ତାଲିକା ଖର୍ଚ୍ଚ ନିୟମ ଉପରେ ପୁଙ୍ଖାନୁପୁଙ୍ଖ ବକ୍ତବ୍ୟ ପ୍ରଦାନ କରିଥିଲେ । ବୈଠକରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଜୟ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଉପ ପରିଚାଳିକା , ପରିବର୍ଦ୍ଧିତ ଶିଶୁ ଯତ୍ନ, ରୋଜାଲିନ ମହାପାତ୍ର, କାର୍ଯ୍ୟକ୍ରମ ପରିଚାଳିକା ସୌଦାମିନୀ ଦାଶ, ଅନୁପମା ଭୋଇ, ଦେବକୀ ସାହୁଙ୍କ ସମେତ ସମସ୍ତ ଅଙ୍ଗନୱାଡ଼ି ସୁପରଭାଇଜର ଓ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ମାନେ ଯୋଗ ଦେଇଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida